# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 1/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 69 | ମୂଲ୍ୟ ₹୭/-


# ୬.୮% ଜିଡିପି: ମାନ୍ଦା ହେଉଛି ଅର୍ଥନୀତି

**ବୈଶ୍ୱିକ ଆର୍ଥନୀତିକ ମାନ୍ଦାବସ୍ଥାର ପ୍ରଭାବ ପ୍ରାୟ ସବୁ ଦେଶ ଉପରେ ପଡ଼ୁଛି। ଚଳିତ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ୬.୪ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ୪ ବର୍ଷ ମଧ୍ୟରେ ସର୍ବନିମ୍ନ। ଶୁକ୍ରବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟରେ ୨୦୨୪-୨୫ ଆର୍ଥିକ ବର୍ଷ ସମ୍ବନ୍ଧୀୟ ଉପସ୍ଥାପନ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଏହା ଜଣାପଡ଼ିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୬.୩ରୁ ୬.୮ ପ୍ରତିଶତ ମଧ୍ୟରେ ରହିବ ବୋଲି କୁହାଯାଇଛି। ଏଭଳି ଆକଳନକୁ ଦେଖିଲେ ଗତ ଆର୍ଥିକ ବର୍ଷରେ କରାଯାଇଥିବା ହିସାବଠାରୁ ଜିଡିପି ପ୍ରତିଶତ (୬.୩ %କୁ) କମିଯାଇଛି। ଏବର ସ୍ଥିତି ଦେଖିଲେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହୋଇଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ତେଣୁ ୨୦୨୫-୨୬ ଆର୍ଥିକ ବର୍ଷରେ ଆକଳନ କରାଯାଇଥିବା ଅଭିବୃଦ୍ଧି ସାମଗ୍ରିକ ସୂଚକାଙ୍କକୁ ଅନିଶା କଲେ ଅର୍ଥନୀତି ମାନ୍ଦା ହେବାର ସଙ୍କେତ ଦେଲାଣି।**




**ନୂଆଦିଲ୍ଲୀ,୩୧।୧(ପି.ଟି.)**

୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୬.୩ରୁ ୬.୮ ପ୍ରତିଶତ ମଧ୍ୟରେ ରହିବ ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି। ତେବେ ଭାରତକୁ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ୨ ଦଶନ୍ଧି ଯାଏ ହାରାହାରି ୮ ପ୍ରତିଶତ ଅଭିବୃଦ୍ଧି ଆବଶ୍ୟକ ବୋଲି କୁହାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ବଜେଟ ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟରେ ୨୦୨୪-୨୫ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାର୍ଲାମେଣ୍ଟର ଉଭୟ ଗୃହର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେବା ପରେ ଅର୍ଥମନ୍ତ୍ରୀ ସର୍ଭେ ରିପୋର୍ଟ ଉପସ୍ଥାପନ କରିଥିଲେ।

ସର୍ଭେରେ କୁହାଯାଇଛି, ବୈଶ୍ୱିକ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବାକୁ ହେଲେ ରଣନୀତିକ ତଥା ବିବେକପୂର୍ଣ୍ଣ ନୀତି ପରିଚାଳନା ଆବଶ୍ୟକ। ଏଥିସହ ଦେଶର ମୂଳଭିତ୍ତିକୁ ସୁଦୃଢ଼ କରିବାକୁ ହେବ। ଚଳିତ ଆର୍ଥିକ ବର୍ଷରେ ଦେଶର ଆର୍ଥିକ ଅଭିବୃଦ୍ଧି ୬.୪ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ୪ ବର୍ଷ ମଧ୍ୟରେ ସର୍ବନିମ୍ନ। ଦୀର୍ଘମିଆଦୀ ଅଭିବୃଦ୍ଧି ପାଇଁ ୨୦୨୪-୨୫ ବଜେଟରେ ବହୁକ୍ଷେତ୍ରୀୟ ନୀତି ଯୋଜନା ପ୍ରସ୍ତୁତ ହୋଇଥିଲା। ବ୍ୟବସାୟିକ ଅଭିବୃଦ୍ଧି ଆଶା ସହ ଉନ୍ନତର ସାଧାରଣ କ୍ୟାପେକ୍ସ

☞ପୃଷ୍ଠା-୪


No. T-

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୦୩।୦୨।୨୦୨୫ରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୩୧।୦୧।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0057/2425


## ଆଜି ସାଧାରଣ ବଜେଟ

**ନୂଆଦିଲ୍ଲୀ,୩୧।୧(ପି.ଟି.)**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ପୂର୍ବାହ୍ନ ୧୧ଟାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପାର୍ଲାମେଣ୍ଟରେ ସାଧାରଣ ବଜେଟ ଉପସ୍ଥାପନ କରିବେ। କ୍ରମାଗତ ଅଷ୍ଟମ ଥର ପାଇଁ ସେ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି।






## ଭୁବନେଶ୍ୱରର ସମନ୍ୱିତ ବିକାଶ, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୭ ହଜାର କୋଟି

**ଭୁବନେଶ୍ୱର, ୩୧।୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ପୂର୍ତ୍ତ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷାକରି ରାଜ୍ୟ ସରକାରଙ୍କ ପକ୍ଷରୁ ପରିକଳ୍ପିତ ବିଭିନ୍ନ ନୂତନ ପ୍ରକଳ୍ପଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ବଜେଟ ପରିମାଣର ୭୨% ଖର୍ଚ୍ଚ ହୋଇଥିବା ବେଳେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଶତ ପ୍ରତିଶତ ଖର୍ଚ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଓ ଟ୍ରାଫିକ୍ ଭିଡ଼ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଏଥିଲାଗି ପ୍ରାୟ ୭ ହଜାର କୋଟି ଟଙ୍କା ବିନିଯୋଗ କରାଯିବାକୁ ସ୍ଥିର କରାଯାଇଥିବା ଜଣାପଡ଼ିଛି।


ଆଲୋଚନା ଅନୁଯାୟୀ, ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେଶନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିୟମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏଓଭର ବ୍ରିଜ୍ ସହ ଏଜି ଛକରେ ଏକ ଅଣ୍ଡରପାସ୍

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ପେନ୍‌ସନ ବ୍ୟୟ ବୋଝ










## ସଂକ୍ଷେପରେ

### ଲୋକ ସଭା ନିର୍ବାଚନରେ ୧,୭୩୭ କୋଟି ବ୍ୟୟ କରିଛି ଭାଜପା

ନୂଆଦିଲ୍ଲୀ,୩୧।୧

୨୦୨୪ ଲୋକସଭା ନିର୍ବାଚନରେ ଭାଜପା ୧,୭୩୭.୬୮ କୋଟି ଟଙ୍କା ବ୍ୟୟ କରିଛି। ନିର୍ବାଚନ କମିଶନଙ୍କ ନିକଟରେ ଶାସକ ଦଳ ଦାଖଲ କରିଥିବା ବ୍ୟୟ ରିପୋର୍ଟରୁ ଏହା ଜଣାପଡ଼ିଛି। ଦଳର ପ୍ରଚାରରେ ମୋଟାମୋଟି ୮୮୪.୪୫ କୋଟି ଟଙ୍କା ବ୍ୟୟ ହୋଇଥିବାବେଳେ ପ୍ରାର୍ଥୀମାନଙ୍କୁ ନିର୍ବାଚନ ଖର୍ଚ୍ଚ ବାବଦରେ ୮୫୩.୨୩ କୋଟି ଟଙ୍କା ଦିଆଯାଇଥିଲା। ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ବିଜ୍ଞାପନ, ଏସ୍ଏମ୍ଏସ୍ କ୍ୟାମ୍ପେନ୍, କେବୁଲ, ୱେବ୍ସାଇଟ୍ ଏବଂ ଟିଭି ଚ୍ୟାନେଲରେ ପ୍ରଚାରଧର୍ମୀ ବିଷୟବସ୍ତୁର ପ୍ରସାରଣ ଲାଗି ୬୧୧.୫୦ କୋଟି, ପୋଷ୍ଟର, ବ୍ୟାନର, ହୋର୍ଡିଂ, ପତାକା ଆଦି ପ୍ରଚାର ସାମଗ୍ରୀ ବାବଦରେ ୫୫.୭୫ କୋଟି ଟଙ୍କା ଏବଂ ସଭା, ଶୋଭାଯାତ୍ରା, ରାଲି ଆୟୋଜନ, ବ୍ୟାରିକେଡ୍, ଯାନ ଆଦି ବାବଦରେ ୧୯.୮୪ କୋଟି ଟଙ୍କା ବ୍ୟୟ ହୋଇଥିଲା। ତାରକା ପ୍ରଚାରକମାନଙ୍କ ଗସ୍ତରେ ୧୬୮.୯୨ କୋଟି ଓ ଅନ୍ୟ ନେତାମାନଙ୍କ ଗସ୍ତ ବାବଦରେ ୨.୫୩ କୋଟି ବ୍ୟୟ ହୋଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି।

### ଟ୍ରକ୍-ପିକ୍ଅପ୍ ଭ୍ୟାନ୍ ଧକ୍କାରେ ୯ ମୃତ

ଚଣ୍ଡିଗଡ଼,୩୧।୧

ପଞ୍ଜାବର ଫିରୋଜପୁର ଜିଲା ଅନ୍ତର୍ଗତ ଗୋଲୁ କା ମୌର ଗ୍ରାମ ନିକଟରେ ଶୁକ୍ରବାର ଏକ ପିକ୍ଅପ୍ ଭ୍ୟାନ୍ ଏବଂ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଅନ୍ୟୂନ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ୧୧ ଜଣ ଆହତ ହୋଇଛନ୍ତି। ମହିନ୍ଦ୍ରା ପିକ୍ଅପ୍ ଭ୍ୟାନ୍ଟି ଜଲାଲାବାଦରୁ ୨୦ ଜଣ ଶ୍ରମିକଙ୍କୁ ନେଇ ଫେରୁଥିବାବେଳେ କ୍ୟାଣ୍ଟର ଟ୍ରକ୍କୁ ଧକ୍କା ଦେଇଥିଲା। ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଆହତମାନଙ୍କୁ ଫରିଦ୍କୋଟସ୍ଥିତ ଗୁରୁ ଗୋବିନ୍ଦ ସିଂ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।



ବଜେଟ ଅଧିବେଶନର ପ୍ରଥମ ଦିନରେ ସଂସଦ ଭବନର ମିଳିତ ଅଧିବେଶନକୁ ସମ୍ବୋଧନ କରିବା ପୂର୍ବରୁ ଲନ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି। ନିକଟରେ ଅଛନ୍ତି ଉପରାଷ୍ଟ୍ରପତି ଜଗଦୀପ ଧନକର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



କେନ୍ଦ୍ରୀୟ ବଜେଟ ୨୦୨୫-୨୬ ଉପସ୍ଥାପନର ଦିନକ ପୂର୍ବରୁ ଏହାକୁ ଶେଷ ସ୍ପର୍ଶ ଦେବା ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍।

# ରାଷ୍ଟ୍ରପତିଙ୍କ ଭାଷଣରେ 'ବିକଶିତ ଭାରତ'ର ଚିତ୍ର

ନୂଆଦିଲ୍ଲୀ,୩୧।୧

**ଭାରତକୁ ବୈଶ୍ୱିକ ଉନ୍ମେଷର ପାୱାର ହାଉସ୍ କରିବା ଲକ୍ଷ୍ୟ**

ସଂସଦରେ ୨୦୨୫-୨୬ ଆର୍ଥିକବର୍ଷର ବଜେଟ ଉପସ୍ଥାପନ ହେବାର ଦିନକ ପୂର୍ବରୁ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ବିକଶିତ ଭାରତର ଚିତ୍ର ଦେଖିବାକୁ ମିଳିଛି। ବିଶେଷକରି ୩ କୋଟି ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ବଣ୍ଟନ ଏବଂ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମାକୁ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ୬ କୋଟି ବରିଷ୍ଠ ନାଗରିକଙ୍କ ପାଇଁ ପରିବର୍ଦ୍ଧିତ କରିବା ଭଳି କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଏଥିରେ ସ୍ଥାନ ପାଇଛି।

ରାଷ୍ଟ୍ରପତି ପୂର୍ବାହ୍ନ ୧୧ଟାରେ ସଂସଦରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହା ପରେ ସେ ନିଜ ଅଭିଭାଷଣ ଆରମ୍ଭ କରି କହିଥିଲେ, ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ସହ ଭାରତୀୟ ଗଣତନ୍ତ୍ରକୁ ୭୫ ବର୍ଷ ପୂରଣ ହୋଇଛି। ଏହି ଉତ୍ସବ ଭାରତକୁ ଏକ ନୂଆ ଶିଖରକୁ ନେଇଯିବ। ଦେଶର ସମସ୍ତ ନାଗରିକଙ୍କ ପକ୍ଷରୁ ସେ ସମ୍ବିଧାନର ମୁଖ୍ୟ ସ୍ଥପତି ବାବାସାହେବ ଭୀମରାଓ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରାଷ୍ଟ୍ରପତି ଆହୁରି କହିଥିଲେ, ଅତିରିକ୍ତ ୩ କୋଟି ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯିବ। ସରକାର କୃଷି ଉତ୍ପାଦନକୁ ଗୁରୁତ୍ୱ ଦେବା ସହ କୃଷକଙ୍କ ଆୟ ବୃଦ୍ଧି ଦିଗରେ ପ୍ରୟାସରତ। ସରକାରଙ୍କ ଉଦ୍ୟମ ବଳରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଏନ୍ଡିଏ ସରକାରଙ୍କ ତୃତୀୟ ପାଳିରେ ପୂର୍ବ ସରକାରଙ୍କ ତୁଳନରେ ତିନିଗୁଣା କାମ କରାଯାଉଛି। ଉଧମପୁର-ବାରାମୂଲା-ଶ୍ରୀନଗର ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ଖୁବ୍ଶୀଘ୍ର କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ରେଳପଥରେ ସଂଯୋଗ ପାଇଁ ଉଦ୍ୟମ ଚାଲିଛି। ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସମବାୟ କ୍ଷେତ୍ରରେ ଆର୍ଥିକ ସଶକ୍ତୀକରଣ ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ସରକାର ୱକ୍ଫ ବୋର୍ଡ ଏବଂ ୱାନ୍ ନେଶନ୍, ୱାନ୍ ଇଲେକ୍ସନ ଭଳି ପ୍ରସଙ୍ଗରେ ବଡ଼ ନିଷ୍ପତ୍ତି ନେଉଛନ୍ତି।

ସେହିପରି ମଧ୍ୟବିତ୍ତଙ୍କ ଗୃହନିର୍ମାଣ ସ୍ୱପ୍ନ ପୂରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଆୟୁଷ୍ମାନ୍ ଭାରତ ଯୋଜନାରେ ୬ କୋଟି ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଋଣ ଗ୍ୟାରେଣ୍ଟି ଯୋଜନା ଏବଂ ଦେଶରେ ଇ-କମର୍ସ ରପ୍ତାନି ହବ୍ ପ୍ରତିଷ୍ଠାକୁ ପ୍ରୋତ୍ସାହନ ଦିଆଯାଉଛି। ମହିଳାଙ୍କ ନେତୃତ୍ୱରେ ଦେଶର ବିକାଶ ସମ୍ଭବ ବୋଲି ସରକାର ହୃଦୟଙ୍ଗମ କରିବା ସହ ୩ କୋଟି 'ଲକ୍ଷପତି ଦିଦି' ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨ ହଜାର କୋଟି ଟଙ୍କା ବ୍ୟୟରେ 'ମିଶନ ମୌସମ' ଆରମ୍ଭ କରାଯାଇଛି, ଯାହାକି ଭାରତକୁ ସବୁ ପ୍ରକାର ପାଣିପାଗର ମୁକାବିଲା ପାଇଁ ପ୍ରସ୍ତୁତ କରି ରଖିବ। ଆଜି ଯୁବ ଉଦ୍ୟୋଗୀମାନେ ଷ୍ଟାର୍ଟଅପ୍ଠାରୁ ନେଇ କ୍ରୀଡ଼ା ଓ ମହାକାଶ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ଭାରତ ପାଇଁ ଗୌରବ ଆଣୁଛନ୍ତି। ଆମ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଓ ଡିଜିଟାଲ ପେମେଣ୍ଟ ଗ୍ରାମାଞ୍ଚଳର ମଫସଲୀ ଲୋକଙ୍କୁ ଅର୍ଥନୀତି ସହ ଯୋଡ଼ିବାରେ ସହାୟକ ହେଉଛି। ଗଗନୟାନ ମହାକାଶଯାନରେ ମହାକାଶକୁ ମାନବ ପ୍ରେରଣ ପାଇଁ ଉଦ୍ୟମ ଜାରି ରହିଛି, ଯାହାକି ସଫଳ ହେବାକୁ ବେଶି ଦିନ ନାହିଁ। ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୯୧ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରାଯାଉଛି। ଶିକ୍ଷା ଓ ନିଯୁକ୍ତିରେ ଯୁବପିଢ଼ି ପାଇଁ ନୂଆ ସୁଯୋଗକୁ ସରକାର ଗୁରୁତ୍ୱ ଦେଉଛନ୍ତି।

ଅନୁରୂପ ଭାବେ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ବିକାଶ ଦିଗରେ ସରକାର ସବୁ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ଜାରି ରଖିଛନ୍ତି। ଭାରତକୁ ବୈଶ୍ୱିକ ଉନ୍ମେଷର ପାୱାରହାଉସ୍ କରିବା ଲକ୍ଷ୍ୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ଗୁରୁତ୍ୱ ଦିଆଯାଉଛି। ଏଥିସକାଶେ 'ଏଆଇ ମିଶନ' ଆରମ୍ଭ କରାଯାଇଛି। ଭାରତର ମେଟ୍ରୋ ରେଳ ନେଟ୍ୱର୍କ ଏବେ ୧,୦୦୦ କି.ମି. ମାଇଲଖୁଣ୍ଟ ଅତିକ୍ରମ କରିଥିବା ରାଷ୍ଟ୍ରପତି ନିଜ ଅଭିଭାଷଣରେ କହିଛନ୍ତି।

## ବ୍ରିକ୍ସ ରାଷ୍ଟ୍ରଙ୍କୁ ପୁଣି ଧମକ ଦେଲେ ଟ୍ରମ୍ପ୍

ୱାଶିଂଟନ,୩୧।୧(ପି.ଟି.)

**ବିକଳ୍ପ ମୁଦ୍ରାରେ କାରବାର କଲେ ୧୦୦% ଟାରିଫ୍**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁଣିଥରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ କଡ଼ା ଧମକ ଦେଇଛନ୍ତି। ସେମାନେ ଅନ୍ତର୍ଜାତୀୟ ବାଣିଜ୍ୟରେ ଯଦି ଡଲାର ଭିନ୍ନ ଅନ୍ୟ ବିକଳ୍ପ ମୁଦ୍ରା କାରବାର କରନ୍ତି, ତେବେ ୧୦୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଟ୍ରମ୍ପ୍ କହିବା ସହ ଉକ୍ତ ରାଷ୍ଟ୍ରଗୁଡ଼ିକ ଆଉ ଏକ ଶୋଷଣକାରୀ ରାଷ୍ଟ୍ର ଖୋଜନ୍ତୁ ବୋଲି ଟ୍ରମ୍ପ୍ କହିଛନ୍ତି। ବ୍ରିକ୍ସରେ ଏବେ ୧୦ଟି ରାଷ୍ଟ୍ର ବ୍ରାଜିଲ, ରୁଷିଆ, ଭାରତ, ଚାଇନା, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ରହିଛନ୍ତି। ଏହି ରାଷ୍ଟ୍ରଗୁଡ଼ିକ ଡଲାରଠାରୁ ଦୂରେଇଯିବାକୁ ଉଦ୍ୟମ କରୁଥିବାବେଳେ ଆମେ ଛିଡ଼ାହୋଇ ଲକ୍ଷ୍ୟ କରିବା ସମୟ ଅତିବାହିତ ହୋଇଯାଇଛି। ଆମକୁ ଏହାର ବିରୋଧରେ କଠୋର ପଦକ୍ଷେପ ନେବାକୁ ହେବ ବୋଲି ଟ୍ରମ୍ପ୍ ନିଜ ସୋସିଆଲ୍ ମିଡିଆ ପ୍ଲାଟ୍ଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଚେତାବନୀ ଦେଇଛନ୍ତି। ପ୍ରଭାବଶାଳୀ ଡଲାର ସ୍ଥାନରେ ଅନ୍ୟ ମୁଦ୍ରା କିମ୍ବା ନୂଆ ବ୍ରିକ୍ସ ମୁଦ୍ରା ନ କରିବା ପାଇଁ ଆମେ ଉକ୍ତ ଦେଶଗୁଡ଼ିକଠାରୁ ପ୍ରତିଶ୍ରୁତି ଚାହୁଁ। ନଚେତ୍ ସେମାନଙ୍କୁ ୧୦୦ ପ୍ରତିଶତ ଟାରିଫ୍‌ର ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ଆମେରିକାରେ କାରବାର କରିବାରୁ ବିଦାୟ ନେବା ଆଶା କରିବାକୁ ହେବ ବୋଲି ଟ୍ରମ୍ପ୍ କହିଛନ୍ତି।

## ନିର୍ବାଚନର ଭିଡିଓ କ୍ଲିପ୍ ସଂରକ୍ଷିତ ରଖ

ନୂଆଦିଲ୍ଲୀ,୩୧।୧(ପି.ଟି.)

**ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନିର୍ବାଚନ ନିୟମରେ ସଂଶୋଧନକୁ ନେଇ ବିବାଦ ଦେଖାଦେଇଥିବାବେଳେ ଭୋଟ ସମୟର ଭିଡିଓ କ୍ଲିପ୍‌ଗୁଡ଼ିକୁ ସଂରକ୍ଷିତ ରଖିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୁଥ୍ ପ୍ରତି ଭୋଟର ସଂଖ୍ୟା ୧,୨୦୦ରୁ ୧,୫୦୦କୁ ବୃଦ୍ଧି ନିଷ୍ପତ୍ତି ବିରୋଧରେ ଆବେଦନ ବିଚାରାଧୀନ ଥିବାରୁ ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। ଇନ୍ଦୁ ପ୍ରକାଶ ସିଂ ଦାଏର କରିଥିବା ଏକ ଜନସ୍ୱାର୍ଥ ମାମଲା ଉପରେ ଜବାବ ରଖିବା ପାଇଁ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ୩ ସପ୍ତାହ ସମୟ ଦେଇଛନ୍ତି। ଭୋଟକେନ୍ଦ୍ରଗୁଡ଼ିକରେ ଭୋଟର ସଂଖ୍ୟା ବଢ଼ାଇବା ପାଇଁ ଗତବର୍ଷ ଅଗଷ୍ଟରେ ଏକ କମିଟିର ସୁପାରିସ୍‌କୁ ସିଂ ଚ୍ୟାଲେଞ୍ଜ କରିଥିଲେ। ବୁଥ୍ ପ୍ରତି ଭୋଟର ସଂଖ୍ୟା ବଢ଼ାଇବାକୁ ସେ ମନମାନି କହିବା ସହ ଏହା କୌଣସି ତଥ୍ୟ ଆଧାରିତ ନ ଥିବା ଜଣାଇଥିଲେ। ମାମଲା ବିଚାରାଧୀନ ଥିବାରୁ ସିସିଟିଭି ରେକର୍ଡିଂକୁ ସଂରକ୍ଷିତ ରଖିବାକୁ ଅଦାଲତ ଇସିଆଇକୁ କହିଛନ୍ତି।

## ମହାମଣ୍ଡଳେଶ୍ୱର ପଦବୀରୁ ମମତା କୁଲକର୍ଣୀ ବହିଷ୍କୃତ

ମହାକୁମ୍ଭ ନଗର,୩୧।୧



ବଲିଉଡ୍‌ର ପୂର୍ବତନ ଅଭିନେତ୍ରୀ ମମତା କୁଲକର୍ଣୀଙ୍କୁ କିନ୍ନର ଆଖଡ଼ା ଶୁକ୍ରବାର ମର୍ଯ୍ୟାଦାଜନକ ମହାମଣ୍ଡଳେଶ୍ୱର ପଦବୀରୁ ବହିଷ୍କାର କରିଛି। ମମତାଙ୍କ ସମେତ ତାଙ୍କ ଗୁରୁ ଲକ୍ଷ୍ମୀ ନାରାୟଣ ତ୍ରିପାଠୀଙ୍କୁ ମଧ୍ୟ ଉକ୍ତ ଆଖଡ଼ାରୁ ବହିଷ୍କାର କରାଯାଇଥିବା ଜୁନା ଆଖଡ଼ା ପକ୍ଷରୁ ଘୋଷଣା କରାଯାଇଛି। ଧର୍ମୀୟ ସଂଗଠନରେ ଆଭ୍ୟନ୍ତରୀଣ ଉତ୍ତେଜନା ବଢ଼ିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ମମତାଙ୍କୁ ଗତ ସପ୍ତାହରେ ମହାମଣ୍ଡଳେଶ୍ୱର ନିଯୁକ୍ତ କରାଯିବା ପରେ ବିବାଦ ଆରମ୍ଭ ହୋଇଥିଲା। ମମତାଙ୍କ ଅତୀତ ପ୍ରସଙ୍ଗ ଉଠାଇ ତାଙ୍କ ନିଯୁକ୍ତିକୁ ନେଇ ଅନେକେ ପ୍ରଶ୍ନ ଉଠାଇଥିଲେ। ସଂଗଠନରେ ମତାନ୍ତର ବଢ଼ିବାରୁ ତାଙ୍କୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ଦୁର୍ଘଟଣାରେ ମହାକୁମ୍ଭ ଫେରନ୍ତା ୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ଗାଜିପୁର,୩୧।୧



ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳାରେ ଯୋଗଦେଇ ଶ୍ରଦ୍ଧାଳୁମାନେ ଶୁକ୍ରବାର ଏକ ଗାଡ଼ିରେ ଫେରୁଥିବାବେଳେ ଗାଜିପୁରଠାରେ ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଅନ୍ୟୂନ ୬ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ କେତେଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ଗାଜିପୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପିକ୍ ଅପ୍ ଭ୍ୟାନ୍‌ରେ ପ୍ରାୟ ୨୦ ଜଣ ଶ୍ରଦ୍ଧାଳୁ ଥିଲେ। ଟ୍ରକ୍ଟି ନିୟନ୍ତ୍ରଣ ହରାଇବାରୁ ଏହା ଭ୍ୟାନ୍‌କୁ ଧକ୍କା ଦେଇଥିଲା। ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଜିଲାପାଳ ଏବଂ ପୋଲିସ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ଗତ ବୁଧବାର ମହାକୁମ୍ଭରେ ଅମୃତ ସ୍ନାନ ବେଳେ ଦଳାଚକଟା ଘଟି ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬୦ ଜଣ ଆହତ ହୋଇଥିଲେ। ଗୁରୁବାର ମେଳା ସ୍ଥଳରେ ଅଗ୍ନିକାଣ୍ଡ ଘଟି ୧୫ଟି ଟେଣ୍ଟ ଜଳିଯାଇଥିଲା।

## ପୋଲିସ ପାଇଁ ଭାଙ୍ଗିଲା ବାହାଘର

ମୁମ୍ବାଇ, ୩୧।୧

**ସୈଫଙ୍କ ଆକ୍ରମଣକାରୀ ଭାବେ ଫଟୋ ଭାଇରାଲ**



ଆକାଶ କନୋଜିଆ

ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କୁ ଆକ୍ରମଣ ଘଟଣାରେ କିଛି ଦିନ ତଳେ ମୁମ୍ବାଇ ପୋଲିସ ଛତିଶଗଡ଼ର ଦୁର୍ଗରୁ ୩୧ ବର୍ଷୀୟ ଆକାଶ କନୋଜିଆଙ୍କୁ ସନ୍ଦିଗ୍ଧ ଭାବି ଅଟକ ରଖିବା ସହ ପଚରାଉଚରା କରିଥିଲା। ତେବେ ଏହାର ଦିନକ ପରେ ସୈଫ୍‌ଙ୍କୁ ଆକ୍ରମଣରେ ଆକାଶଙ୍କ ଭୂମିକା ନ ଥିବା ସ୍ପଷ୍ଟ ହେବା ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଥିଲା। ମୁମ୍ବାଇ ପୋଲିସର ଏହି ଭୁଲ୍ ତାଙ୍କ ଜୀବନକୁ ପ୍ରଭାବିତ କରିଛି ବୋଲି ଗୁରୁବାର ଆକାଶ କହିଛନ୍ତି। ପୋଲିସର ଅନାବଶ୍ୟକ କାର୍ଯ୍ୟାନୁଷ୍ଠାନ ଯୋଗୁ ତାଙ୍କୁ ଚାକିରି ହରାଇବାକୁ ପଡ଼ିଥିବା ସହ ତାଙ୍କ ବିବାହ ପ୍ରସ୍ତାବ ମଧ୍ୟ ଭାଙ୍ଗିଯାଇଥିବା ଆକାଶ କହିଛନ୍ତି। ସୈଫ୍‌ଙ୍କୁ ଛୁରାମାଡ଼ ଘଟଣାରେ ସମ୍ପୃକ୍ତି ନ ଥାଇ ମଧ୍ୟ ପୋଲିସ ତାଙ୍କ ଫଟୋକୁ ଗଣମାଧ୍ୟମକୁ ଦେଇଥିଲା। ଫଳରେ ତାଙ୍କ ଫଟୋ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍ଫର୍ମ ଓ ଗଣମାଧ୍ୟମରେ ସୈଫଙ୍କ ଆକ୍ରମଣକାରୀ ଭାବେ ଭାଇରାଲ ହେବାରେ ଲାଗିଥିଲା। ସେ ପୂର୍ବରୁ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ତେବେ ଏହି ଘଟଣା ପରେ ତାଙ୍କ ଚାକିରି ଚାଲିଯାଇଥିବା ଆକାଶ କହିଛନ୍ତି। ସେହିପରି ଘଟଣା ପୂର୍ବରୁ ତାଙ୍କର ବିବାହ ଠିକ୍ ହୋଇଯାଇଥିଲା। ସୈଫ୍‌ଙ୍କ ଆକ୍ରମଣକାରୀ ହୋଇଥିବା ନେଇ ବହୁଳ ଭାବରେ ପ୍ରଚାରପ୍ରସାର ହେବାରୁ କନ୍ୟା ପକ୍ଷ ପରେ ଉକ୍ତ ବିବାହ ପ୍ରସ୍ତାବକୁ ଭାଙ୍ଗି ଦେଇଥିଲେ। ସେହିପରି ଉକ୍ତ ଘଟଣା ପରେ ବନ୍ଧୁ ଓ ସମ୍ପର୍କୀୟମାନେ ମଧ୍ୟ ତାଙ୍କ ସହ କଥା ହେବାକୁ ଓ ମିଶିବାକୁ ଦ୍ୱିଧା ପ୍ରକାଶ କରୁଥିବା ଆକାଶ କହିଛନ୍ତି।

## ଆମେ ସୁରକ୍ଷା ଦେଉଛୁ

**ଭାରତୀୟ ତଟରକ୍ଷୀ ବାହିନୀ ଦିବସ**





ଦେଶ ସୁରକ୍ଷାରେ ତଟରକ୍ଷୀବାହିନୀଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ସଚେତନତା ଲାଗି ପ୍ରତିବର୍ଷ ଫେବୃଆରୀ ୧ତାରିଖରେ ଭାରତୀୟ ତଟରକ୍ଷୀ ବାହିନୀ ଦିବସ ପାଳନ କରାଯାଇଥାଏ। ଭାରତୀୟ ତଟରକ୍ଷୀବାହିନୀ ତା'ର ୪୯ତମ ପ୍ରତିଷ୍ଠା ଦିବସ ପାଳନ କରିବ। ୧୯୭୭ରେ ଏକ ଛୋଟ ବାହିନୀରୁ ୧୫୦ରୁ ଅଧିକ ଜାହାଜ ଏବଂ ୭୫ଟି ବିମାନ ସହିତ ଏକ ମହାନ ସାମୁଦ୍ରିକ ସୁରକ୍ଷା ସେବାରେ ପରିଣତ ହେବାର ଉତ୍ସବ ପାଳନ କରୁଛି। ତଟରକ୍ଷୀବାହିନୀ ପ୍ରମୁଖ ସଫଳତା ମଧ୍ୟରେ ଜୀବନ ରକ୍ଷାକାରୀ ମିଶନ, ଚୋରା ଚାଲାଣ, ବିପର୍ଯ୍ୟୟ ପ୍ରତିକ୍ରିୟା ଏବଂ ପରିବେଶ ସୁରକ୍ଷା ଅନ୍ତର୍ଭୁକ୍ତ।

୧୯୭୭ରେ ୧୯୭୮ରେ ମାତ୍ର ୭ ଭୂପୃଷ୍ଠ ପ୍ଲାଟଫର୍ମରୁ ଆରମ୍ଭ ହୋଇଥିବା ତଟରକ୍ଷୀବାହିନୀ ପାଖରେ ବର୍ତ୍ତମାନ ୧୫୮ ଜାହାଜ ଏବଂ ୭୦ଟି ବିମାନ ସହିତ ଏକ ଶକ୍ତିଶାଳୀ ସୁରକ୍ଷାଶକ୍ତିରେ ପରିଣତ ହୋଇଛି। ବର୍ତ୍ତମାନ ୧୫୧ଟି ଜାହାଜ ଏବଂ ୭୬ଟି ବିମାନ ପରିଚାଳନା କରୁଛି। ୨୦୩୦ ସୁଦ୍ଧା ତଟରକ୍ଷୀବାହିନୀ ଆହୁରି ବିସ୍ତାର କରିବାକୁ ଯୋଜନା କରୁଛି। ୨୦୦ଟି ଭୂପୃଷ୍ଠ ପ୍ଲାଟଫର୍ମ ଏବଂ ୧୦୦ଟି ବିମାନକୁ ଲକ୍ଷ୍ୟକରି, ବିଶ୍ୱର ପ୍ରମୁଖ ତଟରକ୍ଷୀ ସେବା ଭାବେ ଏହାର ଭୂମିକାକୁ ସୁଦୃଢ଼ କରିବ। ତଟରକ୍ଷୀବାହିନୀ ବୟମ୍ ରକ୍ଷାମଃ(ଆମେ ସୁରକ୍ଷା ଦେଉଛୁ) ମୂଳମନ୍ତ୍ର ଅଧୀନରେ କାର୍ଯ୍ୟ କରେ, ଯାହା ଭାରତର ସାମୁଦ୍ରିକ କ୍ଷେତ୍ରଗୁଡ଼ିକୁ ସୁରକ୍ଷା ଦେବାର ଏହାର ମିଶନକୁ ଉଲ୍ଲେଖ କରେ।

**ଫୁରସତ୍**

## ପୁଣି ପ୍ରେମରେ ପଡ଼ିଛନ୍ତି ଆମିର

ମୁମ୍ବାଇ



ପୁଣି ପ୍ରେମରେ ପଡ଼ିଛନ୍ତି ବଲିଉଡର ପ୍ରଫେକ୍ସନାଲିଷ୍ଟ ଆମିର ଖାନ୍। କଥାଟା ଅରୁଚି ଲାଗିଲେ ବି କାଳେ ସତ। ଦୁଇ ଦୁଇ ଥର ବୈବାହିକ ଜୀବନରେ ଫେଲ୍ ହେବା ପରେ ଆଉ ଥରେ ପ୍ରେମର ପବନ ଆମିରଙ୍କ ଜୀବନରେ ବୋହିବା ଆରମ୍ଭ କରିଛି। ଏମିତିରେ ମନକୁ ଆସୁଥିବ ଯୁବତୀଜଣଙ୍କ କିଏ। ତେବେ ଆମିର ବାଙ୍ଗାଲୋରର ଜଣେ ଯୁବତୀଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ଜୋର ଧରିଛି।

ପତ୍ନୀ କିରଣ ରାଓଙ୍କୁ ଛାଡ଼ପତ୍ର ଦେବା ପରେ ଆମିର ଏକାକି ଜୀବନ ବିତାଉଥିଲେ। ହେଲେ ଏବେ ଆଉ ସେ ଏକା ନାହାନ୍ତି। ବାଙ୍ଗାଲୋରର ଜଣେ ଯୁବତୀଙ୍କୁ ସେ ପସନ୍ଦ କରିବା ପରେ ନିକଟରେ ତାଙ୍କୁ ନିଜ ପରିବାର ସହ ଭେଟ କରାଇଥିଲେ। ପରିବାରଲୋକେ ଦୁହିଁଙ୍କ ସମ୍ପର୍କରେ ଖୁସି ଅଛନ୍ତି। ଅର୍ଥାତ ସମସ୍ତଙ୍କ ତରଫରୁ ତାଙ୍କୁ ଗ୍ରିନ ସିଗ୍ନାଲ ମିଳିସାରିଛି। ଏଣୁ ସେ ଆଗାମୀ ଦିନରେ ପ୍ରଶଂସକଙ୍କ ସହ ନିଜ ଖୁସି ବାଣ୍ଟିବେ ବୋଲି ଆଶା କରାଯାଉଛି।

ଫିଲ୍ମ ବିଷୟରେ କହିଲେ ସେ 'ସିତାରେ ଜମିନ୍ ପର୍' ଲାଗି ବ୍ୟସ୍ତ ରହୁଛନ୍ତି। ଏବେ ଏହାର ଶୁଟିଂ ଚାଲିଛି। 'ଲାଲ ସିଂ ଚଡ୍ଢା' ଫ୍ଲପ୍ ହେବା ପରେ ସେ ଅଭିନୟରୁ ବିରତି ନେଇଥିଲେ। ହେଲେ ପୁଣିଥରେ ସେ ବଡ଼ପରଦାକୁ ଫେରିବାକୁ ଯାଉଛନ୍ତି।

## ଗର୍ଲଫ୍ରେଣ୍ଡଙ୍କୁ ଇମ୍ପ୍ରେସ୍ ପାଇଁ ଭିଲେନ ସର୍ଭିସ୍

କୁଆଲାଲମ୍ପୁର



ଶାଜାଲି ସୁଲେମାନ

ମାଲେସିୟା ରାଜଧାନୀ କୁଆଲାଲମ୍ପୁରରେ ଶାଜାଲି ସୁଲେମାନ(୨୮) ନାମରେ ଜଣେ ଯୁବକ ଏକ ନିଆରା ଭିଲେନ୍ ସର୍ଭିସ୍ ଆରମ୍ଭ କରିଛନ୍ତି। ଯେଉଁ ଯୁବକଙ୍କ ଗର୍ଲଫ୍ରେଣ୍ଡ ତାଙ୍କୁ ଦୁର୍ବଳ ମନେ କରିବା ସହ ହେୟଜ୍ଞାନ କରନ୍ତି, ସେମାନେ ସୁଲେମାନଙ୍କ ଏହି ଭିଲେନ୍ ସର୍ଭିସ୍‌ର ଫାଇଦା ଉଠାଉଛନ୍ତି। ସୁଲେମାନ ଗ୍ରାହକମାନଙ୍କୁ ଏହି ସେବା ଯୋଗାଇ ସେମାନଙ୍କୁ ନିଜ ପୁରୁଷତ୍ୱ ପ୍ରଦର୍ଶନ କରିବାରେ ସାହାଯ୍ୟ କରୁଛନ୍ତି, ଯେପରି ସେମାନେ ତାଙ୍କ ପାର୍ଟନରଙ୍କ ଉପରେ ନିଜସ୍ୱ ଛାପ ଛାଡ଼ିପାରିବେ। ଏହି ସର୍ଭିସ୍ ପାଇଁ ସେ ଗ୍ରାହକଙ୍କ ପିଛା ୧,୯୭୫ରୁ ୨,୯୬୩ ଟଙ୍କା ନେଉଛନ୍ତି। ମହିଳାମାନେ ମଧ୍ୟ ତାଙ୍କ ସେବା ନେଇପାରିବେ ବୋଲି ସୁଲେମାନ କହିଛନ୍ତି।

ତେବେ ସୁଲେମାନ ତାଙ୍କ ଗ୍ରାହକଙ୍କୁ ସାହାଯ୍ୟ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ କୌଶଳ ଆପଣାଇଥାନ୍ତି। ତାଙ୍କ ଗ୍ରାହକ ନିଜ ଗର୍ଲଫ୍ରେଣ୍ଡଙ୍କ ସହ ବୁଲୁଥିବା ସମୟରେ ହଠାତ ସୁଲେମାନ ଆସି ଗର୍ଲଫ୍ରେଣ୍ଡଙ୍କୁ ହଇରାଣ କରିବାକୁ ଲାଗନ୍ତି। ଏପରି ସ୍ଥିତିରେ ଗର୍ଲଫ୍ରେଣ୍ଡଙ୍କୁ ବଞ୍ଚାଇବା ପାଇଁ ଗ୍ରାହକ ଜଣକ ସୁଲେମାନଙ୍କ ସହିତ ପ୍ରଥମେ ଝଗଡ଼ା ଓ ପରେ ମାର୍‌ପିଟ ଆରମ୍ଭ କରନ୍ତି। ସୁଲେମାନ ଜାଣିଶୁଣି ହାରିଯାଆନ୍ତି, ଯାହାଫଳରେ ଗର୍ଲଫ୍ରେଣ୍ଡଙ୍କ ନଜରରେ ପ୍ରେମିକଙ୍କ ଛବିରେ ଉନ୍ନତି ଆସିଥାଏ।

# କଟକରେ ପ୍ରଥମ ଏଟିଏସ୍ ବ୍ୟବସ୍ଥା ଆରମ୍ଭ

ତ୍ରିଶୂଳିଆ,୩୧।୧(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅଧୀନ ନରାଜ ଅରିଲୋସ୍ଥିତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମୋଟର ଯାନ ଫିଟନେସ୍ ପରୀକ୍ଷା ପାଇଁ ଏଟିଏସ୍ (ଅଟୋମେଟେଡ୍ ଟେଷ୍ଟିଙ୍ଗ ସିଷ୍ଟମ) ବ୍ୟବସ୍ଥା ପ୍ରଥମ କରି କଟକ ଜିଲାରେ ଆରମ୍ଭ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୨୧ଟି ଜିଲାରେ ଏହି ଏଟିଏସ୍ ବ୍ୟବସ୍ଥା ପ୍ରଚଳନ ଖୁବ୍‌ଶୀଘ୍ର କରାଯିବ ବୋଲି ଡେପୁଟି କମିଶନର ତଥା କଟକ ଆର୍‌ଟିଓ ବିରଞ୍ଚି ନାରାୟଣ ଅଧିକାରୀ କହିଛନ୍ତି। ଏହି ଏଟିଏସ୍ ପରୀକ୍ଷା ଦ୍ୱାରା ମୋଟର ଯାନଗୁଡ଼ିକର ଫିଟନେସ୍‌କୁ ଯାଞ୍ଚ କରିବା ପାଇଁ କମ୍ ସମୟ ଲାଗିବ ଏବଂ ଏଥିରେ ଅଧିକ ସ୍ୱଚ୍ଛତା ରହିବ ବୋଲି ଏମ୍‌ଭିଆଇ ବିଶ୍ୱଜିତ୍ ଦାଶ କହିଛନ୍ତି।

# ୨ ବାଇକ୍ ମୁହାଁମୁହିଁ: ୨ ମୃତ



ନବରଙ୍ଗପୁର ଏସ୍‌ପି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଉଛନ୍ତି।

ନବରଙ୍ଗପୁର,୩୧।୧(ସଦାଶିବ ପ୍ରହରାଜ)

**୩ ଗୁରୁତର**

ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଧୀନ ଭାଟିଗାଁରେ ଶୁକ୍ରବାର ମଧ୍ୟାହ୍ନରେ ୨ ବାଇକ୍ ମୁହାଁମୁହିଁ ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୩ଜଣ ଗୁରୁତର ଅଛନ୍ତି। ମୃତକମାନେ ହେଲେ ନବରଙ୍ଗପୁର ଥାନା ପଡ଼ାଲଗୁଡା ଗ୍ରାମର ରଘୁ ବୈରାଗୀ ଓ ଧନିଆ ମାଝୀ। ପଡାଲଗୁଡ଼ା ଗ୍ରାମର ସଦା ଭତରା, କୋଡିଙ୍ଗା ଥାନା ଅଧୀନ ଟିର୍ମା ଗ୍ରାମର ଅବେଦ କୁମାର ତାରା, ଜଗତରାଜ ଖୁରା ଗୁରୁତର ଅଛନ୍ତି। ଉକ୍ତ ରାସ୍ତା ଦେଇ କୋଷାଗୁମୁଡା ବ୍ଲକ ବଡ଼ଆମ୍ବଡାକୁ ଯାଉଥିବା ନବରଙ୍ଗପୁର ଏସ୍‌ପି ମିହିର କୁମାର ପଣ୍ଡା ଗୁରୁତରଙ୍କୁ ନିଜ ଗାଡ଼ିରେ ନେଇ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି।

ସୂଚନାନୁଯାୟୀ, ପଡ଼ାଲଗୁଡ଼ା ଗ୍ରାମର ରଘୁ ବୈରାଗୀ, ଧନିଆ ମାଝୀ ଓ ସଦା ଭତରା କୋଷାଗୁମୁଡ଼ା ବ୍ଲକ ଅଧୀନ କୁସୁମପାଲି ଗ୍ରାମକୁ ନିଜର ସମ୍ପର୍କୀୟଙ୍କ ନିର୍ବନ୍ଧ କାମକୁ ଏକ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ସାମ୍ନା ପଟରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ଟିର୍ମା ଗ୍ରାମର ଅବେଦ କୁମାର ତାରା ଓ ଜଗତ ରାଜ ଖୁରାଙ୍କ ଗାଡ଼ି ସହ ସେମାନଙ୍କ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ରଘୁ ଓ ଧନିଆଙ୍କ ମୃତ୍ୟୁ ହୋଇଥିଲା।

# ଦି ପୁଅର୍ ଲେଡି, ଦି ପ୍ରେସିଡେଣ୍ଟ...

## ରାଷ୍ଟ୍ରପତିଙ୍କ ଉପରେ ସୋନିଆଙ୍କ ମନ୍ତବ୍ୟରୁ ଝଡ଼

ଦି ପୁଅର୍ ଲେଡି, ଦି ପ୍ରେସିଡେଣ୍ଟ, ୱାଜ୍ ଗେଟିଂ ଭେରି ଟାୟାର୍ଡ ଆଟ୍ ଦି ଏଣ୍ଡ୍ (ବିଚାରୀ ମହିଳା, ରାଷ୍ଟ୍ରପତି ଶେଷ ଆଡ଼କୁ ଅତ୍ୟନ୍ତ ଥକିଗଲା ଭଳି ଜଣାପଡୁଥିଲେ)। ଶୁକ୍ରବାର ବଜେଟ ଅଧିବେଶନର ପ୍ରଥମ ଦିନରେ ସଂସଦର ଉଭୟ ସଦନ ସଦସ୍ୟମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମିଳିତ ଭାବେ ସମ୍ବୋଧିତ କରିବା ପରେ ତାଙ୍କ ଅଭିଭାଷଣ ଉପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ ପାର୍ଲାମେଣ୍ଟ ପରିସରରେ ପୁଅ ରାହୁଲ ଗାନ୍ଧୀ (ଲୋକ ସଭାର ବିରୋଧୀ ଦଳ ନେତା) ଏବଂ ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା (ୱାୟନାଡ୍ ଏମ୍‌ପି)ଙ୍କ ଗହଣରେ ଖବରଦାତାମାନଙ୍କୁ ଦେଇଥିବା ଉପରୋକ୍ତ ପ୍ରତିକ୍ରିୟାକୁ ଶାସକ ପକ୍ଷ ନିନ୍ଦା କରିଛି। ସୋନିଆ କେବଳ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦାକୁ ଅସମ୍ମାନ କରିନାହାନ୍ତି, ବରଂ ଦେଶର ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ ଅପମାନିତ କରିଛନ୍ତି ବୋଲି ଭାଜପା ସମାଲୋଚନା କରିବା ସହ ତାଙ୍କଠାରୁ କ୍ଷମା ଦାବି କରିଛି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ସୋନିଆଙ୍କ ମନ୍ତବ୍ୟ ଅରୁଚିକର ଓ ଦୁର୍ଭାଗ୍ୟଜନକ, ଯାହାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଯାଇପାରିଥାଆନ୍ତା ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଅନ୍ୟପକ୍ଷେ କଂଗ୍ରେସ ଅଭିଯୋଗକୁ ଖଣ୍ଡନ କରି କହିଛି, ରାଷ୍ଟ୍ରପତିଙ୍କ ପ୍ରତି ସୋନିଆଙ୍କ ଯଥେଷ୍ଟ ସମ୍ମାନ ରହିଛି। ସେ ତାଙ୍କୁ 'ବିଚାରୀ ମହିଳା' କହିଛନ୍ତି। କିନ୍ତୁ ଦେଶର ଖରାପ ଆର୍ଥିକ ସ୍ଥିତିରୁ ଧ୍ୟାନ ହଟାଇବା ପାଇଁ ଭାଜପା ଏବଂ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଗୋଷ୍ଠୀ ତାଙ୍କ ମନ୍ତବ୍ୟର ଭୁଲ୍ ଅବତାରଣା କରିଥିବା କଂଗ୍ରେସ ସଫେଇ ଦେଇଛି। ଏହି ପ୍ରସଙ୍ଗ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଏଠି 'ପୁଅର ଲେଡି'ର ଅର୍ଥ 'ଗରିବ ମହିଳା' ନୁହେଁ, କେତେକ ଟିଭି ଚ୍ୟାନେଲରେ ସୋନିଆଙ୍କ ମନ୍ତବ୍ୟକୁ କଦର୍ଥ କରାଯାଉଛି। ଯେଉଁମାନେ ଟିଭିରେ ତାଙ୍କୁ ଦେଖିଥିବେ, ଅଭିଭାଷଣ ପଢ଼ିବାବେଳେ ରାଷ୍ଟ୍ରପତିଙ୍କ ସ୍ୱର ଥକିଗଲା ମଣିଷର ସ୍ୱର ଭଳି ଲାଗୁଥିଲା। ଉଲ୍ଲେଖଯୋଗ୍ୟ, କୌଣସି ସମୟରେ ବି କେହି କ୍ଳାନ୍ତ ଅନୁଭବ କରିପାରନ୍ତି, ସେଥିରେ କିଛି ଅସ୍ୱାଭାବିକତା ନାହିଁ। ତେବେ ଏଭଳି ମନ୍ତବ୍ୟ ଆପତ୍ତିଜନକ ହେବା ଭଳି ମନେହେଉନାହିଁ।



ପାର୍ଲାମେଣ୍ଟ ପରିସରରେ କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।


ନୂଆଦିଲ୍ଲୀ,୩୧।୧

ଶୁକ୍ରବାର ଥିଲା ବଜେଟ ଅଧିବେଶନର ପ୍ରଥମ ଦିନ। ଶନିବାର ମୋଦି ସରକାରଙ୍କ ତୃତୀୟ ପାଳିର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ସଂସଦରେ ଉପସ୍ଥାପିତ ହେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଏହାକୁ ଉପସ୍ଥାପନ କରିବାକୁ ଥିବାବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା ପୂର୍ବରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପାର୍ଲାମେଣ୍ଟରେ ପହଞ୍ଚିଥିଲେ। ରାଷ୍ଟ୍ରପତି ପାରମ୍ପରିକ ଭାବେ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଶେଷହେବା ପରେ ଏମ୍‌ପିମାନେ ସଂସଦରୁ ବାହାରୁଥିବାବେଳେ ସେହି ପରିସରରେ କଂଗ୍ରେସ ସଂସଦୀୟ ନେତ୍ରୀ ସୋନିଆ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଛିଡ଼ାହୋଇ ପରସ୍ପର ମଧ୍ୟରେ ଆଲୋଚନା କରୁଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ସେମାନଙ୍କ ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲେ। ରାହୁଲ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବୋରିଂ (ବିରକ୍ତିକର) ବୋଲି କହିଥିଲେ। ସୋନିଆ କହିଥିଲେ, 'ଦି ପୁଅର୍ ଲେଡି, ଦି ପ୍ରେସିଡେଣ୍ଟ, ୱାଜ୍ ଗେଟିଂ ଭେରି ଟାୟାର୍ଡ ଆଟ୍ ଦି ଏଣ୍ଡ୍... ସି କୁଡ୍ ହାର୍ଡଲି ସ୍ପିକ୍ ପୁଅର ଥିଙ୍ଗ୍'। ସୋନିଆଙ୍କ ଏହି ମନ୍ତବ୍ୟର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

## କିଏ କ'ଣ କହିଲେ

"ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ବିରକ୍ତିକର ଥିଲା। ବୋରିଂ, ନୋ କମେଣ୍ଟ୍ସ। ରାଷ୍ଟ୍ରପତି ସମାନ କଥାକୁ ବାରମ୍ବାର ଦୋହରାଉଥିଲେ।

**- ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**



"ଏପରି ହୋଇଥାଇପାରେ ଯେ ଏହି ନେତାମାନେ ହିନ୍ଦୀ ଭଳି ଭାରତୀୟ ଭାଷାଗୁଡ଼ିକର ରୁଢ଼ି ଓ ବିମର୍ଶ ସହ ପରିଚିତ ନୁହନ୍ତି, ତେଣୁ ଏକ ଭୁଲ୍ ଧାରଣା ସୃଷ୍ଟି ହୋଇଛି। କୌଣସି ସ୍ଥଳେ ଏପରି ଅରୁଚିକର, ଦୁର୍ଭାଗ୍ୟଜନକ ଓ ଏଡ଼ାଇବାଯୋଗ୍ୟ ମନ୍ତବ୍ୟ ଦେବାରୁ ଦୂରେଇ ରହିବା ଉଚିତ। ରାଷ୍ଟ୍ରପତି ଅଭିଭାଷଣରେ ମହିଳା, କୃଷକ ଓ ବଞ୍ଚିତ ବର୍ଗଙ୍କ ଉପରେ କହିବାବେଳେ ଆଦୌ ଥକିପଡ଼ି ନ ଥିଲେ।

**- ରାଷ୍ଟ୍ରପତି ଭବନ**



"ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାର୍ଲାମେଣ୍ଟକୁ ସମ୍ବୋଧନ କରୁଥିଲେ। କିନ୍ତୁ ରାଜ ପରିବାରର ଜଣେ ସଦସ୍ୟ ତାଙ୍କ ଭାଷାକୁ 'ବିରକ୍ତିକର' ବୋଲି କହିଲେ। ଆଉ ଜଣେ ସଦସ୍ୟା କହିଲେ, ତାଙ୍କ ସ୍ୱର କ୍ଳାନ୍ତ ଥିଲା। ସହରୀ ନକ୍ସଲମାନଙ୍କ ଭାଷା ରାଜ ପରିବାରକୁ ଅଧିକ ଭଲ ଲାଗେ।

**- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



"ରାଷ୍ଟ୍ରପତି ଜଣେ ଆଦିବାସୀ ମହିଳା। ସେ ଦୁର୍ବଳ ନୁହନ୍ତି, ଦେଶ ଓ ସମାଜ ପାଇଁ ବହୁତ କାର୍ଯ୍ୟ କରିଛନ୍ତି। ତାଙ୍କ ପ୍ରତି ସୋନିଆ ଗାନ୍ଧୀ ଓ ଅନ୍ୟ ବିରୋଧୀ ନେତାଙ୍କ ମନ୍ତବ୍ୟ ନିନ୍ଦନୀୟ। ସେମାନେ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବା ଉଚିତ।

**- କିରେନ୍ ରିଜିଜୁ, ସଂସଦୀୟ ବ୍ୟାପାର ମନ୍ତ୍ରୀ**



"କଂଗ୍ରେସ ସବୁବେଳେ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦାକୁ ସମ୍ମାନ ଦେଇଆସିଛି। ଦେଶର ଅର୍ଥନୀତିର ଖରାପ ଅବସ୍ଥାକୁ ଲୁଚାଇବା ପାଇଁ ଭାଜପା ଏବଂ ଏକ ଗଣମାଧ୍ୟମ ଗୋଷ୍ଠୀ ସୋନିଆଙ୍କ ଭାଷାକୁ ମୋଡ଼ାମୋଡ଼ି କରି ଦେଖାଉଛନ୍ତି। ଭାଜପା ଉଦ୍ଦେଶ୍ୟମୂଳକ ଭାବେ ବର୍ତ୍ତମାନର ରାଷ୍ଟ୍ରପତି ଓ ତାଙ୍କ ପୂର୍ବସୂରୀ ରାମନଥ କୋବିନ୍ଦଙ୍କୁ ସଂସଦର ନୂଆ ଭବନ ଉଦ୍‌ଘାଟନ ଏବଂ ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠାବେଳେ ନିମନ୍ତ୍ରଣ କରି ନ ଥିଲା।

**- ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



"ମୋ' ମା ଜଣେ ୭୮ ବର୍ଷୀୟା ମହିଳା। ରାଷ୍ଟ୍ରପତି ଏତେ ଲମ୍ବା ଭାଷଣ ପଢ଼ିବାବେଳେ କ୍ଳାନ୍ତ ହୋଇଯାଇଥିବେ ବୋଲି ସେ କହିଛନ୍ତି। ରାଷ୍ଟ୍ରପତିଙ୍କ ପ୍ରତି ମା'ଙ୍କ ପୂର୍ଣ୍ଣ ସମ୍ମାନ ରହିଛି। ଗଣମାଧ୍ୟମ ଏହାକୁ ମୋଡ଼ାମୋଡ଼ି କରି ଦର୍ଶାଇବା ଦୁର୍ଭାଗ୍ୟଜନକ। ଦେଶର ଅର୍ଥନୀତି ଯେଉଁ ଅବସ୍ଥାକୁ ଖସିଲାଣି, ସେଥିଲାଗି ଭାଜପା ପ୍ରଥମେ କ୍ଷମା ମାଗିବା ଉଚିତ।

**- ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ଏମ୍‌ପି**



"ସୋନିଆ ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟକୁ ନେଇ ସହାନୁଭୂତି ଦେଖାଇଲେ। ଏହାକୁ ଭାଜପା ନେତାମାନେ ହଜମ କରିପାରିଲେ ନାହିଁ।

**- ଗୌରବ ଗୋଗୋଇ, କଂଗ୍ରେସ ନେତା**





# ଗାଡ଼ିର ବୀମା ନ ଥିଲେ ଇ-ଡିଟେକ୍ସନରେ ଧରାପଡ଼ିବ

କଟକ,୩୧।୧(କାର୍ତ୍ତିକ ସାହୁ)

## ଆଜିଠୁ ସବୁ ଟୋଲ୍‌ଗେଟ୍‌ରେ ନିୟମ ଲାଗୁ

ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ମୋଟର ଯାନର ବୀମାକୁ କଡ଼ାକଡ଼ି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାରଠାରୁ ଇ-ଡିଟେକ୍ସନରେ ଯୋଡ଼ିହେବାକୁ ଯାଉଛି ବୀମା। ମୋଟର ଯାନରେ ବୀମା ନ ଥିଲେ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରିବ ଟୋଲ୍‌ଗେଟ୍। ଇ-ଡିଟେକ୍ସନ ପ୍ରକ୍ରିୟାରେ ଗାଡ଼ି ମାଲିକଙ୍କୁ ଜାରିହେବ ଇ-ଚାଲାଣ। ଫେବୃଆରୀ ପହିଲା ତଥା ଶନିବାରଠାରୁ ରାଜ୍ୟର ବିଭିନ୍ନ ଜାତୀୟ ରାଜପଥରେ ଥିବା ମୋଟ୍ ୨୨ଟି ଟୋଲ୍‌ଗେଟ୍‌ରେ ଏହା କାର୍ଯ୍ୟକାରୀ ହେବ। ଏ ନେଇ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟର ଯାନ ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ। ଏହାର ଉଲ୍ଲଂଘନ କଲେ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ ଏପରି କି ଉଭୟ ଦଣ୍ଡର ପ୍ରାବଧାନ ରହିଛି। ସେହିଭଳି ପୁନର୍ବାର ନିୟମ ଉଲ୍ଲଂଘନ କଲେ ଜରିମାନା ରାଶି ୪ ହଜାର ଟଙ୍କା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ ଏପରି କି ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ପ୍ରାବଧାନ ଅଛି। ଅନେକ ଘରୋଇ ଓ ବ୍ୟବସାୟିକ ଗାଡ଼ି ନିୟମ ଉଲ୍ଲଂଘନ କରି ବୀମା କରୁନାହାନ୍ତି। ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତକଙ୍କ ପରିବାର ଅନୁକମ୍ପାମୂଳକ ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ସରକାରଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିବାରୁ କଡ଼ାକଡ଼ି ପଦକ୍ଷେପ ନିଆଯାଉଛି। ବୀମା ନିୟମ ଉଲ୍ଲଂଘନକାରୀଙ୍କୁ ଇ-ଡିଟେକ୍ସନ ଜରିଆରେ ଚିହ୍ନଟ କରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ନିଷ୍ପତ୍ତି ନେଇଛି। ପୂର୍ବରୁ ଇ-ଡିଟେକ୍ସନରେ ପରମିଟ୍, ଫିଟ୍‌ନେସ୍, ଟିକସ ନିୟମ ଉଲ୍ଲଂଘନକାରୀଙ୍କୁ ଟୋଲ୍‌ଗେଟ୍‌ରେ ଚିହ୍ନଟ କରାଯାଉଥିଲା। ଏବେ ବୀମା ନିୟମ ଉଲ୍ଲଂଘନକାରୀଙ୍କୁ ମଧ୍ୟ ଏହି ପ୍ରକ୍ରିୟାରେ ଚିହ୍ନଟ କରାଯିବ। ଏହାସହ ଏନ୍‌ଫୋର୍ସମେଣ୍ଟରେ ଆଧୁନିକ ଜ୍ଞାନକୌଶଳକୁ ଅଧିକ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି।

# ନିମ୍ନମାନର ପିଡିଏସ୍ ଚାଉଳକୁ ନେଇ ଉତ୍ତେଜନା

ପାଟପୁର,୩୧।୧(ସିମାଞ୍ଚଳ ସାହୁ)

## ଯୋଗାଣ ଅଧିକାରୀ, ଯୋଗାଣ ସହାୟକ ଅଟକ



ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ପଞ୍ଚାୟତରେ ଶୁକ୍ରବାର ରାଶନ କାର୍ଡଧାରୀଙ୍କୁ ନିମ୍ନମାନର ଚାଉଳ ବଣ୍ଟନ କରାଯାଇଥିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଜିଲାରେ ବର୍ତ୍ତମାନ ଧାନ ସଂଗ୍ରହ ଚାଲିଛି। ସରକାରୀ ଧାର୍ଯ୍ୟ ଦର ଏବଂ ମାନ ଆଧାରରେ ଧାନ କିଣାଯାଉଥିବା କୁହାଯାଉଥିଲେ ମଧ୍ୟ ମିଲରମାନେ ମନମାନି ଚଳାଇଥିବା ଅଭିଯୋଗ ହେଉଛି। ୧ କୁଇଣ୍ଟାଲ ଧାନରେ ୧୨ରୁ ୧୫ କେଜି ପର୍ଯ୍ୟନ୍ତ କଟନି ଛଟନି ବାବଦକୁ ଯାଉଛି। ଏଭଳି ସ୍ଥିତିରେ ପିଡିଏସ ଚାଉଳ ଯୋଗାଉଥିବା ମିଲର ନିକୃଷ୍ଟମାନର ଚାଉଳ ଯୋଗାଉଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଖଲିଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗାଣ ସହାୟକ ଏବଂ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଅଟକ ରଖି କଟନୀ ଛଟନିର ପ୍ରତିବାଦ କରିଥିଲେ। କଟନିଛଟନୀ ବନ୍ଦ ଦାବି କରିବା ସହ ମିଲରଙ୍କ ସହ ପ୍ରଶାସନର ମଧୁଚନ୍ଦ୍ରିକାକୁ ବିରୋଧ କରିଥିଲେ। ଖବରପାଇ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକଙ୍କ ସହ ପାଟପୁର ପୋଲିସ ପକ୍ଷରୁ ଏସଆଇ ଶ୍ରୀନିବାସ ଦାଶ ଏବଂ ହିମାଂଶୁ ପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେମାନେ ଲୋକଙ୍କୁ ବୁଝାଶୁଝା କରିବା ସହ ଅଟକ ଥିବା ଯୋଗାଣ ଅଧିକାରୀ ଏବଂ ଯୋଗାଣ ସହାୟକଙ୍କୁ ଉଦ୍ଧାର କରିଥିଲେ।

# ରାସ୍ତା ଉନ୍ନତି ପାଇଁ ଆସିବ ସ୍ୱତନ୍ତ୍ର ନୀତି

- ୫ ବର୍ଷରେ ନିର୍ମାଣ ହେବ ୭୫ ହଜାର କି.ମି. ରାସ୍ତା
- ରାସ୍ତାକଡ଼ରେ ନିର୍ମାଣ ହେବ ୟୁଟିଲିଟି କରିଡର
- ନିୟମିତ ରାସ୍ତାର ସ୍ଥିତି ଯାଞ୍ଚ ହେବ



ଭୁବନେଶ୍ୱର,୩୧।୧(ଅନିଲ ଦାସ)

ରାଜ୍ୟରେ ରାସ୍ତା ନିର୍ମାଣ, ମରାମତି ଏବଂ ଉନ୍ନତୀକରଣ ପାଇଁ ଏକ ସ୍ୱତନ୍ତ୍ର ନୀତି କାର୍ଯ୍ୟକାରୀ ହେବ। ଏଥିରେ ବାର୍ଷିକ ୧୫ ହଜାର କିଲୋମିଟର ହିସାବରେ ଆସନ୍ତା ୫ ବର୍ଷରେ ୭୫ ହଜାର କିଲୋମିଟର ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି; ଯେଉଁଥିରେ ଜାତୀୟ ରାଜପଥ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ନଗର ଉନ୍ନୟନ ବିଭାଗର ରାସ୍ତା ଓ ସେତୁ ନିର୍ମାଣ ହେବ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପାଣି ପାଇପ୍, ବିଜୁଳି ଲାଇନ୍, ଟେଲିଫୋନ୍ ଇଣ୍ଟରନେଟ୍ କେବୁଲ ଆଦି ବିଛାଇବା ପାଇଁ ଭଲଥିବା ରାସ୍ତାକୁ ବାରମ୍ବାର ଖୋଳି ଦିଆଯାଉଛି। ଏହି ସମସ୍ୟାକୁ ଦୂର କରିବା ପାଇଁ ବିଭିନ୍ନ ରାସ୍ତାକଡ଼ରେ ସ୍ୱତନ୍ତ୍ର ୟୁଟିଲିଟି କରିଡର ନିର୍ମାଣ କରାଯିବ। ଏଥିସହିତ ରାସ୍ତା ସମ୍ପ୍ରସାରଣ ସମୟରେ ଯେପରି ଗଛ କାଟିବାକୁ ନ ପଡ଼େ ସେଭଳି ଭାବେ ଚାରାରୋପଣ ପାଇଁ ବ୍ୟବସ୍ଥା କରାଯିବ। ଆବଶ୍ୟକସ୍ଥଳେ ପୁରୁଣା ତଥା ବଡ଼ ବଡ଼ ଗଛକୁ ନ କାଟି ଯେଭଳି ଆଧୁନିକ ଯନ୍ତ୍ରାଂଶ ସାହାଯ୍ୟରେ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇପାରିବ ତାହା ଉପରେ ନୀତିରେ ବ୍ୟବସ୍ଥା ରହିବ। ଏଥିସହିତ ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘ ସେତୁ ନିର୍ମାଣ ଶୈଳୀ ଓ ଏହାର ମାନ କିଭଳି ହେବ ସେନେଇ ଏହି ନୀତିରେ ଉଲ୍ଲେଖ ରହିବ। ଅନେକ ସମୟରେ ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ ବେଳେ ଜମି ଅଧିଗ୍ରହଣ ନେଇ ସମସ୍ୟା ଉପୁଜୁଥିବାରୁ ଏହାର ସମାଧାନ ପାଇଁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ରହିବ। ଏଥିସହିତ କେବଳ ନୂଆ ରାସ୍ତା ନିର୍ମାଣ ନୁହେଁ, ପୁରୁଣା ରାସ୍ତାର ନିୟମିତ ଯାଞ୍ଚ ଏବଂ ମରାମତି କରାଯିବ। ମୌସୁମୀ ଏବଂ ମୌସୁମୀ ପୂର୍ବ ଓ ପରବର୍ତ୍ତୀ ସମୟରେ ରାସ୍ତା ଯାଞ୍ଚ ତଥା ମରାମତି ଉପରେ ଧ୍ୟାନ ଦିଆଯିବ। ଶୁକ୍ରବାର ଏ ନେଇ ଲୋକସେବା ଭବନଠାରେ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାସ୍ତା ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ନିର୍ମାଣ ଶୈଳୀକୁ ଆପଣାଯିବ। ଏହାସହ ନିର୍ମାଣ ସମୟରେ ପରିବେଶକୁ ଗୁରୁତ୍ୱ ଦିଆଯିବା ସହ ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ବର୍ଜ୍ୟବସ୍ତୁ କିଭଳି ରାସ୍ତା ନିର୍ମାଣ ଉପଯୋଗ କରାଯାଇପାରିବ ସେନେଇ ଆଲୋଚନା ହୋଇଛି। ବୈଠକରେ ଗୃହ, ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରିଶ ଏସ୍.ଏନ୍, ରାଜ୍ୟ ପରିବହନ ପ୍ରାଧିକରଣର କମିଶନର ଅମିତାଭ ଠାକୁର, ଇଆଇସି ସିଭିଲ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ଏନ୍. ତିରୁମାଲା ନାଏକଙ୍କ ସମେତ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ଟ୍ରକ୍ ପଛରେ ଧକ୍କାଦେଲା ବାଇକ୍, ବାପପୁଅ ମୃତ

ଢେଙ୍କିକୋଟ,୩୧।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା। ଲାଇଫ ଲାଇନ ଜାତୀୟ ରାଜପଥ ୨୦ ନଂ.ର ଢେଙ୍କିକୋଟ ବରବେଡ଼ା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଟ୍ରକ୍ ପଛରେ ପିଟି ହୋଇ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଭଦ୍ରକର ଦିଲୀପ ଭଟ୍ଟାଚାର୍ଯ୍ୟ(୫୫) ଓ ପ୍ରୀତମ କୁମାର ଭଟ୍ଟାଚାର୍ଯ୍ୟ(୨୬)। ଉଭୟ ସମ୍ପର୍କରେ ବାପ-ପୁଅ ବୋଲି ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟା ୭ ଟାରେ ଜାତୀୟ ରାଜପଥ ୨୦ ନଂ.ରେ ଘଟଗାଁରୁ କେନ୍ଦୁଝର ଅଭିମୁଖେ ଆଇରନ ବୋଝେଇ ଟ୍ରକ୍ ଯାଉଥିଲା। ଏହି ସମୟରେ ବାଇକ (ନଂ. ଓଡ଼ି ୨୨ ଆର ୮୩୭୮) ଯୋଗେ ୨ ଜଣ କେନ୍ଦୁଝର ଅଭିମୁଖେ ଯାଉଥିଲେ। ଲଙ୍ଗଳକଣ୍ଟି ଛକଠାରେ ଓଭରବ୍ରିଜ ନିର୍ମାଣ କରୁଥିବା ଠିକାସଂସ୍ଥା କୌଣସି ସୂଚନା ନ ଦେଇ ଜାତୀୟ ରାଜପଥ ଉପରେ ୧ ଫୁଟ ଉଚ୍ଚର ହମ୍ପସ୍ ନିର୍ମାଣ କରିଛି। ସେଥିରେ ଧଳା ରଙ୍ଗ ମଧ୍ୟ ଦିଆଯାଇନାହିଁ। ଟ୍ରକ୍ ଜାଣି ନ ପାରି ହମ୍ପସ ନିକଟରେ ବ୍ରେକ୍ ମାରିବାରୁ ପଛରେ ଥିବା ୨ ବାଇକ ଆରୋହୀ ଟ୍ରକ୍ ପଛରେ ଧକ୍କା ଦେଇଥିଲେ। ହେଲମେଟ୍ ପିନ୍ଧିଥିଲେ ମଧ୍ୟ ସେମାନଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଖବର ପାଇ ଢେଙ୍କିକୋଟ ପୋଲିସ ପହଞ୍ଚି ଘଟଗାଁ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଘଟଗାଁ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଏକ ଟ୍ରକ୍ ପଛରେ ଏକ କାର ଧକ୍କା ଦେବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ଘଟଣା ତଦନ୍ତ ଚାଲିଛି। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ ଜେନା କହିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସିବିଆଇ ଯାଞ୍ଚ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଫିଲ୍ମ 'ସନାତନୀ' ଖବରଦାତା ସମ୍ମିଳନୀ, ସ୍ଥାନ: ରୋଟାରୀ କ୍ଲବ ଆଚାର୍ଯ୍ୟ ବିହାର, ସମୟ: ଅପରାହ୍ନ ୩ଟା।
- ମୟୂରଭଞ୍ଜ ଉତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଆମ ସଙ୍ଗଠନ ପକ୍ଷରୁ ତ୍ରିବେଣୀ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଅନ୍ତର୍ବେଦୀ ପୀଠ ନିକଟ ଯାତ୍ରା ପଡ଼ିଆ, ବାଲିପାଟଣା, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ୧୦ମ ପଦ୍ମଚରଣ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ବାରବାଟୀ ମିନିଷ୍ଟାଡ଼ିୟମ, ନିମାପଡ଼ା, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା
- ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଜଟଣୀ ମହାବିଦ୍ୟାଳୟ ପକ୍ଷରୁ 'ସାହିତ୍ୟ କ'ଣ ଓ ଏହାର ଲକ୍ଷ୍ୟ' ପାଠଚକ୍ର, ସ୍ଥାନ: ଜଟଣୀ ମହାବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଆଙ୍କୋ ହଷ୍ଟେଲ ପରିସର, ରୂପସା, ସମୟ: ଦିବସବ୍ୟାପୀ।
- ବ୍ଲକ ଲେଭଲ୍ କାଉନସେଲିଂ କ୍ୟାମ୍ପ, ସ୍ଥାନ: ବ୍ଲକ ପରିସର, ବାହାନଗା, ସମୟ: ପୂର୍ବାହ୍ନ ୧୦ଟା।
- ସିମୁଲିଆ ମହୋତ୍ସବ, ସ୍ଥାନ: ମାର୍କୋଣା ରାବଣ ପୋଡ଼ି ପଡିଆ, ସିମୁଲିଆ, ସମୟ: ଅପରାହ୍ନ ୪ଟା।
- ଉତ୍ସବ ଉତ୍ତର ଓଡ଼ିଶାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ଜଳେଶ୍ୱର ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍ ପଡ଼ିଆ, ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଭ୍ରାମ୍ୟମାଣ ନବରାତ୍ର ନାମଯଜ୍ଞ, ସ୍ଥାନ: ବଂଶୀପାଟଣା, ବାସୁଦେବପୁର, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରର ଦ୍ୱିତୀୟ ବାର୍ଷିକୋତ୍ସବରେ କଳସ ଶୋଭାଯାତ୍ରା, ସ୍ଥାନ: ଚରମ୍ପା ପଥରଆଡ଼ି, ଭଦ୍ରକ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ପରାମର୍ଶ ଶିବିର, ସ୍ଥାନ: ଜିଲା ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଓ ନିତ୍ୟାନନ୍ଦ ବିଶ୍ୱାଳ ସ୍ମାରକୀ ପାଠାଗାର ଉନ୍ମୋଚନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ନିତ୍ୟାନନ୍ଦ ଆଇଟିଆଇ ପରିସର, ସମୟ: ଅପରାହ୍ନ ୫ଟା।
- ତିହିଡ଼ି ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- କଳ୍ପତରୁ ଶିକ୍ଷା ସେବାଶ୍ରମରେ ଦିବ୍ୟ ପ୍ରବଚନ, ସ୍ଥାନ: କଳ୍ପତରୁ ଆଶ୍ରମ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଶନିଙ୍କ ମନ୍ଦିରରେ ପୂଜା, ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ବାର୍ଷିକ ଉତ୍ସବ, ଭଜନ କୀର୍ତ୍ତନ, ସ୍ଥାନ: ମର୍ଚ୍ଚୈଗାଁ, ହାଟଡ଼ିହୀ, ସମୟ : ସକାଳ ୭ଟା।
- କବିର ସ୍ମାରକୀ କ୍ରିକେଟ ଟୁର୍ଣ୍ଣମେଣ୍ଟ ଉଦଘାଟନୀ ଉତ୍ସବ, ସ୍ଥାନ: କରିବୁରୁ ଛକ କ୍ରିକେଟ ପଡ଼ିଆ, ବଡ଼ବିଲ, ସମୟ: ସକାଳ ୮ଟା।
- ନିକଲସନ ବନ ବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ସ୍ଥାନ: ନିକଲସନ ବନ ବିଦ୍ୟାଳୟ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ମଧୁରଗଡ଼ିଆ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ୬ ଦିନ ବ୍ୟାପୀ ପଞ୍ଚକୁଣ୍ଡୀୟ ଶତଚଣ୍ଡୀ ଯଜ୍ଞ, ସ୍ଥାନ: ଗଦାଧର କୁମାରୀପୁର ଶାସନ(ଗଡ଼ିଆମାଳ) ବନଦୁର୍ଗା ମନ୍ଦିର ପ୍ରାଙ୍ଗଣ, ପୁରୁଣା ବାରିପଦା, ଗୋପବନ୍ଧୁ ନଗର, ସମୟ: ସକାଳ ୮ ଟା।
- ଗାୟତ୍ରୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବର ଦେବ ଆବାହନ ଓ ରତ୍ନସିଂହାସନ ପ୍ରତିଷ୍ଠା, ସ୍ଥାନ: ଝରାଡିହୀ ବହଳଦା ବ୍ଲକ, ସମୟ: ସକାଳ ୯ଟା।
- ଗୁରୁଗୋବିନ୍ଦ ସାଇବାବା ମନ୍ଦିରର ବାର୍ଷିକ ଉତ୍ସବର ଅଧିବାସ, ସ୍ଥାନ:କରତବସା, ଶାମାଖୁଣ୍ଟା, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର
- ୧୬ ବର୍ଷରୁ କମ୍ ଟେନିସ ଟୁର୍ଣ୍ଣାମେଣ୍ଟ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ୟୁନିୟନ କ୍ଲବ ଟେନିସ ଏରିନା,ସମୟ: ସକାଳ ୮ଟା ୩୦।
- ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟର 'ସକ୍ଷମ-୫' କାର୍ଯ୍ୟକ୍ରମ, ସ୍ଥାନ: ଆରସିବିଇ କମ୍ୟୁନିଟି ହଲ, ଧରମନଗର,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- କପିଳାସ ପ୍ରସିଦ୍ଧ ଜାଗର ଯାତ୍ରା ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦଭାବନା ଗୃହ, ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତ୍ରୟୋଦଶ ବାର୍ଷିକ ଉତ୍ସବ, ସ୍ଥାନ: କରମୁଳ ଆମ୍ବପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- କୋଷ୍ଟଗାର୍ଡର ୪୯ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: କୋଷ୍ଟଗାର୍ଡ ଜେଟି, ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ, ପାରାଦୀପ, ସମୟ: ସକାଳ ୬ ଟା।
- ଉଦୟବଟ ଧାମରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଯଜ୍ଞ ଆରମ୍ଭ, ସ୍ଥାନ: ଉଦୟବଟ, ଦୋଛକି, ପାରାଦୀପ, ସମୟ: ସକାଳ ୬ଟା।
- ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୯ଟା।
- ଅଲଣାହାଟ ହାଇସ୍କୁଲ ଆଲୁମିନି ଆସୋସିଏଶନ ପକ୍ଷରୁ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ, ସ୍ଥାନ: ଅଲଣାହାଟ, ନାଉଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ସମାରୋହ, ସ୍ଥାନ: ଜଗତି ଖେଳ ପଡିଆ, ଜଗତି, ଭୂତମୁଣ୍ଡାଇ, କୁଜଙ୍ଗ, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ପଙ୍ଗପାଳ, କୁଜଙ୍ଗ, ସମୟ: ଅପରାହ୍ନ ୬ଟା।

## ଯାଜପୁର
- ଟୋଲକାନୀ ଝାଡେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ : କଲେଜ ପରିସର, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଆର୍ତ୍ତେଶ୍ୱର ମହାଦେବଙ୍କ ରୁଦ୍ର ମହୋତ୍ସବ ଓ ତ୍ରିବେଣୀ ମେଳା, ସ୍ଥାନ:ଜଗନ୍ନାଥପୁର, ନହଙ୍ଗ, ଡେରାବିଶ, ସମୟ: ସକାଳ ୬ଟା।
- ସୂଚନା ଅଧିକାର କର୍ମୀ ସ୍ୱର୍ଗତ ରଞ୍ଜନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା, ସ୍ଥାନ: ମାଣିକପୁର, ତାଳସଙ୍ଗା, ମାର୍ଶାଘାଇ, ସମୟ:ପୂର୍ବାହ୍ନ ୧୧ଟା।
- ଲକି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି, ସ୍ଥାନ:ଟାଉନ ହାଇସ୍କୁଲ ଖେଳପଡିଆ, କେନ୍ଦ୍ରାପଡ଼ା ସହର, ସମୟ:ଅପରାହ୍ନ ୨ଟା।
- ଅନୁଷ୍ଟୁପ ଯୁବ ସଙ୍ଗଠନ ପକ୍ଷରୁ ଧୂମାତ ପଲ୍ଲୀ ମହୋତ୍ସବ, ସ୍ଥାନ: ଧୂମାତ ଶାସନ ସ୍କୁଲ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ:ଅପରାହ୍ନ ୫ଟା।

## ନୟାଗଡ଼
- ଜଗନ୍ନାଥ ମହାପ୍ରଭୁଙ୍କ ୫୬ ଫୁଟ ଉଚ୍ଚତାର ମନ୍ଦିର ପ୍ରତିଷ୍ଠା ଉତ୍ସବ ୨ୟ ଦିବସରେ ସୂର୍ଯ୍ୟପୂଜା ଓ ଦେବତା ସ୍ନାନ, ସ୍ଥାନ: ଓଡ଼ଗାଁ ବ୍ଲକ ବଡଗୋରଡ଼ା, ସମୟ: ସକାଳ ୭ଟା।
- ବୈଷ୍ଣୋ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଓ ଶକ୍ତି ଯଜ୍ଞ ଅବସରରେ ମହାସ୍ନାନ ଉତ୍ସବ ଓ ଚଣ୍ଡୀ ହବନ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତର ଜାମୁକୋଣ, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀକପିଳେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞରେ ଆହୁତି ପ୍ରଦାନ, ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ପୁରୁଷୋତ୍ତମପୁର ଶାସନ, ସମୟ: ସକାଳ ୭ଟା।
- ଶାନ୍ତିକୁଟୀର ଆଶ୍ରମ ଗୁରୁଦେବଙ୍କ ଶତ ବାର୍ଷିକ ଉତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବଳରାମପ୍ରସାଦ ଶାନ୍ତିକୁଟୀର ଆଶ୍ରମ, ସମୟ: ସକାଳ ୮ଟା।
- ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀହନୁମାନ ଜୀଉଙ୍କ ୨୮ ଫୁଟ ସୁଉଚ୍ଚ ବିଗ୍ରହଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୩ୟ ଦିବସରେ ସୂର୍ଯ୍ୟପୂଜା ଓ ଆହୁତି ପ୍ରଦାନ, ସ୍ଥାନ: ନୟାଗଡ଼ ପୁରୁଣା ସହରର କରଣସାହିସ୍ଥିତ ବିଶ୍ୱନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମହାପ୍ରଭୁଙ୍କ ୫୬ ଫୁଟ ଉଚ୍ଚତା ମନ୍ଦିର ପ୍ରତିଷ୍ଠା ଉତ୍ସବର ୨ୟ ଦିବସରେ ନାଟକ ଟୀକା ଗୋବିନ୍ଦ ଚନ୍ଦ୍ର, ସ୍ଥାନ: ଓଡଗାଁ ବ୍ଲକ ବଡ଼ଗୋରଡ଼ା, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା
- ମାର୍କଣ୍ଡେୟ ମହର୍ଷିଙ୍କ ଜନ୍ମଦିନ ଅବସରରେ କଳସଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିରରୁ ଭେଙ୍କଟେଶ୍ୱର ମନ୍ଦିର, ରାୟଗଡ଼ା, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର, ସ୍ଥାନ: ମୁନିଗୁଡ଼ା ପଞ୍ଚାୟତ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ବଂଶଧାରା ବସନ୍ତ ମହୋତ୍ସବ ପାଇଁ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ବଂଶଧାରା ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ଅପରାହ୍ନ ୪ଟା।
- ବଂଶଧାରା ବସନ୍ତ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଂଶଧାରା ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ଏମ୍‌ଜିଏନ୍‌ଆରଇଜିଏସ୍ ଏବଂ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ବ୍ଲକସ୍ତରୀୟ ଜନ ଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଯୁକ୍ତି ପରାମର୍ଶ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଏସ୍‌ଏସ୍ ବାଲମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଭଗବତୀ ନଗର ନିକଟ ସ୍କୁଲ ପରିସରରେ,ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ସର୍ବଭାରତୀୟ କର୍ଣ୍ଣେଲ ସିକେ ନାଇଡୁ କ୍ରିକେଟ ମ୍ୟାଚ ଉଦ୍‌ଘାଟନୀ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ଝାରସୁଗୁଡା ଜିଲା ଏସିଏସଟି ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ମା' ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟର ବିଶାଳ ଜାଗରଣ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ କ୍ଷେତରାଜପୁର ସ୍ଥିତ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର
- ଜୟ ମା' ବସ୍ତରେନ ଟାଉନ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ଲାଠୋର ଖେଳପଡିଆ, ଖପ୍ରାଖୋଲ ବ୍ଲକ, ସମୟ: ଅପରାହ୍ନ ୪ ଟା।

## ରାଉରକେଲା
- ସରଣା କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨ୟ ଦିବସ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା।
- ଶନିଦେବଙ୍କ ମୂର୍ତ୍ତି ସ୍ଥାପନା ଓ ପ୍ରତିଷ୍ଠା ସମାରୋହ ଉଦ୍‌ଯାପିତ, ସ୍ଥାନ: ଗୋପବନ୍ଧୁ ପାଲୀ, ସମୟ: ପୂର୍ବାହ୍ନ ୧୦ଟା।
- ନୀଳଶୈଳ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଉରକେଲା ଚ୍ୟାମ୍ବର ଅଫ କମର୍ସ ପକ୍ଷରୁ କେନ୍ଦ୍ରୀୟ ବଜେଟ-୨୦୨୫ ନେଇ ସମୀକ୍ଷା ବୈଠକ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନେସ୍‌ନାଲ୍ ଏଣ୍ଟରପ୍ରେନର୍ସିପ୍ ସମିଟ୍, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୩୦ତମ ପୁସ୍ତକ ମେଳାର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭଞ୍ଜଭବନ ପଡ଼ିଆ, ରାଉରକେଲା, ସମୟ: ଅପରାହ୍ନ ୪ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ଏନ୍‌ଆଇଟି ରାଉରକେଲାରେ ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ଓ ଖାଦ୍ୟବ୍ୟଞ୍ଜନ ପ୍ରଦର୍ଶନୀ ମେଳା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭଞ୍ଜଭବନ ପ୍ରଦର୍ଶନୀ ପଡ଼ିଆ, ସେକ୍ଟର ୫, ସମୟ: ଅପରାହ୍ନ ୫ଟା।
- ଜୟଦେବ କଳା ବିକାଶ କେନ୍ଦ୍ର ବାର୍ଷିକ ଉତ୍ସବ, ସ୍ଥାନ: ଜଗଦା ଶକ୍ତିଭବନ, ସମୟ: ସନ୍ଧ୍ୟା ୬ଟା।
- ଭଗବତୀଚରଣ ପାଣିଗ୍ରାହୀ ଜୟନ୍ତୀ, ସ୍ଥାନ: ସେକ୍ଟର-୧୬ ଶ୍ରମିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ହନୁମାନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ସରକାରୀ ବସଷ୍ଟାଣ୍ଡ, ବରଗଡ଼, ସମୟ:ସକାଳ ୮ଟା।
- ସୁନ୍ଦରକାଣ୍ଡ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ଘୁଡ଼ାଦାନୀ ମନ୍ଦିର ପ୍ରାଙ୍ଗଣ, ତଳିପଡ଼ା, ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀ କୋଦଣ୍ଡ ରାମାଚନ୍ଦ୍ର ସ୍ୱାମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଭାଲୁପତ୍ରା(ଜାଙ୍ଗେଡ଼), ଅତାବିରା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ସରକାରୀ ବସଷ୍ଟାଣ୍ଡ, ବରଗଡ଼, ସମୟ:ଅପରାହ୍ନ ୩ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ:ପୂର୍ବାହ୍ନ୧୦ଟା ୩୦।

## କଳାହାଣ୍ଡି
- ପ୍ରାଦେଶିକ କ୍ରୀଡ଼ା ସମାରୋହର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ସାର୍ବଜନୀନ ସରସ୍ୱତୀ ପୂଜା ପାଇଁ କଳସ ଯାତ୍ରା, ସ୍ଥାନ: ଜୁନାଗଡ଼ ବ୍ଲକ କେଳିଆ, ସମୟ: ଅପରାହ୍ନ ୪ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଜୟପାଟଣା ହାତୀଶାଳ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀରାମଚନ୍ଦ୍ର ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ମନ୍ଦିର ନ୍ୟାସ, ସିଂହାସନ ପୂଜା, ସ୍ଥାନ: ନାରାୟଣନଗର ଗ୍ରାମ, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼
- ଉତ୍ସବ ପ୍ରଧାନପାଟ-୨୦୨୫ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିରରୁ ପଧାନୀ ବୁଢ଼ୀ ମନ୍ଦିର ପ୍ରଧାନପାଟ, ସମୟ: ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରୋଡ, ଦେବଗଡ଼, ସମୟ: ଅପରାହ୍ନ ୫ଟା।
- ଉତ୍ସବ ପ୍ରଧାନପାଟ ଉଦ୍‌ଘାଟନ ଓ ସାଧାରଣ ସଭା, ସ୍ଥାନ: ବଡବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍ସବ ପ୍ରଧାନପାଟ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଗିଚା, ଉତ୍ସବ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ମେଟାକାନି ଛକ, ଘିଚାପାଲି ବୀରମହାରାଜପୁର, ସମୟ: ସକାଳ ୯ଟା।
- ପାତାଳୀ ଶ୍ରୀକ୍ଷେତ୍ରରେ ୫୬ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ : କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ : ସକାଳ ୯ଟା।
- ୧୬ ତମ ମା' ମାହେଶରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ, ସ୍ଥାନ: ମେଣ୍ଡିଲିପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜ୍ୟୋତି ସ୍ପୋର୍ଟିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ମ୍ୟାଚ, ସ୍ଥାନ: କେନ୍‌ଝିରିଆପାଲି ହାଇସ୍କୁଲ ପଡିଆ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା' ବନଦୁର୍ଗା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ପିତାମହୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ସଚେତନତା ସଭା, ସ୍ଥାନ: ତରଭା ନୂତନ ବସ୍‌ଷ୍ଟାଣ୍ଡ ପାଖ, ସମୟ: ଅପରାହ୍ନ ୨ଟା।
- ପାତାଳୀ ମହୋତ୍ସବର ସାଂସ୍କୃତିକ ସଭା ଓ କାର୍ଯ୍ୟକ୍ରମ, ସ୍ଥାନ: କୋଟସମଲାଇ ସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର, ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ , ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଯୁବ କଂଗ୍ରେସ କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଉଦ୍ୟାନବନ୍ଧ ସପ୍ତାହିକ ହାଟ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା
- ଜଗନ୍ନାଥଙ୍କ ପଦ୍ମମୁଖ ବେଶ, ସ୍ଥାନ: କୁକୁରଜଙ୍ଘା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଶିବଙ୍କ ରୁଦ୍ରାଭିଷେକ ପୂଜା, ସ୍ଥାନ: ପଣ୍ଡ୍ରି ଶିବ ମନ୍ଦିର, ସମୟ: ସକାଳ ୮ଟା।
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ତ୍ରିଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାଗଡ଼ିହି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କେନ୍ଦ୍ର ସ୍ଥାନରେ ରବିଙ୍କ ସ୍ଥିତି କର୍ମକ୍ଷେତ୍ରକୁ ନିରାପଦ କରିବା ସହ ପାରିବାରିକ ଶାନ୍ତି ପ୍ରଦାନ କରିବ। ଦ୍ୱାଦଶସ୍ଥ ଶୁକ୍ର କୌଶଳ ପ୍ରୟୋଗ ମାଧ୍ୟମରେ ଅର୍ଥାଗମନର ରାସ୍ତା ଉନ୍ମୁକ୍ତ କରି ବିଳାସ ବ୍ୟସନରେ ବ୍ୟୟ କରିବେ। ବନ୍ଧୁଙ୍କୁ ଦେଖିବାକୁ ମନ ଛଟପଟ ହେବ। ପ୍ରଶାସନ, ଆଇନ, ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** ଏକାଦଶରେ ଶନି ଓ ଚନ୍ଦ୍ର ରହିଥିବାରୁ ଅଶୁଭତ୍ୱ ନିରାକରଣ ପୂର୍ବକ ସମସ୍ତ ପ୍ରକାର ସୁଖ, ସୌଭାଗ୍ୟ ଲାଭ କରିବେ। ଗତକାଲିର ବାକି ପଡ଼ିଥିବା କାମକୁ ଆଜି ପୂରାଦମରେ କରିବା ସକାଶେ ନିଷ୍ପତ୍ତି ନେବେ। ବ୍ୟବସାୟ ଓ ପରିବହନରେ ଉନ୍ନତମାନର ଫଳ ପାଇପାରନ୍ତି। ସ୍ନାୟବିକ ଦୁର୍ବଳତା ଜନିତ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** ସ୍ୱସ୍ଥାନ ହନ୍ତା ବୃହସ୍ପତି ଦ୍ୱିତୀୟ ଭାବରେ ଅର୍ଥସଙ୍କଟକୁ ଦ୍ୱିଗୁଣିତ କରିପାରେ। ପାରିବାରିକ କ୍ଷେତ୍ର ସମସ୍ୟା ବହୁଳ ରହିବା ସାଙ୍ଗକୁ ଅନ୍ୟମାନଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ହେତୁ ମାନସିକ ସ୍ଥିତି ଠିକ୍ ରହିବ। ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବା ସହ ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**କର୍କଟ** ଶାରୀରିକ ଅସୁସ୍ଥତାଜନିତ କାମ ସ୍ଥଗିତ ରହିଯାଇପାରେ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ଓଲଟା ଫଳ ପାଇବାର ଆଶଙ୍କା ରହିଛି। ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିବା କାରଣରୁ ଭାବପ୍ରବଣତା ବୃଦ୍ଧି ପାଇବ। ପରିବହନ ଓ ବ୍ୟବସାୟ,ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ସିଂହ** ରବି ଓ ବୁଧଙ୍କ ଷଷ୍ଠ ସ୍ଥିତି ଯୋଗୁ ଆପଣ ଭ୍ରମଣସୁଖ ସାଙ୍ଗକୁ ଅପବ୍ୟୟ ଓ ନିଦ୍ରାହୀନତାରେ ପୀଡ଼ିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ଅପରାହ୍ନ ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କଳା, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତାରୁ ସୁଫଳ ମିଳିବ।

**କନ୍ୟା** ଝିଙ୍ଗଟ୍ ମଧ୍ୟରେ ପରିବାର ଓ କର୍ମକ୍ଷେତ୍ରର ଅସଜଡ଼ା କାମକୁ ସଜାଡ଼ି ନେବେ। ସଭାସମିତିରେ, ଆନୁଷ୍ଠାନିକ କାମରେ, ଅଫିସିଆଲି ଆଲୋଚନାରେ ସମୟ କାଟିବାକୁ ପଡ଼ିପାରେ। ଶୁକ୍ର ହେତୁ ଅର୍ଥ ସଂଗ୍ରହରେ ତତ୍ପରତା କିମ୍ବା ତିର୍ଥାଟନ କଥା ଚିନ୍ତା କରିପାରନ୍ତି। ରାଜନୀତି, ସାହିତ୍ୟ, ଉଚ୍ଚଶିକ୍ଷା, ବିଦେଶ ଯାତ୍ରାର ସୁଯୋଗ ଜୁଟିବ।

**ତୁଳା** ପୁରୁଣା ସମସ୍ୟାର ତୁଳନାତ୍ମକ ବିଚାର କରି କର୍ମାରମ୍ଭ ସକାଶେ ମନ ବଳାଇବେ। ବହୁତ ଦିନରୁ ମନେ ମନେ ଭାବୁଥିବା ଦ୍ରବ୍ୟଲାଭରୁ ଖୁସି ହେବେ। ଶନି ଓ ଚନ୍ଦ୍ର ସଂଯୋଗଜନିତ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବ। ସଭାସମିତି, ଚୁକ୍ତିପତ୍ର, ଫାଇଲ୍ କାମ, ସଂଗଠନ, ରାଜନୀତି ଓ ମାଲିମକଦ୍ଦମାରେ ସଫଳତା ଅର୍ଜନ କରିବେ।

**ବିଛା** ଆଜି ରବି କେନ୍ଦ୍ରସ୍ଥ ଯୋଗୁ ଆପଣ ନିର୍ଦ୍ଦିଷ୍ଟ ସମୟରେ ହାତକୁ ନେଇଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ବ୍ୟବସାୟ କ୍ଷେତ୍ରରେ ଦୃଢ଼ ମନୋବଳ ନେଇ କାମ କରି ଲକ୍ଷ୍ୟ ହାସଲ କରିବେ। ବନ୍ଧୁମାନଙ୍କ ସହାୟତାରେ ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ଧନୁ** ଶନିଙ୍କ ତୃତୀୟସ୍ଥିତି ହେତୁ ରାଜନୈତିକ ଏବଂ ସାଙ୍ଗଠନିକ କ୍ଷେତ୍ରରେ ସହଯୋଗର ଅଭାବ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବିଭିନ୍ନ ଯୋଜନାର ପରିକଳ୍ପନା ଧିମା ଗତିରେ ବଢ଼ିବ। ସତ୍ୟ ଭାଷଣରୁ ନିବୃତ୍ତ ନ ରହିଲେ ସମସ୍ୟାର ସମ୍ମୁଖୀନ ହେବେ। ଦୂରଯାତ୍ରା ପ୍ରସ୍ତୁତି କରିବେ, କିନ୍ତୁ ଯୋଜନା ବିଗିଡ଼ିଯିବା ଆଶଙ୍କା ରହିଛି।

**ମକର** ଷଷ୍ଠାଷ୍ଟମ ଗ୍ରହ ସମ୍ପର୍କରୁ ଖର୍ଚ୍ଚ ବୃଦ୍ଧିକୁ ରୋକିପାରିବେ ନାହିଁ। ସହକର୍ମୀଙ୍କ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ବିଶିଷ୍ଟ ବ୍ୟକ୍ତିମାନଙ୍କ ସହାୟତାରେ ସଭା ସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟ, ନିର୍ମାଣ, କଚେରି ମାମଲା, ପ୍ରଭୃତି ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

**କୁମ୍ଭ** ସ୍ୱଗୃହୀ ଶନି ପ୍ରଭାବରେ ବହୁତ ଦିନର ଅଭିଳାଷ ପୂରଣ ହୋଇଯିବ। ଆବଶ୍ୟକତା ପୂରଣରେ ଅସମର୍ଥତା ଏବଂ ଆର୍ଥିକ ଦୁରବସ୍ଥା ଦୁଶ୍ଚିନ୍ତାର କାରଣ ହୋଇପାରେ। ପଡ଼ୋଶୀଙ୍କ ମାଧ୍ୟମରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଆମଦାନୀ କାରବାର ଏବଂ ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମୀନ** ଶୁକ୍ର ଓ ବୃହସ୍ପତିଙ୍କ କ୍ଷେତ୍ର ବିନିମୟ ଯୋଗୁ ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି କାର୍ଯ୍ୟହାସଲ କରିବାର ଆଶା ରହିଛି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ସାମୟିକ ମନକୁ ଭାରାକ୍ରାନ୍ତ କରି ରଖିବ। କଳା, ସାହିତ୍ୟରେ ସୁନାମ ଅର୍ଜନ ସହ ପ୍ରଶଂସିତ ହେବେ।

ଆଜି ଫେବୃଆରୀ ୧ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମବେଶ, ମାଘ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ, ଶନିବାର, ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୨ ଗତେ ଘ.୧୦।୩୬ ମଧ୍ୟେ ରାହୁ କାଳ।

## 'ଉତ୍ସବ ଉତ୍ତର ଓଡ଼ିଶା'ରେ 'ଧରିତ୍ରୀ' ଷ୍ଟଲ୍ ଉଦ୍‌ଘାଟିତ

# 'ପୁସ୍ତକ ପଠନ ପ୍ରତି ଯୁବପିଢ଼ିଙ୍କ ରୁଚି ରହୁ'

**ବାଲେଶ୍ୱର,୩୧।୧(ବାଞ୍ଛାନିଧି ଦେ)** ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ 'ଉତ୍ସବ ଉତ୍ତର ଓଡ଼ିଶା' ମେଳାରେ ଶୁକ୍ରବାର 'ଧରିତ୍ରୀ' ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରକାରୀ ଦଳ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏହାକୁ ଉଦ୍‌ଘାଟନ କରି ପୁସ୍ତକ ପଠନ ପ୍ରତି ଯୁବପିଢ଼ିଙ୍କ ରୁଚି ରହିଲେ ନୈତିକ ମୂଲ୍ୟବୋଧ ଏବଂ ଦୃଷ୍ଟିଭଙ୍ଗୀର ଅଭିବୃଦ୍ଧି ଘଟିବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ଜ୍ଞାନର ପରିସୀମା ବୃଦ୍ଧି ପାଇଁ ନିୟମିତ ପୁସ୍ତକ ପଢ଼ିବା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଖବରଦାତା ରଞ୍ଜନ ବାଗ, ସାମାଜିକ କର୍ମୀ ଉମାକାନ୍ତ ମହାପାତ୍ର, ସୁଜିତ ଦେବ ଓ ପ୍ରଦୀପ ଦାସ ଯୋଗଦେଇ 'ଧରିତ୍ରୀ'ର ବିଭିନ୍ନ ପ୍ରକାଶନୀ ପତ୍ରିକାକୁ ଷ୍ଟଲ୍‌ରେ ସ୍ଥାନିତ କରାଯାଇଥିବାରୁ ପ୍ରଶଂସା କରିଥିଲେ। ଏହି ଷ୍ଟଲ୍‌ରେ 'ଧରିତ୍ରୀ' ପକ୍ଷରୁ ବିଭିନ୍ନ ବର୍ଷରେ ପ୍ରକାଶିତ ବିଶେଷାଙ୍କ 'ପାଣି କେତେ କାହାଣୀ', 'କଳା ଧଳା', 'ହକି ଓଡ଼ିଶାରେ ବିଶ୍ୱ', 'ଅକଳରେ ଅର୍ଥନୀତି', 'ସୂତା ଖିଅରେ ବିଶ୍ୱ', '୫୦ତମ ଜନ୍ମଦିନ ବିଶେଷାଙ୍କ' ଆଦି ସ୍ଥାନିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପ୍ରତିନିଧି ବାଞ୍ଛାନିଧି ଦେ, ପ୍ରସାରଣ ବିଭାଗର ଦୀପ୍ତି ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



'ଧରିତ୍ରୀ' ଷ୍ଟଲ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

## ୬.୮% ଜିଡିପି...

ପ୍ରଥମ ପୃଷ୍ଠାରୁ...

ସହାୟତାରେ ନିବେଶ ଅଧିକ ବଢ଼ିବ ବୋଲି ଆଶା କରାଯାଉଛି। ମୁଦ୍ରାସ୍ଫୀତି ସମ୍ପର୍କରେ ସର୍ଭେ ରିପୋର୍ଟରେ କୁହାଯାଇଛି, ବିଭିନ୍ନ ସାମଗ୍ରୀର ଉଚ୍ଚତର ଦରଦାମ୍ ଆଗାମୀ ଆର୍ଥିକ ବର୍ଷରେ ସୀମିତ ରହିବ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାରେ ଭୂରାଜନୈତିକ ଉତ୍ତେଜନା ଏବେ ବି ଏକ ପ୍ରସଙ୍ଗ ହୋଇ ରହିଛି। ଋତୁକାଳୀନ ପନିପରିବା ଦର ହ୍ରାସ ଏବଂ ଖରିଫ ଫସଲ ଅମଳ ହୋଇଥିବାରୁ ଚଳିତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ଖାଦ୍ୟ ମୁଦ୍ରାସ୍ଫୀତି କମ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟାଙ୍କ ତତ୍ତ୍ୱାବଧାନରେ ଅର୍ଥ ମନ୍ତ୍ରଣାଳୟ ପ୍ରସ୍ତୁତ କରିଥିବା ଏହି ସର୍ଭେ ଏକ ବାର୍ଷିକ ରିପୋର୍ଟ, ଯାହା ଚଳିତ ଆର୍ଥିକ ବର୍ଷ ପାଇଁ ଭାରତର ଅର୍ଥନୀତିର ଏକ ରିପୋର୍ଟ କାର୍ଡ ପ୍ରଦାନ କରିଛି। ଶନିବାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ ହେବାକୁ ଯାଉଥିବାବେଳେ, ତାହା ପୂର୍ବରୁ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆର୍ଥିକ ସୁଦୃଢ଼ୀକରଣ ଏବଂ ଉପଯୋଗରେ ସ୍ଥିରତା ଫଳରେ ଭାରତର ଆର୍ଥିକ ମୂଳଭିତ୍ତି ମଜଭୁତ ହୋଇଛି। ତେବେ ବୈଶ୍ୱିକ ରାଜନୀତି ଏବଂ ଅର୍ଥନୈତିକ ଅନିଶ୍ଚିତତା ଯୋଗୁ ମୁଦ୍ରାସ୍ଫୀତି ଆଶଙ୍କା ମଧ୍ୟରେ ରହିଛି। ଭୂରାଜନୈତିକ ଉତ୍ତେଜନା ଏବଂ ଆମେରିକା ନିର୍ବାଚନକୁ ନେଇ ଅନିଶ୍ଚିତତା ମଧ୍ୟରେ ଡଲାର ଦୃଢ଼ ରହିବାରୁ ୨୦୨୪ରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ଘଟିଥିଲା। ତୃଣମୂଳସ୍ତରୀୟ ଢାଞ୍ଚାଗତ ସଂସ୍କାର ଜରିଆରେ ଭାରତ ଏହାର ବୈଶ୍ୱିକ ପ୍ରତିଯୋଗିତା କ୍ଷମତା ବଢ଼ାଇବା ଆବଶ୍ୟକ। ଭାରତର ବୈଦେଶିକ ବିନିମୟ ଭଣ୍ଡାର (ଫରେକ୍ସ) ୬୪୦.୩ ବିଲିୟନ ଡଲାର ରହିଛି, ଯାହାକି ୧୦.୯ ମାସର ଆମଦାନୀ ଏବଂ ବିଦେଶୀ ଋଣର ୯୦ ପ୍ରତିଶତ ପୂରଣ କରିବାକୁ ଯଥେଷ୍ଟ।

ଭାରତର ସେବା ଆଧାରିତ ଅର୍ଥନୀତି ପ୍ରତି ଅଟୋମେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ପଡ଼ିଛି। କର୍ପୋରେଟ୍ ସେକ୍ଟରକୁ ଉଚ୍ଚତର ସାମାଜିକ ଉତ୍ତରଦାୟିତ୍ୱ ପ୍ରଦର୍ଶନ କରିବାକୁ ହେବ। ୬୦ ଘଣ୍ଟାରୁ ଊର୍ଦ୍ଧ୍ୱ କାର୍ଯ୍ୟ ସପ୍ତାହ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ରିପୋର୍ଟରେ କୁହାଯାଇଛି। ଉତ୍ପାଦନ ବଢ଼ାଇବା ସହ ଫସଲ କ୍ଷତି କମାଇବା ନିମନ୍ତେ ଡାଲି, ତୈଳବୀଜ, ଟମାଟୋ, ପିଆଜ ଆଦିର ବିକଶିତ ଜଳବାୟୁ ସହଣି କିସମ ନିମନ୍ତେ ଗବେଷଣା ଆବଶ୍ୟକ। ୨ ଦଶନ୍ଧି ଯାଏ ହାରାହାରି ୮ ପ୍ରତିଶତ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବାକୁ ହେଲେ ପୁଞ୍ଜିନିବେଶ ୩୧ ପ୍ରତିଶତରୁ ୩୫ ପ୍ରତିଶତକୁ ବଢ଼ାଇବାକୁ ହେବ। ଏଥିପାଇଁ ଆର୍ଥିକ ନୀତିରେ ସଂସ୍କାର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏଆଇ, ରୋବୋଟିକ୍ ଏବଂ ବାୟୋଟେକ୍‌ନୋଲୋଜି ଆଦି ପ୍ରଯୁକ୍ତିରେ ଅଧିକ ନିବେଶ ଏବଂ ଉତ୍ପାଦନ ସେକ୍ଟରରେ ବିକାଶ ଆଣିବା ଆବଶ୍ୟକ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି।

## ଭୁବନେଶ୍ୱରର ସମନ୍ୱିତ ବିକାଶ...

ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମେଟିକ୍ସରୁ ପଥରଗାଡ଼ିଆ-ଉତ୍କଳ ହସ୍ପିଟାଲ-ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ୍ ରୋଡ୍ କାମ ମଧ୍ୟ ଜାରି ରହିଛି। ଏହା ସହ ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗରୁ ବରିମୁଣ୍ଡ ଓ କେଳୁଚରଣ ପାର୍କରୁ ବରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ଆକ୍ସେସ୍ ରୋଡ୍ ନିର୍ମାଣର ଯୋଜନା ରହିଛି। ଏହା ସହ ଏକ ଇନର ରିଙ୍ଗ୍ ରୋଡ୍ ମଧ୍ୟ ନିର୍ମାଣ କରାଯିବ। ସମ୍ପୂର୍ଣ୍ଣ ଯୋଜନା ପାଇଁ ପ୍ରାୟ ୭ ହଜାର କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ସ୍ଥିର ହୋଇଛି।

ଏହାସହ ଡମଣାରୁ ପ୍ରେସ୍ ଛକ ରାସ୍ତା କାମ ସରିଥିବା ବେଳେ ସୁନ୍ଦରପଦା-ଜଟଣୀ ରୋଡ୍ ଓ ଲେଫ୍ଟ ପାରାଲାଲ୍ ରୋଡ୍ କାମ ଜାରି ରହିଛି। ବାକି ସବୁ କାମର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ତୁରନ୍ତ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ପାଇଁ ୬୪ କି.ମି. ବିଶିଷ୍ଟ ଏକ ଇନର ରିଙ୍ଗ୍ ରୋଡ୍ କରାଯିବ। ଏଥିରେ ତମାଣ୍ଡୋରୁ ପାଇକରାପୁର ଏବଂ ଧଉଳିରୁ ତମାଣ୍ଡୋ ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ହେବ। ଭୁବନେଶ୍ୱରର ସମ୍ପ୍ରସାରଣ ପାଇଁ ଏକ ଆଉଟର ରିଙ୍ଗ୍ ରୋଡ୍‌ର ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ୧୪୮ କି.ମି. ବିଶିଷ୍ଟ ଏହି ରିଙ୍ଗ୍ ରୋଡ୍, ୬ ଲେନ୍ ହେବା ସହିତ ୨ଟି ସର୍ଭିସ୍ ରୋଡ୍ ମଧ୍ୟ ରହିବ। ଏଥିପାଇଁ ସମୁଦାୟ ୬,୧୫୨ କୋଟି ଟଙ୍କା ବିନିଯୋଗ ହେବ। ଏହାଦ୍ୱାରା ସହରର ସମ୍ପ୍ରସାରଣ ହେବା ସହ ଯୋଗାଯୋଗର ସୁବିଧା ବଢ଼ିବ। ଅର୍ଥନୈତିକ ଅଭିବୃଦ୍ଧି ସହ ପର୍ଯ୍ୟଟନ ବୃଦ୍ଧି ହେବ ଓ ଉତ୍ତମ ପରିବେଶ ମଧ୍ୟ ସୃଷ୍ଟିହେବ। ରାଜ୍ୟର ଚାରିପାର୍ଶ୍ୱକୁ ଏକ ଗ୍ରାଣ୍ଡ ରିଙ୍ଗ୍ ରୋଡ୍ ମାଧ୍ୟମରେ ଯୋଡ଼ିବା ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି, ତାହାର ପ୍ରାଥମିକ ପର୍ଯ୍ୟାୟରେ ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ୨୮୭ କି.ମି. ଏକ ସଡକ ନିର୍ମାଣ କରାଯିବ। ଏଥିରେ ୪ଟି ଟନେଲ ରହିବ। କେନ୍ଦୁଝରର ମା' ତାରିଣୀଙ୍କ ମନ୍ଦିରର ବିକାଶ ଓ ଚାରିପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପାଇଁ ୨୧୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି କାର୍ଯ୍ୟ ତୁରନ୍ତ ଆରମ୍ଭକରି ସମୟସୀମା ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ବଡ଼ବିଲ ରିଙ୍ଗ୍ ରୋଡ୍, ଭୁବନେଶ୍ୱର ୟୁନିଟ୍-୨ ଅଞ୍ଚଳର ବିକାଶ ଓ ଅନ୍ୟାନ୍ୟ ପ୍ରକଳ୍ପ ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।





# INDIAN COAST GUARD

## 49TH COAST GUARD RAISING DAY - 2025
## (01 FEBRUARY 2025)




**Multi Mission Peacetime Maritime Armed Force**

*Completed 48 years of yeoman service to mankind*

**Sentinels of the Seas**

***Saving one life every second day***

*saved 11730 lives since inception (1977)*
*169 lives in the year 2024 alone*

**Apprehended drugs**

*worth Rs. 37217.32 Cr in the year 2024 alone*
*and drugs worth Rs. 52560.96 Cr since 1977*

**EMERGENCY MARITIME SEARCH & RESCUE (SAR) TELEPHONE NO. 1554**

**Note : Kindly call on above Toll free no. for any emergency at Sea**

## ATI VISHISHT SEVA MEDAL, PRESIDENT'S TATRAKSHAK MEDAL & TATRAKSHAK MEDAL AWARDEES : 2024-25

### Republic Day - 2025 (26th January 25)



**Ati Vishisht Seva Medal**
**Director General Paramesh Sivamani, PTM, TM**

**President's Tatrakshak Medal (Distinguished Service)**
ADG Anil Kumar Harbola, TM
IG Homesh Kumar Sharma, TM

**Tatrakshak Medal (Gallantry)**
Comdt Anshuman Raturi
Asst Comdt Manish Singh
Sameer Ranjan, U/Nvk(R)

**Tatrakshak Medal (Meritorious Service)**
IG Jyotindra Singh
DIG Atul Joshi
Shanmugham Sankar, P/Adh (P)

### Independence Day - 2024 (15th August 24)

**President's Tatrakshak Medal (Distinguished Service)**
IG Donny Michael, TM

**Tatrakshak Medal (Gallantry)**
Dy Comdt Aaqil Pathan

**Tatrakshak Medal (Meritorious Service)**
DIG Balakrishnan Murugan
Girish Kumar Verma, P/Adh (RO)

CBC 10147/13/0015/2425

Follow us at : @IndianCoastGuard @IndiaCoastGuard @indiancoastguard_official @indiancoastguard9228

**To Join Indian Coast Guard, visit us: www.joinindiancoastguard.gov.in & www.indiancoastguard.gov.in**

# ପେନ୍‌ସନ ବ୍ୟୟ ବୋଝ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର କ୍ୟାବିନେଟ୍‌ର ନୂଆ ଏକୀକୃତ ପେନ୍‌ସନ ଯୋଜନା(ୟୁପିଏସ୍)କୁ ନେଇ ଚର୍ଚ୍ଚା ଜୋର ଧରିଛି। ପୁରୁଣା ପେନ୍‌ସନ ଯୋଜନା(ଓପିଏସ୍) ଏବଂ ଜାତୀୟ ପେନ୍‌ସନ ଯୋଜନା(ଏନ୍‌ପିଏସ୍)କୁ ଏକାଠି ବିଚାରକୁ ନେଇ ଏହା ଗଠନ କରାଯାଇଥିବା କୁହାଯାଉଛି। ପ୍ରକୃତରେ ଏଥିରେ କିଛି ନୂଆ ଲାଭ ମିଳୁଛି ନା ଏହା କେବଳ ପୁରୁଣା ସମସ୍ୟାଭିତ୍ତିକ ବିଚାରର ଏକ ପୁନଃ ସଂସ୍କରଣ ? କୁହାଯାଉଛି, ୟୁପିଏସ୍ ଅଧୀନରେ ସରକାରୀ ଚାକିରିଆମାନେ ଏକ ଗ୍ୟାରେଣ୍ଟିଯୁକ୍ତ ପେନ୍‌ସନ ପାଇବେ। ଏଥିରେ ସରକାରଙ୍କ ଅଂଶଧନ ୧୪%ରୁ ୧୮.୫ %କୁ ବୃଦ୍ଧି ପାଇଛି। ଏହା ଯୋଗୁ କେବଳ ପ୍ରଥମ ବର୍ଷରେ ୬,୨୫୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଉଛି। ଆବଶ୍ୟକ ମାସିକ ଯୋଗଦାନକୁ ନେଇ ୟୁପିଏସ୍‌ରେ ବ୍ୟବସ୍ଥା ରଖାଯାଇଛି। ହେଲେ ଅନେକ ପର୍ଯ୍ୟବେକ୍ଷକଙ୍କ ମତରେ ବିତ୍ତୀୟ ବିପଦ ଏଡ଼ାଇବା ଲାଗି ଏହା ଏକ ଚତୁର ପଦକ୍ଷେପ। ପେନ୍‌ସନ ନିଅଣ୍ଟିଆକୁ ପୂରଣ କରିବାର ଚାପ ବଜେଟ ଉପରେ ରହିପାରେ। ଏଭଳି ବଜେଟକୁ ଏଡ଼ାଇବା ଲାଗି ୨୦୦୪ରେ ସଂସ୍କାର ଅଣାଯାଇଥିଲା। ଏବେ ୟୁପିଏସ୍ ସମାନ ପ୍ରକାର ବିପଦ ଆଣିପାରେ ସେମାନଙ୍କ ମତ। ୟୁପିଏସ୍‌କୁ ନେଇ କର୍ମଚାରୀମାନେ ବିଭାଜିତ ହୋଇଯାଇଛନ୍ତି। ଅନେକ କର୍ମଚାରୀ ସଂଘ ଯୁକ୍ତି ବାଢ଼ିଛନ୍ତି ଯେ, ଉଭୟ ଏନ୍‌ପିଏସ୍ ଓ ୟୁପିଏସ୍ ପାରମ୍ପରିକ ଓପିଏସ୍ ତୁଳନାରେ ଯଥେଷ୍ଟ ନୁହେଁ। ଏଣୁ ସେମାନେ ଏହାର ପୁନର୍ଗଠନ ଚାହିଁଛନ୍ତି। ପ୍ରଶ୍ନ ଉଠୁଛି, ପ୍ରକୃତରେ ୟୁପିଏସ୍‌ରେ କିଛି ଉନ୍ନତି ଅଣାଯାଇଛି ନା ଆମେ ଚକଚକିଆ ନୂତନ ପ୍ୟାକେଜିଂରେ ପୁରୁଣା ଚିନ୍ତାଧାରାକୁ ପରିମାର୍ଜିତ କରିଛୁ? ଦୁଇଟିରୁ ଯେକୌଣସିଟି ବି ହେଉ, କିନ୍ତୁ ଏହା ସତ୍ୟ ଯେ, ଯଦି ଏହା ତ୍ରୁଟିପୂର୍ଣ୍ଣ ହୁଏ, ତେବେ ଟିକସଦାତାଙ୍କୁ ପେନ୍‌ସନ ବ୍ୟୟ ବୋଝ ଉଠାଇବାକୁ ପଡ଼ିବ। ଆମେ ଏକ ବିପଦକୁ ବରଣ କରିବାକୁ ପ୍ରସ୍ତୁତ ହେଉଛୁ କି?

### ନେତୃତ୍ୱ ପରିବର୍ତ୍ତନ

ନିକଟରେ ଅର୍ଥ ମନ୍ତ୍ରଣାଳୟର ଶୀର୍ଷ ପଦବୀଗୁଡ଼ିକରେ ହୋଇଥିବା ଅଦଳବଦଳ ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ଗତ ୩ ମାସରେ ପୃଥକ୍ ଭାବେ ୩ଜଣ ରାଜସ୍ୱ ସଚିବ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ ହୋଇଛନ୍ତି। ଗତବର୍ଷ ଡିସେମ୍ବରରେ ଅପ୍ରତ୍ୟାଶିତ ଭାବେ ଆର୍‌ବିଆଇ ଗଭର୍ନର ଭାବେ ସଞ୍ଜୟ ମାଲହୋତ୍ରାଙ୍କୁ ନିଯୁକ୍ତ କରାଯିବା ଯୋଗୁ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ସଚିବ ପଦବୀ ଖାଲି ରହିଥିଲା। ଫଳରେ ଆର୍ଥିକ ବ୍ୟାପାର ସଚିବ ଅଜୟ ସେଠ୍‌ଙ୍କୁ ରାଜସ୍ୱ ବିଭାଗର ଅତିରିକ୍ତ ଦାୟିତ୍ୱ ନେବାକୁ ପଡ଼ିଲା। ପରେ ଅରୁଣିଶ୍ ଚାୱାଲାଙ୍କୁ ରାଜସ୍ୱ ସଚିବ ଭାବେ ନିଯୁକ୍ତ କରାଯାଇଥିଲା। କିନ୍ତୁ ୨ ସପ୍ତାହରୁ କମ୍ ସମୟ ରହିବା ପରେ ତାଙ୍କୁ ଡିଆଇପିଏଏମ୍‌କୁ ସ୍ଥାନାନ୍ତର କରାଯାଇଥିଲେ। ଶେଷରେ ତୁହିନକାନ୍ତ ପାଣ୍ଡେ ରାଜସ୍ୱ ସଚିବ ଦାୟିତ୍ୱ ବହନ କରିଛନ୍ତି। ଜଟିଳ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ ଏଭଳି ଦ୍ରୁତ ଅଦଳବଦଳ କେବେ ବି ସାଧାରଣ ବିଷୟ ନୁହେଁ। କେନ୍ଦ୍ର ବଜେଟର ପ୍ରମୁଖ ଅଂଶ ଭାବେ ଟିକସ ନୀତି ଚିଠା ପ୍ରସ୍ତୁତ ଏବଂ ରାଜସ୍ୱ ଆକଳନରେ ରାଜସ୍ୱ ସଚିବଙ୍କର ପ୍ରମୁଖ ଭୂମିକା ଥାଏ। ତେବେ ବାରମ୍ବାର ନେତୃତ୍ୱ ପରିବର୍ତ୍ତନ ଯୋଗୁ ନୀତିରେ ଅସଙ୍ଗତି ସୃଷ୍ଟିହେବା ସହ ବିତ୍ତୀୟ ଯୋଜନାର ରଣନୀତିକ ଦିଗ ପ୍ରଭାବିତ ହୋଇପାରେ। ଏଭଳି ବ୍ୟାଘାତ ଆର୍ଥିକ ମନ୍ତ୍ରଣାଳୟ ମଧ୍ୟରେ ବଡ଼ ସମସ୍ୟାର ଏକ ସଙ୍କେତ କି? ନାଗରିକ ଭାବରେ, ଆମେ କେବଳ ଆଶା କରିବା ଯେ, ଏହି ଅଦଳବଦଳଗୁଡ଼ିକ ଏକ ଚିନ୍ତାଶୀଳ, ସ୍ଥାୟୀ ତଥା ଅଭିବୃଦ୍ଧିଶୀଳ ବଜେଟ ଉପସ୍ଥାପନ କରିବାରେ ସରକାରଙ୍କ ଦକ୍ଷତାକୁ ବିଭ୍ରାନ୍ତ ନ କରୁ।

### ପ୍ରଦୂଷଣ ବୋର୍ଡରେ ଖାଲି ପଦବୀ

ସାରା ଭାରତରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକରେ କର୍ମଚାରୀ ସଙ୍କଟ ଲାଗିରହିଛି। ଏବେ ସୁଦ୍ଧା ୧୦ ପ୍ରତିଶତରୁ କମ୍ ପଦବୀ ପୂରଣ ହୋଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ନିକଟରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)କୁ ଜଣାଇଛି, ୧୨ ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ(ୟୁଟି)ରେ ଖାଲିଥିବା ୨,୨୨୮ ପଦବୀ ମଧ୍ୟରୁ କେବଳ ୨୬୭ ପୂରଣ ହୋଇଛି। ଏପରିକି ୧୬ ରାଜ୍ୟ ଓ ୬ ୟୁଟିର ବୋର୍ଡ ସେମାନଙ୍କ ପ୍ରୋଗ୍ରେସ ରିପୋର୍ଟ ଦାଖଲ କରିନାହାନ୍ତି। ନିଯୁକ୍ତିରେ ସ୍ଥାଣତାକୁ ଲକ୍ଷ୍ୟକରି ଏନ୍‌ଜିଟିକୁ ଏହା ଉପରେ ପଦକ୍ଷେପ ନେବାକୁ ପଡ଼ିଥିଲା ଏବଂ ପଞ୍ଜାବ, ହରିୟାଣା, ଦିଲ୍ଲୀ, ରାଜସ୍ଥାନ ଓ ଉତ୍ତରପ୍ରଦେଶ ଭଳି ରାଜ୍ୟକୁ ବାଦ୍‌ଦେଇ(ଏହିସବୁ ରାଜ୍ୟ ସୁପ୍ରିମକୋର୍ଟଙ୍କ ନିରୀକ୍ଷଣ ପରିସରଭୁକ୍ତ) ଖାଲି ପଦବୀଗୁଡ଼ିକୁ ପୂରଣ କରିବାକୁ ୩୦ ଏପ୍ରିଲ ୨୦୨୫କୁ ଶେଷ ସମୟସୀମା ଭାବେ ଧାର୍ଯ୍ୟ କରିଥିଲା। ତେବେ ରାଜ୍ୟଗୁଡ଼ିକ କ'ଣ କରିଛନ୍ତି ତା'ଉପରେ ଦୃଷ୍ଟି ପକାଇବା। ଆସାମ, ପଞ୍ଜାବ, ହରିୟାଣା ଓ ରାଜସ୍ଥାନ ମୋଟ ୧୬୭ ପଦବୀ ପୂରଣ କରିବାକୁ ସକ୍ଷମ ହୋଇଛନ୍ତି। ରାଜସ୍ଥାନରେ ଖାଲିଥିବା ୩୯୫ ପଦବୀରୁ ୯୩ ପୂରଣ କରିଛି। ଏହାସହ ଏହିସବୁ ରାଜ୍ୟ ଜୁନିୟର ଆସିଷ୍ଟାଣ୍ଟ ପଦବୀ ପାଇଁ ଏକ ପରୀକ୍ଷା କରିଥିବାରୁ ଅବଶିଷ୍ଟ ପଦବୀ ପୂରଣ ହେବ ବୋଲି ଆଶା କରାଯାଉଛି। ପଞ୍ଜାବରେ ଖାଲିଥିବା ୨୩୪ ପଦବୀରୁ ୨୬ଟିରେ ନିଯୁକ୍ତି ଦିଆଯାଇଛି। ସେଠାରେ ୧୪୮ ପଦବୀ ପାଇଁ ହୋଇଥିବା ପରୀକ୍ଷାର ଫଳାଫଳ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। କେବଳ ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ ଓ ଲାକ୍ଷାଦ୍ୱୀପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସବୁ ପଦବୀରେ କର୍ମଚାରୀ ଅଛନ୍ତି।

Email: dilipcherian@gmail.com

# ଭାରତର ଜୋ ହିଲ୍ ଭଗବତୀଚରଣ



ଡ. ହୃଷୀକେଶ ମଲ୍ଲିକ

ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ଜନ୍ମଦାତା, ସର୍ବହରାର ଭରସା-ଥାଳ ଭଗବତୀଚରଣ ପାଣିଗ୍ରାହୀଙ୍କର ଆଜି ଶୁଭ ଜନ୍ମଦିନ। ପହିଲା ଫେବୃଆରୀ ୧୯୦୮ରେ ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର ଗାଁରେ ତାଙ୍କ ଜନ୍ମ ଓ ୨୩ ଅକ୍ଟୋବର ୧୯୪୩ରେ ପରଲୋକ। ସ୍ୱଳ୍ପାୟୁ ଭଗବତୀଙ୍କ ସହ ତୁଳନୀୟ ହେଲା ଭଳି ଗଣନେତା ଓ ଗଣ-ଲେଖକ ଓଡ଼ିଶାରେ କ୍ୱଚିତ୍ ଥିବେ, ଯାହାଙ୍କ ଅକାଳ ବିୟୋଗରେ ସାରା ଓଡ଼ିଶା ଝରାଇଥିବ ଆଖିରୁ ଲୁହ। ପୁଞ୍ଜିବାଦୀ ଅର୍ଥନୀତି ପଢ଼ି ସେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ସତ, ହେଲେ ଏହି ଅର୍ଥନୀତି ତଳେ ଛପିଥିବା ଶୋଷଣର ସଇତାନୀ ରୂପକୁ ଚିହ୍ନିନେଇ ଅବିଳମ୍ବେ ସାମ୍ୟବାଦୀ ଆଦର୍ଶ ପାଖରେ ନିଜ ଜୀବନକୁ ସଅଁପି ଦେଇଥିଲେ। ସତ୍ୟଶୀଳତା ଓ ସଚ୍ଚୋଟତାର ସେ ଥିଲେ ମୂର୍ତ୍ତିମନ୍ତ ବିଗ୍ରହ। ତାଙ୍କ ବିୟୋଗରେ ଓଡ଼ିଶା ବିଧାନ ପରିଷଦର ସଭ୍ୟ ଲକ୍ଷ୍ମୀନାରାୟଣ ସାହୁ ଲେଖିଥିଲେ- "ସେ ମୋର କନିଷ୍ଠ ଥିଲା, ମାତ୍ର ତ୍ୟାଗରେ, ଆଦର୍ଶରେ, କର୍ମପ୍ରାଣତାରେ ଥିଲା ମୋର ଗୁରୁ। ରିଲିଫ୍ କାମରେ ଭଲ୍ୟୁଣ୍ଟିୟର ବେଶୀ ପଇସା ଖର୍ଚ୍ଚ କରିବ ନାହିଁ, ଏଥିପାଇଁ ତା' ଭାବନା।" ସର୍ବସାଧାରଣଙ୍କ ଅର୍ଥର ପଇସାଟିଏ ବି ବଦଖର୍ଚ୍ଚ ନ ହେଉ, ଏହା ସେ ଚାହୁଁଥିଲେ। ଦେଶବାସୀଙ୍କୁ ତାଙ୍କ ଦେୟର ପାହିପାହି ହିସାବ ଦେବାର ମାନସିକତା ରଖୁଥିବା ଏପରି ନେତା କାହାନ୍ତି ଆଜି?

ପୃଥିବୀର କୋଣଅନୁକୋଣରେ ଯେଉଁଠି, ଯେଉଁସବୁ ମୁକ୍ତି ଆନ୍ଦୋଳନ ସଂଗଠିତ ହେଉଥିଲା, ତା' ଉପରେ ଭଗବତୀ ବରାବର ଆଖି ରଖୁଥିଲେ। ସତେ ଯେମିତି ମାଟିରେ ପୋତା ତାଙ୍କ ଆଖି ଯୋଡ଼ାକ, ଆଉ ଆକାଶ ଆଡ଼େ ଡେରା କାନଯୋଡ଼ାକ। ସାମ୍ୟବାଦୀ ତତ୍ତ୍ୱ ଓ ତା'ର ପ୍ରୟୋଗ ସମ୍ପର୍କରେ ସେ ଓଡ଼ିଶାର ଯୁବପିଢ଼ିକୁ ତାଲିମ ଦେଉଥିଲେ 'ନବଯୁଗ ମଣ୍ଡଳ' ପାଠଚକ୍ର ଗଢ଼ି। 'ଆଧୁନିକ'ର ଏକ ସଂଖ୍ୟାରେ ଫକୀରମୋହନଙ୍କ ସୁପୁତ୍ର ମୋହିନୀମୋହନ ସେନାପତି ବିବାହପ୍ରଥା ଉପରେ ଲେଖିବାକୁ ଯାଇ ମତ ଦେଇଥିଲେ ଯେ, ବିବାହ ଯୋଗୁ ନାରୀମାନେ ସେମାନଙ୍କ ସ୍ୱାଧୀନତା ହରାଇ ବସୁଛନ୍ତି। ବିବାହପ୍ରଥାର ବିଲୋପ ହିଁ ପ୍ରଗତିଶୀଳତା। ପତ୍ରିକାର ସମ୍ପାଦକ ଭାବେ ଭଗବତୀ ଲେଖାଟିକୁ ଛାପିଥିଲେ। ଏଥିସହିତ ନିଜର ପ୍ରତିବାଦ ଜଣାଇ କହିଥିଲେ- 'ବିବାହପ୍ରଥାର ଉଚ୍ଛେଦ ନୁହେଁ, ବରଂ ଆର୍ଥିକ ପରାଧୀନତା ହିଁ ନାରୀ ସ୍ୱାଧୀନତାରେ ବାଧକ।' ଆର୍ଥିକ ପରାଧୀନତାରୁ ନାରୀର ମୁକ୍ତି ହିଁ ତା'ର ସ୍ୱାଧୀନତା। ଭଗବତୀଙ୍କର ସେଦିନର ଭାବନା ଆଜି କେବଳ ଓଡ଼ିଶା ବା ଭାରତ ନୁହେଁ, ସାରା ବିଶ୍ୱରେ କିପରି ସତ୍ୟ ସାବ୍ୟସ୍ତ, ତାହା ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିବିଧ ଆର୍ଥିକ ପ୍ରାବଧାନରୁ ସୁସ୍ପଷ୍ଟ।

**୧୧୭ତମ ଜୟନ୍ତୀ ଉପଲକ୍ଷେ**



ଦେଶୀୟ ଭୂମିରେ ଅନ୍ତର୍ଜାତୀୟ ଚେତନାର ଭଗୀରଥ ଥିଲେ ଭଗବତୀ। ଦେଶ ଭିତର ଓ ବାହାରର ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକ ପାଠକରି ବିପ୍ଲବ-ସଂରଚନା ଓ ତା'ର ପରିଚାଳନାର ତରିକା ସମ୍ପର୍କରେ ସେ ଅବଗତ ଥିଲେ ଏବଂ ସ୍ୱଗଠିତ 'ନବଯୁଗ ମଣ୍ଡଳ' ଆଲୋଚନାଚକ୍ରରେ ତା'ର ଉପଯୋଗ କରୁଥିଲେ। ଲିଓନ ଟ୍ରଟସ୍କିଙ୍କଠାରୁ ଆରମ୍ଭ କରି ମାଓ-ସେ-ତୁଙ୍ଗ୍‌ଙ୍କ ପର୍ଯ୍ୟନ୍ତ ସାମ୍ୟବାଦର ନାନା ତତ୍ତ୍ୱକୁ ସେ ଆପଣାର ବୁଦ୍ଧି ଦେଇ ପରଖୁଥିଲେ। ଟ୍ରଟସ୍କିଙ୍କ 'ସ୍ଥାୟୀ କ୍ରାନ୍ତି' (Permanent Revolution) ଓ 'ବିଶ୍ୱବ୍ୟାପୀ ବିପ୍ଳବର ସଂରଚନା'ର ଅସାରତା ସେ ଅନୁଭବ କରିଥିଲେ। ଥିଲେ ଲେଲିନ୍‌ଙ୍କ 'ଏକଦେଶୀୟ ସମାଜବାଦ' (Socialism in one State)ର ସମର୍ଥକ।

ରୁଷ୍ ଭ୍ରମଣ କରି ରବୀନ୍ଦ୍ରନାଥ ବା ନେହେରୁ କ'ଣ ଲେଖିଥିଲେ ବା ନ ଲେଖିଥିଲେ ତାହାର ହିସାବ ସେ ରଖୁଥିଲେ। ଇଟାଲୀରେ ମୁସୋଲିନି କର୍ତ୍ତୃକ ଫାସିବାଦର ଉନ୍ମେଷ, ଆୟର୍ଲାଣ୍ଡର ସିନ୍‌ଫିନ୍ ଆନ୍ଦୋଳନ (୧୯୧୬), ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ନେଭିଲ୍ ଚ୍ୟାମ୍ବରଲେନ୍ ଓ ଫ୍ରାନ୍ସର ପ୍ରଧାନମନ୍ତ୍ରୀ ଏଡ୍‌ୱାର୍ଡ ଦାଲାଦିୟରର ହିଟଲରଙ୍କ ସହ ସମ୍ପାଦନ କରିଥିବା 'ମ୍ୟୁନିକ୍ ପ୍ୟାକ୍ଟ' (ଯାହାର ଶରବ୍ୟ ହୋଇ ସ୍ୱାଧୀନତା ହରାଇଥିଲା ଚେକୋସ୍ଲୋଭାକିଆ), ଜର୍ମାନୀରେ ଅଷ୍ଟ୍ରିଆର ବାଧ୍ୟତାମୂଳକ ମିଶ୍ରଣ, ଚାଇନାରେ ଆସନ୍ନ କ୍ରାନ୍ତିର ସୂଚନା (ମାଓ-ସେ-ତୁଙ୍ଗ୍‌ଙ୍କ ଆବିର୍ଭାବରେ ଯାହା ସାକାର), ଏସିଆ- ଆଫ୍ରିକାର ମୁକ୍ତି ସଂଗ୍ରାମ- ସବୁର ଖବର ଭଗବତୀଙ୍କ ନଖାଗ୍ରରେ ଥିଲା। 'ସିନ୍‌ଫିନ୍' (ଆମେ ଆମ ପାଇଁ) ଆନ୍ଦୋଳନର ନେତା ଥିଲେ ଡି. ଭାଲରା ଓ ଏହାର ଲକ୍ଷ୍ୟ ଥିଲା ଆୟର୍ଲାଣ୍ଡର ସାଂସ୍କୃତିକ ପୁନରୁତ୍ଥାନ ଓ ସ୍ୱାଧୀନତା ହାସଲ। କାର୍ଲ ମାର୍କ୍ସଙ୍କ ଦୃଷ୍ଟିରେ ଭାରତ ଓ ଆୟର୍ଲାଣ୍ଡର ସମସ୍ୟା ମଧ୍ୟରେ ଥିଲା ଅପୂର୍ବ ମେଳ। ମାର୍କ୍ସ ଥିଲେ ଇହୁଦୀ ଓ ବିଶ୍ୱର ବହୁ ଇହୁଦୀ ଥିଲେ କମ୍ୟୁନିଷ୍ଟ ମତାବଲମ୍ବୀ। ଏହା ହିଁ ହିଟଲରଙ୍କ ଗାତ୍ରଦାହ ଓ ଇହୁଦୀ ବିଦ୍ୱେଷର ପ୍ରମୁଖ ହେତୁ ଥିଲା। ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରୁ ଦଳେ ଅକ୍ଷଶକ୍ତି ଓ ହିଟଲରଙ୍କ ବିଜୟ ଚାହୁଁଥିଲେ- ଏ ବିଡ଼ମ୍ବନାକୁ ଭଗବତୀ ବୁଝିଥିଲେ। ଚାଇନାରେ ଅଫିମର ଚୋରା ପ୍ରସାର ପାଇଁ ଆମେରିକାର ଷଡ଼ଯନ୍ତ୍ରଠାରୁ ଆରମ୍ଭ କରି ଜାପାନୀ ସୈନ୍ୟଙ୍କ ଦ୍ୱାରା ଚାଇନାର ନିରୀହା ଝିଅମାନଙ୍କର ଗଣିକାକରଣ ଓ ଯୌନଦାସୀରେ ରୂପାନ୍ତରଣ ପର୍ଯ୍ୟନ୍ତ ସବୁର ଟିକିନିଖି ଖବର ଭଗବତୀଙ୍କ ପାଖରେ ଥିଲା। ଭିଏତ୍‌ନାମ, ଲାଓସ୍ ଓ କାମ୍ବୋଡ଼ିଆରେ ଉପନିବେଶବାଦୀ ଶାସନ ବିରୋଧରେ ଜାତୀୟ ସାମ୍ମୁଖ୍ୟମାନ ଗଠନ ହୋଇ ଚାଲିଥିବା ସଂଗ୍ରାମ ବିଷୟରେ ସେ ଅବଗତ ଥିଲେ। ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ଜାଭା, ସୁମାତ୍ରା, ବୋର୍ନିଓ ଓ ବାଲିରେ ଚାଲିଥିବା ଡଚ୍ ସାମ୍ରାଜ୍ୟବାଦର ଶୋଷଣ ଭଗବତୀଙ୍କୁ ବ୍ୟଥିତ କରିଥିଲା। ଡଚ୍‌ମାନେ ବାମପନ୍ଥୀ ଆଭିମୁଖ୍ୟ ରଖିଥିବା ନେତାମାନଙ୍କୁ ଆତତାୟୀଙ୍କ ଦ୍ୱାରା ଯେ ଗୋପନରେ ହତ୍ୟା କରୁଥିଲେ, ଏକଥା ଭଗବତୀଙ୍କୁ ଅଛପା ନ ଥିଲା। ସେ ଏହି ଗୁପ୍ତ ହତ୍ୟାକୁ ନିଜ ଟିପାଖାତାରେ 'ମଣିଷ ଶିକାର'ର ଆଖ୍ୟା ଦେଇଥିଲେ। ଫ୍ରାନ୍ସର ଉପନିବେଶବାଦୀଏଁ ଖଣି ସମୃଦ୍ଧ ଓ ଅରଣ୍ୟ ସମ୍ପଦରେ ପୂର୍ଣ୍ଣ କଙ୍ଗୋସାଗରତୀରସ୍ଥ ଅଞ୍ଚଳକୁ କବଳିତ କରି ତା'ର ଅର୍ଥନୀତି ଓ ସମ୍ବଳକୁ ଲୁଟି ଚାଲିଥିଲେ। ଭଗବତୀ ଚାରି ଆଖିରେ ସମଗ୍ର ବିଶ୍ୱର ଯେତେ ପୀଡ଼ା ଓ ପ୍ରମାଦ, ତା'ର ନଜରଦାରି କରି ସର୍ବହରା ମଣିଷର ଆଶୁ ମୁକ୍ତି ପାଇଁ ଖସଡ଼ା ପ୍ରସ୍ତୁତ କରୁଥିଲେ।

ଭଗବତୀଙ୍କ ଅନ୍ତର୍ଜାତୀୟତା ସମ୍ପର୍କରେ କହି ବସିଲେ ପୋଥି ପୂରିଯିବ। ତେବେ ଏତକ କହିହେବ ଯେ ଭଗବତୀ ଥିଲେ କାୟମନୋବାକ୍ୟରେ ବିଶ୍ୱ ସର୍ବହରାଙ୍କ ମୁକ୍ତିକାଂକ୍ଷୀ। ବିଶ୍ୱର ସବୁ ଦେଶ ତାଙ୍କ ସ୍ୱବାସ। ଭାରତର ସେ Joe Hill (ବିଶ୍ୱ-ଶ୍ରମିକଙ୍କ କାଳଜୟୀ ଗୀତିକାର)। ୧୯ ନଭେମ୍ବର ୧୯୧୫ରେ ଜୋ'ଙ୍କୁ ଗୁଳିବିଦ୍ଧ କରି ଫାଶୀ ଦିଆଯାଇଥିଲା। ଠିକ୍ ତା' ପୂର୍ବରୁ ସେ ଆଇଡବ୍ଲୁଡବ୍ଲୁ ନେତା ବିଲ୍ ହେଉଡ୍‌ଙ୍କୁ ଏକ ଟେଲିଗ୍ରାମ୍‌ରେ ଲେଖିଥିଲେ- "Don't waste any time in mourning- ORGANISE"। ଅର୍ଥାତ୍ 'ଶୋକରେ ମୁହୂର୍ତ୍ତେ ସମୟ ନଷ୍ଟ କର ନାହିଁ- ସଂଗଠନ କର'। ଫାଶୀ ପୂର୍ବଦିନ ଅର୍ଥାତ୍ ୧୮ ନଭେମ୍ବର ରାତିରେ ଜୋ ଲେଖିଥିଲେ ତାଙ୍କ ଜୀବନର ଶେଷ କବିତା, ଯାହାର କିୟଦଂଶ ଥିଲା ଏହିପରି- "ଏଇ ମୋର ଶେଷ ଇଚ୍ଛା/ ଦେହକୁ କରିଦିଅନ୍ତି ମୁଠାଏ ପାଉଁଶ/ ଧୀର ସମୀରଣ ତା'କୁ ଉଡ଼ାଇ ନିଅନ୍ତା/ ସେଇ ମୁମୂର୍ଷୁ ଉପବନକୁ/ ଓ ଜୀବନ୍ତ ହେଇ ଉଠନ୍ତେ ସବୁ ଖାଉଁଳା ଫୁଲ।" ୩୬ ବର୍ଷର ଜୀବନ ଜିଇଥିଲେ ଜୋ ହିଲ୍ (୧୮୭୯-୧୯୧୫), ଭଗବତୀ ୩୫ବର୍ଷ। ଦୁହେଁ ଲେଖିଥିଲେ ସର୍ବହରାଙ୍କ ଜୀବନଗୀତ- ହେଉ କବିତା, ହେଉ କଥା ମାଧ୍ୟମ ତା'ର। ଅବିସ୍ମରଣୀୟ ଭଗବତୀଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ!

ମୋ: ୯୮୫୩୨୮୭୭୫୫

# ଶାନ୍ତି ସନ୍ଧାନରେ ମଣିଷ



ଯଦୁମଣି ପାଣିଗ୍ରାହୀ

ବହୁଦିନର ବ୍ୟବଧାନରେ ସେଦିନ ଜଣେ ବନ୍ଧୁଙ୍କ ଘରକୁ ଯିବାର ସୁଯୋଗ ମିଳିଥିଲା। ଜଣେ ସରକାରୀ ପଦସ୍ଥ ଅଫିସର ଭାବେ ସେ ଏବେ କାର୍ଯ୍ୟରତ ଥିଲେ ବି ତାଙ୍କ ଅବସର ସମୟ ପ୍ରାୟତଃ ପାଖେଇ ଆସିଲାଣି। ମୋଟା ଅଙ୍କରେ ଦରମା ପାଉଛନ୍ତି। କିଛି ବର୍ଷ ହେବ ଜାଗା କିଣି ସେଥିରେ ଦେଖିଲା ଭଳି ଖୁବ୍ ସୁନ୍ଦର କୋଠାଘର ନିର୍ମାଣ କରିଛନ୍ତି। ଘରର ଦୁଆର ମୁହଁରେ ଲେଖା ହୋଇଛି 'ସୁଖ ନିବାସ'। ତାଙ୍କ ଘରେ କୌଣସି ଜିନିଷର ଅଭାବ ପରିଲକ୍ଷିତ ହେଉ ନ ଥିଲା। ସ୍ତ୍ରୀ, ପୁଅବୋହୂ ଓ ନାତିନାତୁଣୀଙ୍କୁ ନେଇ ବନ୍ଧୁଙ୍କର ପରିପୂର୍ଣ୍ଣ ସୁଖର ସଂସାର ଆଗକୁ ଆଗକୁ ଯେ ମାଡ଼ି ଚାଲିଥିବ ଏକଥା ଯେ କେହି ନିଃସନ୍ଦେହରେ କହିପାରିବ। ମାତ୍ର ଅସଲ କଥାଟା ବନ୍ଧୁପତ୍ନୀଙ୍କଠାରୁ ଜାଣିବା ପରେ ଖଟ୍‌କା ଲାଗିଲା। ପରିବାର ଭିତରେ ବାପ-ପୁଅଙ୍କର ସମ୍ପର୍କ ଭଲ ନାହିଁ। ଦୁଇଟାଯାକ ପୁଅ ଅବାଟରେ ପାଦ ଦେଇଛନ୍ତି। ବାପ ମୁହଁରେ ଜବାବ ଦେଉଛନ୍ତି। ଖାଲି କହୁଛନ୍ତି, ଆମକୁ ଟଙ୍କା ଦିଅ। ସବୁବେଳେ ଘରଟା ଭିତରେ କଥା କଟାକଟି ଓ ପାଟିତୁଣ୍ଡ। ବୋହୂମାନେ ବି ଠିକ୍ ସେମିତି। ଘରକୁ ଘର ବୋଲି ଭାବୁନାହାନ୍ତି। ଶାଶୁଶଶୁରଙ୍କ ସେବାଯତ୍ନ କରିବାକୁ ସେମାନଙ୍କର ଆଗ୍ରହ କି ଆନ୍ତରିକତା ନାହିଁ। ପରିବାର ଭିତରେ ସବୁବେଳେ ବିଶୃଙ୍ଖଳା। ସତ କହିବାକୁ ଗଲେ, କେବଳ ମୋ ବନ୍ଧୁ ନୁହନ୍ତି ଆଜିକାଲି ଅନେକ ଧନଶାଳୀ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି ସୁଦୃଶ୍ୟ ତଥା ଆକର୍ଷଣୀୟ ଅଟ୍ଟାଳିକା ନିର୍ମାଣକରି ଘରର ଦୁଆର ଆଗରେ କିଏ 'ଶାନ୍ତି କୁଟୀର' ତ ଆଉ କିଏ 'ମମତା ନିଳୟ' ଲେଖିଛନ୍ତି। ପୁଣି ଆଉ କେହି ବି ନିଜ ଘର ଦୁଆର ମୁହଁରେ 'ଆନନ୍ଦ ଭବନ' ଲେଖିଛନ୍ତି। ଏହାକୁ ଦେଖିବା ପରେ ଆପଣଙ୍କ ମନରେ ସେମାନଙ୍କ ପାରିବାରିକ ଜୀବନକୁ ନେଇ ଭଲ ଧାରଣା ସୃଷ୍ଟି ହେବା ସ୍ୱାଭାବିକ। କିନ୍ତୁ ଅସଲ କଥା ଜାଣିବା ପରେ ଆପଣଙ୍କର ସେ ଧାରଣା ଦୂରହୋଇଯିବ। ଆଜି ଅନେକ ପରିବାରରେ ଅଶାନ୍ତି ଓ ଅସନ୍ତୋଷର କଳାବାଦଲ ଛାଇଯାଇଛି। ଏସବୁ ପରିବାରର ଦୟନୀୟ ସ୍ଥିତିକୁ ଦେଖିଲେ ଯେକୌଣସି ଲୋକର ମନରେ ଦୁଃଖ ଆସିବା ନିଶ୍ଚୟ। ଭଲ ରୋଜଗାର ଅଛି। ଅଚଳାଅଚଳ ଧନସମ୍ପତ୍ତି, ଚାକଚକ୍ୟପୂର୍ଣ୍ଣ ବଙ୍ଗଳା, ନୂଆ ଗାଡ଼ି ଆଦି ସହ ଘର ଭିତରେ ସୁଖ ପ୍ରଦାୟକ ସବୁ ପ୍ରକାର ସାମଗ୍ରୀ ଉପଲବ୍ଧ ରହିଛି। ହେଲେ କାହାରି ମନ କାହାକୁ ପାଉନାହିଁ। ବାପ-ପୁଅର ପଟୁନାହିଁ। ଭାଇ-ଭାଇ ଭିତରେ ଲଢ଼େଇ। ଶାଶୁଙ୍କୁ ମୁହଁତୋଡ଼ ଜବାବ ଦେଉଛି ବୋହୂ। ଗୋଟିଏ ଛାତ ତଳେ ରହିଥିବା ମଣିଷଗୁଡ଼ାକ ଯେମିତ ପରସ୍ପରର ଅଚିହ୍ନା ଆଉ ଅଜଣା ଭଳି ମନେହେଉଛନ୍ତି। ସମ୍ପର୍କର ବନ୍ଧନ ଭିତରେ ଆଉ କେହି ଯେମିତି ବାନ୍ଧିହୋଇ ରହିବାର ମାନସିକତାରେ ନାହାନ୍ତି। ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ନାହିଁ। ପରିବାରରେ ସବୁବେଳେ ପାଟିତୁଣ୍ଡ ଆଉ କଳିଝଗଡ଼ା। ପାରସ୍ପରିକ ବାଦବିବାଦ, ଆକ୍ଷେପ ଓ ପ୍ରତିଆକ୍ଷେପ। ସ୍ୱାର୍ଥପର ଓ ଅବିବେକୀ ମଣିଷ ଙ୍କର ଏଭଳି ଉପଦ୍ରବ ଦେଖି ଘର ଭିତରୁ ଶାନ୍ତି ଉଭାନ ହୋଇଗଲାଣି। ପାରିବାରିକ ସ୍ଥିତି ଧୀରେ ଧୀରେ ବିଗିଡ଼ିଯିବାକୁ ବସିଲାଣି।



ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଓ ଉଚ୍ଚଶିକ୍ଷିତ ପରିବାରଗୁଡ଼ିକରେ ଏଭଳି ଅଶାନ୍ତି ଅଧିକ ଅନୁଭୂତ ହେଉଛି। ଯେଉଁମାନେ ସ୍ୱଳ୍ପ ଦରମାରେ ଛୋଟିଆ କାମଧନ୍ଦାଟେ କରୁଛନ୍ତି କିମ୍ବା ଦୈନିକ ମୂଲ ମଜୁରି ଲାଗି କିଛି ରୋଜଗାର କରୁଛନ୍ତି ଅଥବା ଛୋଟକାଟର ବେପାରଟେ କରି ଦି'ପଇସା ଉପାର୍ଜନ କରୁଛନ୍ତି ସେମାନେ ଭଲରେ ଅଛନ୍ତି। ଯେତିକି ଉପାର୍ଜନ ସେତିକି ଭିତରେ ସେମାନେ ସେମାନଙ୍କର ଗୁଜୁରାଣ ମେଣ୍ଟାଉଛନ୍ତି। ତେଣୁ ଅଭାବର ପ୍ରଶ୍ନ ଉଠୁନାହିଁ। ସେମାନଙ୍କ ଜୀବନଶୈଳୀ ବେଶ୍ ମାର୍ଜିତ ଓ ଶୃଙ୍ଖଳିତ ମଧ୍ୟ। ବେଶି କିଛି ପାଇବାର ଆଶା ନାହିଁ କି ବଡ଼ଲୋକୀ ପଣ ଦେଖାଇବାକୁ କିମ୍ବା କାହା ସହ ପ୍ରତିଯୋଗିତା କରିବାର ଆକାଂକ୍ଷା ନାହିଁ। ଅଳ୍ପରେ ସନ୍ତୁଷ୍ଟ ସେମାନେ। ତେଣୁ ଅଶାନ୍ତି ଓ ଅସନ୍ତୋଷ କଥା ଆସିବ କାହିଁକି ? ରାସ୍ତାକଡ଼ରେ ଚା'ଜଳଖିଆ, ଚାଟ୍, ଗୁପ୍‌ଚୁପ୍ କିମ୍ବା ଦହିବରା ଆଳୁଦମ ଅଥବା ଆଇସ୍‌କ୍ରିମ କି ଲସି ବିକୁଥିବା ଲୋକଟା କେତେ ଖୁସିରେ ଆଉ ଶାନ୍ତିରେ ଅଛି ତାହା ଥରଟେ ଆପଣ ନିଜ ଆଖିରେ ଦେଖିନେଲେ ହୁଏତ ଆପଣଙ୍କ ବିଶ୍ୱାସକୁ ପାଇବ। କେବେ ଯଦି ଆପଣ ସେମାନଙ୍କ ଘର ପାଖ ଦେଇ ଯିବାର ସୁଯୋଗ ପାଆନ୍ତି, ତା'ହେଲେ ଆପଣ ସେମାନଙ୍କ ସୁଖଶାନ୍ତିପୂର୍ଣ୍ଣ ପାରିବାରିକ ଜୀବନକୁ ଭଲଭାବେ ଅନୁଭବ କରିପାରିବେ। ସେମାନଙ୍କ ସଂସାରର ହସଖୁସି ଓ ପରସ୍ପର ପ୍ରତି ସ୍ନେହ ସଦିଚ୍ଛାପୂର୍ଣ୍ଣ ସମ୍ବୋଧନ ଆପଣଙ୍କୁ ଖୁବ୍ ଆନନ୍ଦ ପ୍ରଦାନ କରିବ ନିଶ୍ଚୟ।

ଜୀବନରେ ସକଳ ସୁଖ ଓ ପ୍ରାଚୁର୍ଯ୍ୟ ଭିତରେ ଯେବେ ଶାନ୍ତି ଟିକକର ଅଭାବ ରହିଛି ତେବେ ସେ କ୍ଷେତ୍ରରେ ଜୀବନ ଏକ ଶୁଷ୍କ ଓ ନିସ୍ତତ୍ତ୍ୱ ମରୁଭୂମି ସଦୃଶ ପ୍ରତୀୟମାନ ହୋଇଥାଏ। ଆଜି ବିଭିନ୍ନ ମଠ, ମନ୍ଦିର ଓ ଆଶ୍ରମରେ ଆଶ୍ରିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପରିବାର ଭିତରେ ସଦାସର୍ବଦା ଅଶାନ୍ତି ଓ ଅସନ୍ତୋଷ ଭିତରେ ଦିନ କାଟିବା ଅପେକ୍ଷା କେଉଁ ମଠ, ମନ୍ଦିର କି ଆଶ୍ରମରେ ଶାନ୍ତିରେ ଜୀବନ ବିତାଇବାକୁ ଲୋକେ ଅଧିକ ଶ୍ରେୟସ୍କର ମଣୁଛନ୍ତି। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ପୁରୁଷ-ମହିଳା ନିର୍ବିଶେଷରେ ବିଭିନ୍ନ ଦେଶରୁ ଅନେକ ହଜାର ସଂଖ୍ୟାର ଲୋକ ଆଜି ଭାରତର ବିଭିନ୍ନ ମଠ, ମନ୍ଦିର ଓ ଆଶ୍ରମରେ ସବୁଦିନ ଲାଗି ନିଜକୁ ସାମିଲ କରିନେଇଛନ୍ତି। ସେମାନେ ପ୍ରାୟ ସମସ୍ତେ ଉଚ୍ଚଶିକ୍ଷିତ ଓ ଆର୍ଥିକ ଦୃଷ୍ଟିରୁ ବି ସ୍ୱଚ୍ଛଳ ବର୍ଗର। ଜୀବନକୁ ସୁନ୍ଦର ଓ ସୁଖମୟ କରିବାର ସବୁ କିଛି ସାଧନ ସେମାନଙ୍କ ପାଖରେ ରହିଛି। ଅଥଚ ଟିକେ ମାନସିକ ଶାନ୍ତି ଆଶାରେ ସେମାନେ ଆରାମଦାୟକ ଓ ବିଳାସପୂର୍ଣ୍ଣ ଜୀବନକୁ ପଛରେ ପକାଇ ଆଉ ନିଜ ପରିବାରର ସକଳ ବାଧାବନ୍ଧନକୁ ଛିଡ଼ାଇଦେଇ ଏଠାକୁ ଚାଲି ଆସୁଛନ୍ତି। ସକଳ ଅର୍ଥ ଓ ପ୍ରାଚୁର୍ଯ୍ୟ ଭିତରେ ବୁଡ଼ିରହି ଯେବେ ଶାନ୍ତି ନାହିଁ ତେବେ ଜୀବନଟା ଦୁର୍ବିଷହ ହୋଇପଡ଼େ, ଏକଥା ସେମାନେ ବେଶ୍ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି। ଏପରିସ୍ଥିତିରେ ଏବେ ସର୍ବତ୍ର ଶାନ୍ତି ଖୋଜାପଡ଼ିଛି। ଆଜି ବିଭିନ୍ନ କାରଣରୁ ଉଭାନ ହୋଇଯାଇଥିବା ପାରିବାରିକ ଶାନ୍ତିକୁ ଫେରାଇ ଆଣିବାକୁ ହେଲେ ଆଧ୍ୟାତ୍ମିକ ଚେତନାକୁ ଆମ ମନ ଭିତରେ ଜାଗ୍ରତ କରାଇବାକୁ ପଡ଼ିବ। ମନରୁ ତୁଚ୍ଛା ଅହଂକାର ଓ ସ୍ୱାର୍ଥପରତାକୁ ଦୂରେଇଦେଇ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ପ୍ରତିଷ୍ଠା କରିବାକୁ ହେବ।

ଶଂଖିଡ଼ା, ତିହିଡ଼ି, ଭଦ୍ରକ
ମୋ:୯୯୩୭୫୬୫୫୨୭

## ଏଇ ଭାରତରେ

କୃଷି ଇଞ୍ଜିନିୟରିଂ ପାସ୍ କରିବା ପରେ ଚାକିରି ନ କରି ଏବେ ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି ମହାରାଷ୍ଟ୍ରର ମହେଶ ଅଶାବେ। ସେ ଏହି ଚାଷରୁ ବର୍ଷକୁ ୨ କୋଟି ଟଙ୍କା ରୋଜଗାର କରୁଛନ୍ତି। ମହେଶଙ୍କ ବୟସ ୨୭। ସେ ସୋଲାପୁର ଜିଲାର ମରୁଡ଼ିପ୍ରବଣ ଅଞ୍ଚଳ ସଙ୍ଗୋଲାରେ ଡ୍ରାଗନ ଚାଷ କରିବା ସହ ଆଗାମୀ ପିଢ଼ିଙ୍କୁ ବାଟ ଦେଖାଇଛନ୍ତି। ତାଙ୍କ ଗାଁ ସମ୍ପୂର୍ଣ୍ଣ ଶୁଷ୍କ ଅଞ୍ଚଳ। ଡ୍ରାଗନ ଗ୍ରୀଷ୍ମର ପ୍ରକୋପ ସହ୍ୟ କରିବାର କ୍ଷମତା ଥିବାରୁ ମହେଶ ତାଙ୍କ ଗାଁରେ ୧୨ ବର୍ଷ ପୂର୍ବେ ଏହି ଚାଷ ଆରମ୍ଭ କରିଥିଲେ। ୨୦୧୨ରେ ୯,୦୦୦ ଚାରା ଆଣି ପ୍ରଥମେ ୩ ଏକର ଜମିରେ ଲଗାଇଥିଲେ ଏବଂ ଏଥିରେ ସେ ମୋଟ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। କିନ୍ତୁ ପ୍ରଥମରୁ ଲାଭ ପାଇ ନ ଥିଲେ। ଏଥିରେ ମହେଶ ନିରାଶ ହୋଇ ନ ଥିଲେ। ଦ୍ୱିତୀୟ ବର୍ଷରୁ ଡ୍ରାଗନ ଫଳ ଅଧିକ ହେଲା ଓ ସେ ଲାଭ ପାଇଲେ। ଏବେ ସେ ଏକର ପିଛା ୧୦ ଲକ୍ଷ ଟଙ୍କା ହିସାବରେ ୨୦ ଏକରରୁ ବର୍ଷକୁ ୨ କୋଟି ଟଙ୍କା ରୋଜଗାର କରୁଛନ୍ତି। ଥରେ ଡ୍ରାଗନ ଚାଷ ଆରମ୍ଭ କଲେ ଏହା ୨୦ରୁ ୨୫ ବର୍ଷ ଯାଏ ଅମଳକ୍ଷମ ରହିବ ଓ ଏବେ ଅଧିକ ଲାଭ ହେବ ବୋଲି କୁହନ୍ତି ମହେଶ। ଏହାସହ ସେ ଡ୍ରାଗନ ଫ୍ରୁଟ୍ସରୁ ଜୁସ୍, କ୍ୱାସ୍, ଜାମ୍ ଓ ଚକୋଲେଟ ତିଆରି କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧ ଫେବୃଆରୀ ୧୯୭୬**

- ବିଶିଷ୍ଟ ବଙ୍ଗୀୟ ସାହିତ୍ୟିକ ଅଚିନ୍ତ୍ୟ କୁମାର ସେନଗୁପ୍ତାଙ୍କ ୭୩ ବର୍ଷ ବୟସରେ ପରଲୋକ।
- ଭାରତୀୟ ଟେଲିଭିଜନ ଚଳଚ୍ଚିତ୍ର 'ବ୍ରଏଲର- ଦି ଟେବଲ ବାର୍ଡ' ପଶ୍ଚିମ ବର୍ଲିନ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ 'ଗୋଲ୍‌ଡେନ୍ ଇୟର' ପୁରସ୍କାର ଲାଭ କରିଛି।
- ଭାରତର ବାଘ ସଂରକ୍ଷଣସ୍ଥଳୀଗୁଡ଼ିକରେ ବ୍ୟବହାର କରିବା ପାଇଁ ବିଶ୍ୱ ବଣ୍ୟଜନ୍ତୁ ପାଣ୍ଠି ପକ୍ଷରୁ ୮ଟି ଓୟାର୍‌ଲେସ୍ ସେଟ୍ ମିଳିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 6 | | | | 7 | 5 | |
| | | | | | | 6 | | |
| | | | 2 | | | 4 | 8 | |
| | | 2 | 8 | 4 | | 5 | | |
| 9 | 7 | | 6 | | | | 4 | |
| | | 5 | 1 | | | | | |
| 3 | | | | 7 | | | 6 | 8 |
| 2 | | | | 8 | | 3 | | 5 |
| | | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 5 | 4 | 2 | 3 | 6 | 8 | 1 |
| 2 | 3 | 8 | 6 | 1 | 5 | 4 | 7 | 9 |
| 6 | 4 | 1 | 8 | 7 | 9 | 3 | 2 | 5 |
| 4 | 2 | 7 | 3 | 9 | 1 | 5 | 6 | 8 |
| 5 | 6 | 9 | 2 | 8 | 7 | 1 | 4 | 3 |
| 1 | 8 | 3 | 5 | 4 | 6 | 7 | 9 | 2 |
| 9 | 5 | 2 | 1 | 6 | 4 | 8 | 3 | 7 |
| 8 | 1 | 6 | 7 | 3 | 2 | 9 | 5 | 4 |
| 3 | 7 | 4 | 9 | 5 | 8 | 2 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାର୍ଯ୍ୟ ସମୟର ଅନୁଚିନ୍ତା

ମହାଶୟ,

କିଛିଦିନ ହେବ କର୍ମଚାରୀମାନେ କେତେ ଘଣ୍ଟା କାମ କରିବା ନେଇ ବିତର୍କ ଚାଲିଛି। ସାରା ଦେଶରେ କାର୍ଯ୍ୟ ସମୟର ବିଭିନ୍ନତାକୁ ଆଲୋଚନା କଲେ ଜଣାଯିବ ଯେ, ରେଳ, ଡାକ, ପୋଲିସ , ଅଗ୍ନିଶମ, ଆକାଶବାଣୀ, ଦୂରଦର୍ଶନ ଓ ଖବରକାଗଜରେ ଚାକିରିଆଙ୍କ ଛୁଟି ବହୁତ କମ୍ ଓ ଛୁଟିଦିନରେ ବି କାମ କରନ୍ତି। ମାତ୍ର ଚାକିରିଆ ସଚିବାଳୟ ପ୍ରଭୃତିରେ ଶନିବାର, ରବିବାର ସହ ଅନ୍ୟାନ୍ୟ ଦିନ ମଧ୍ୟ ପ୍ରଚୁର ଛୁଟି ମିଳେ। ପ୍ରତିବନ୍ଧିତ ଅଞ୍ଚଳ ହେତୁ କେତେ ସମୟ ରହିଛି ଜାଣିବା ମୁସ୍କିଲ। ନ୍ୟାୟାଳୟମାନଙ୍କରେ ଅନେକ ଛୁଟି, ବଡ଼ଦିନ, ଦଶହରା ପ୍ରଭୃତି ଲମ୍ବା ଛୁଟି ପୁଣି ଖରାଦିନେ। କିନ୍ତୁ ବେସରକାରୀ ସଂସ୍ଥାରେ ଛୁଟି ସଂଖ୍ୟା ସୀମିତ। ଆଠରୁ ଦଶଘଣ୍ଟା କାମ କରି ନ ପାରିଲେ ବିଦାୟ। ସରକାରୀ ଚାକିରିରେ ଆରାମରେ ୧୧/୧୨ଟାରେ ଆସି ଗୁଲିଖଟି କରି ମଧ୍ୟାହ୍ନ ବିରତି ଘରେ ଶୋଇ ୩/୪ଟା ବେଳକୁ ଆସି ପୁଣି ୫ଟା ପୂର୍ବରୁ ବିଦାୟ। ବ୍ଲକ ଓ ତହସିଲ, ଦେବୋତ୍ତର ପରି ବିଭାଗରେ କାର୍ଯ୍ୟାଳୟ ନ ଆସିଲେ ଦେଖିବାକୁ କି କହିବାକୁ କେହି ନାହାନ୍ତି। ନିବେଶକରୁ ଆରମ୍ଭ ହୋଇଥିବା କାଜୁଆଲ ଚୁକ୍ତିଭିତ୍ତିକ ଚାକିରି ଜମିଦାରୀ ବେଳର ବେଠିଆ ବ୍ୟବସ୍ଥା। ତେଣୁ ଦେଶରେ ସବୁ ଚାକିରି ପାଇଁ ଛୁଟି ସମାନ ରହୁ। ଦିନକୁ ଅଧଘଣ୍ଟା ସାପ୍ତାହିକ ଛୁଟିଦିନ କାମ କରନ୍ତୁ ଅଥବା ଯେତେ ଘଣ୍ଟା କାମ କରିବେ ସେହି ଅନୁଯାୟୀ ସମସ୍ତଙ୍କୁ ଦରମା ମିଳିଲେ ସମାନତା ଆସିବ।

-ଡ. ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡ଼ା, ଜୟପୁର, କଟକ

## ଚିରନ୍ତନୀ

ପକ୍ଷୀ ଡାକେ ମୋତେ ବନେ
କେତେ ଡାକରା ଆସେ ପବନେ
କେତେ ଆବାହନ ଭୁବନୁ ଆସିଛି
ମେଣ୍ଟାଇବି ପ୍ରାଣ କ୍ଷୁଧା।
ମୁଁ ତ ପିଇଛି ସ୍ୱପନ ସୁଧା।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଛାତ୍ର କଂଗ୍ରେସ ସଭାପତିଙ୍କ ସମେତ ୮ ଗିରଫ



ଗିରଫ ଛାତ୍ର କଂଗ୍ରେସ କର୍ମକର୍ତ୍ତା।

ଭୁବନେଶ୍ୱର,୩୧।୧(ସତ୍ୟଜିତ୍ ରାଉତ)

ରାଷ୍ଟ୍ରୀୟସ୍ୱୟଂସେବକସଂଘ(ଆର୍ଏସ୍ଏସ୍) ସରସଂଘଚାଳକ ମୋହନ ଭାଗବତଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ କଳାପତାକା ଦେଖାଇ ବିରୋଧ ପ୍ରଦର୍ଶନ ସହ ସୁରକ୍ଷା ଭଙ୍ଗ କରି ପୋଲିସକୁ ଗାଳିଗୁଲଜ ଓ ଆକ୍ରମଣ ଘଟଣାରେ ମଞ୍ଚେଶ୍ୱର ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଥାନା ପକ୍ଷରୁ ବିଏନ୍ଏସ୍ ଦଫା ୧୯୧(୨), ୧୯୧(୩), ୧୩୨, ୧୨୧(୧), ୨୯୬, ୩୫୧(୩), ୧୯୦ରେ ମାମଲା (ନଂ.୪୧/୨୦୨୫) ରୁଜୁ କରାଯାଇ ଅଟକ ଥିବା ଛାତ୍ର କଂଗ୍ରେସ ସଭାପତି ଉଦିତ୍ଙ୍କ ସମେତ ୮ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୭ଜଣ ଅଭିଯୁକ୍ତମାନେ ହେଲେ ହେମନ୍ତ ପ୍ରଧାନ (୧୯), ଆଦିତ୍ୟ ଅଂଶମାନ ପାତ୍ର (୧୯), ଚନ୍ଦନ ସାହୁ

## ମୋହନ ଭାଗବତଙ୍କୁ କଳାପତାକା, ପୋଲିସକୁ ଆକ୍ରମଣ ଘଟଣା

ଓରଫ ବାପି (୨୪), ସିଦ୍ଧାନ୍ତ ଓମପ୍ରକାଶ (୨୦), ତାପସ ଦେ (୨୨), ଐରୋକୁମାର ଦାସ (୨୧) ଓ ସାହିଲ ମହାନ୍ତି (୨୨)। ସମସ୍ତଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଉଦିତଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୦ଟି ମାମଲା ଥିବାବେଳେ ଚନ୍ଦନଙ୍କ ନାଁରେ ୩ ଓ ଆଦିତ୍ୟଙ୍କ ନାଁରେ ଗୋଟିଏ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା ୫ରେ ମୋହନ ଭାଗବତ ମଞ୍ଚେଶ୍ୱରସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତିରୁ ସୂଚନାଭବନକୁ ଯିବା ବେଳେ ପୋଲିସ ପକ୍ଷରୁ ଜେଡ୍ ପ୍ଲସ୍ ସୁରକ୍ଷା ଗ୍ରହଣ କରାଯାଇଥିଲା। ମଞ୍ଚେଶ୍ୱର ବ୍ଲୁ ହୁଇଲ୍ ହସ୍ପିଟାଲ ଛକ ନିକଟରେ ଉଦିତ୍ଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର ୨୦ଜଣ କର୍ମୀ ହଠାତ୍ ଭାଗବତଙ୍କୁ କଳାପତାକା ଦେଖାଇ ବିରୋଧ କରିଥିଲେ। ପୋଲିସ ଅଟକାଇବା ବେଳେ ବିକ୍ଷୋଭକାରୀମାନେ ମାନି ନ ଥିଲେ। ସେମାନେ ପୋଲିସକର୍ମୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଘଟଣାସ୍ଥଳରୁ ୮ଜଣଙ୍କୁ ପୋଲିସ କାବୁ କରିବାବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ ବ୍ୟବହାର କରୁଥିବା ସ୍କର୍ପିଓ (ଓଡି୦୨ଡିବି୧୧୧୦)କୁ ମଧ୍ୟ ପୋଲିସ ଜବତ କରିଥିବା ସୂଚନା ଦିଆଯାଇଛି।

## ଉଦିତ୍ଙ୍କ ଗିରଫ ପ୍ରତିବାଦରେ ଛାତ୍ର ଓ ଯୁବକଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୩୧।୧(ସୁନିତ୍ ମିଶ୍ର)

ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ଗିରଫ ପ୍ରତିବାଦରେ ଶୁକ୍ରବାର ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଲୋୟର ପି.ଏମ୍.ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କାର୍ଯ୍ୟାଳୟଠାରେ ଯୁବ ଓ ଛାତ୍ର କଂଗ୍ରେସ କର୍ମୀମାନେ ଏକ ରାଲିରେ ବାହାରି ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଆଡ଼କୁ ଅଗ୍ରସର ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆର୍ଏସ୍ଏସ୍ ମୁଖ୍ୟ ମୋହନ ଭାଗବତଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏହି ସମୟରେ ପୋଲିସ ସମସ୍ତ ଆନ୍ଦୋଳନକାରୀଙ୍କୁ ଘଟଣାସ୍ଥଳରୁ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

ଏହି କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ଓଡ଼ିଶା ପ୍ରଭାରୀ ଚୁନୁ ସିଂ ଅଂଶଗ୍ରହଣକରି କହିଛନ୍ତି, ଉଦିତ୍ ପ୍ରଧାନଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରାଯାଇଛି। ଆର୍ଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ରାଷ୍ଟ୍ରର ସ୍ୱାର୍ଥ ଓ ସମ୍ବିଧାନ ବିରୋଧୀ। ପ୍ରଦେଶ ଯୁବ କଂଗ୍ରେସ ସଭାପତି

### ୨ ଦିନ ସବୁ ଜିଲ୍ଲା ଏସ୍ପିଙ୍କ କାର୍ଯ୍ୟାଳୟ ବାହାରେ ହେବ ପ୍ରତିବାଦ

ଦାୟିତ୍ୱରେ ଥିବା ରଣଜିତ ପାତ୍ର କହିଛନ୍ତି, ଓଡ଼ିଶା ପୋଲିସର ହିଟ୍ଲରୀ ରାଜକୁ ବରଦାସ୍ତ କରାଯିବ ନାହିଁ। ଉଦିତ୍ ପ୍ରଧାନଙ୍କୁ ତୁରନ୍ତ ଖଲାସ କରିବାକୁ ସେ ଦାବି କରିଛନ୍ତି। ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୟଦ୍ ୟାସିର ନୱାଜ କହିଛନ୍ତି, ଉଦିତ୍ ପ୍ରଧାନ ଉଠାଇଥିବା କଥା ଧର୍ମନିରପେକ୍ଷତା ପ୍ରତି ବିଶ୍ୱାସ ରଖିଥିବା ଛାତ୍ର ସମାଜର ସ୍ୱର। ଓଡ଼ିଶାର ପୂର୍ବତନ ରାଜ୍ୟପାଳଙ୍କ ପୁଅ ଜଣେ କର୍ତ୍ତବ୍ୟରତ ଓଡ଼ିଆ ଅଫିସରକୁ ମରଣାନ୍ତକ ଆକ୍ରମଣ କଲାବେଳେ ପୋଲିସ ନୀରବ, କିନ୍ତୁ ରାଷ୍ଟ୍ରପ୍ରେମୀ ଉଦିତ୍ଙ୍କୁ ଗିରଫ କରାଯାଉଛି। ଶନିବାରଠାରୁ ୨ ଦିନ ପର୍ଯ୍ୟନ୍ତ ସବୁ ଜିଲ୍ଲା ପୋଲିସ ଆରକ୍ଷୀ ଅଧକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ସୁଦୀପ ସାମଲ, ଅଜୟ ସାହୁ, ନିହାର ବେହେରା, ଗୋପନ ମାର୍ଥା ପ୍ରମୁଖ ଯୋଗଦେଇଥିଲେ।

## ପଞ୍ଚାୟତ ନିର୍ବାଚନକୁ ଆଖିରେ ରଖି ଅଣ୍ଟା ଭିଡ଼ିଲା କଂଗ୍ରେସ

ଭୋଗରାଇ, ୩୧।୧(ପ୍ରଦୀପ ଦାସ)

ରାଜ୍ୟରେ ଅଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ଭୋଗରାଇ ନିର୍ବାଚନମଣ୍ଡଳୀ କଂଗ୍ରେସ ଶାଖା ଏବେଠୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏଥିନିମନ୍ତେ ଗୋପୀନାଥପୁର ପଞ୍ଚାୟତ ଫରେଷ୍ଟ ବାଡ଼ିଠାରେ ନିକଟରେ ୫୦ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଏକ ବନ୍ଧୁମିଳନ କରାଯାଇଛି। ଏଥିରେ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି ନିମନ୍ତେ ଦଳୀୟ କର୍ମୀ ଓ ନେତାଙ୍କୁ ବରିଷ୍ଠ ନେତାମାନେ ପରାମର୍ଶ ଦେଇଛନ୍ତି। ଡବଲ ଇଞ୍ଜିନ ସରକାର ଲୋକଙ୍କୁ ଠିକ୍ ଭାବେ ଶାସନ ଦେଇପାରୁ ନାହିଁ ବୋଲି ଏହି ଅବସରରେ ନେତାମାନେ ଅଭିଯୋଗ କରିଥିଲେ। କଂଗ୍ରେସ ଲୋକଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଲଢ଼େଇ ଜାରି ରଖିଥିବା ବେଳେ ଆଗକୁ ଅଧିକ ସକ୍ରିୟ ହେବ ବୋଲି ଉପସ୍ଥିତ ନେତାମାନେ କହିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସବୁ କଂଗ୍ରେସ କର୍ମୀ ଓ ପଞ୍ଚାୟତସ୍ତରୀୟ ଛାମୁଆ ନେତା ଏକ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନସ୍ୱାର୍ଥ ବିରୋଧୀ ନୀତି ବିରୋଧରେ ଗଣଆନ୍ଦୋଳନ କରିବାକୁ ଶପଥ ନେଇଥିବା ଶୁଣିବାକୁ ମିଳିଛି। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସତ୍ୟଶିବ ଦାସ କହିଥିଲେ,

### ଘର ବାହୁଡ଼ିଲେ ଯୁବନେତା

ଭୋଗରାଇ ନିର୍ବାଚନମଣ୍ଡଳୀରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ଉତ୍ତମ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି। କଂଗ୍ରେସର ଏଭଳି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ତଥା ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନାଙ୍କ ପୌରୋହିତ୍ୟରେ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ ସମେତ ବହୁ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ଭାଜପା ମଣ୍ଡଳ ସଭାପତି ପଦରୁ ଇସ୍ତଫା ଦେଇ ଭୋଗରାଇର ପୂର୍ବତନ ଯୁବ କଂଗ୍ରେସ ନେତା ରବୀନ୍ଦ୍ର ଜେନା ପୁଣି କଂଗ୍ରେସକୁ ଘରବାହୁଡ଼ା କରିବା ଉପସ୍ଥିତ କର୍ମୀ ଓ ନେତାଙ୍କୁ ଉତ୍ସାହିତ କରିଛି। ଏଥିସହିତ ଗୁନାଇବସାଣ ପଞ୍ଚାୟତର ମାନସ ସ୍ୱାଇଁ, ଅରୂପ ଭଞ୍ଜ ଓ ରସଲପୁର ପଞ୍ଚାୟତର ରବୀନ୍ଦ୍ର ମଲ୍ଲିକ କଂଗ୍ରେସ ଦଳରେ ସାମିଲ ହୋଇଥିବା ଘୋଷଣା କରାଯାଇଛି।

### ଭ୍ରମ ସଂଶୋଧନ

ଚଳିତ ଓଡ଼ିଶା କୋହେନୂର ପ୍ରେସ୍ ପତ୍ରିକାରେ ସନ ୨୦୨୫ ମସିହା ଫେବୃୟାରୀ ତା୨ ରିଖ ରବିବାର ଦିନ ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀମନ୍ଦିରେ ବସନ୍ତୋତ୍ସବ ଓ ରଥକାଠ ଅନୁକୂଳ, ମୁକ୍ତିମଣ୍ଡପ ସଭା, ପୁରୀଙ୍କ ଦ୍ୱାରା ସିଦ୍ଧାନ୍ତ ହୋଇ ଆମ୍ଭ ପଞ୍ଜିକାରେ ପ୍ରକାଶିତ ହୋଇଛି। କିନ୍ତୁ ଭୁଲ୍‌ବଶତଃ ଫେବୃୟାରୀ ତା୩ରିଖ ସୋମବାର ଶ୍ରୀମନ୍ଦିରରେ ବସନ୍ତୋତ୍ସବ ଓ ରଥକାଠ ଅନୁକୂଳ ଛାପା ହୋଇଯାଇଛି। ମୁଦ୍ରଣଜନିତ ତ୍ରୁଟି ଯୋଗୁଁ ଏହା ହୋଇଥିବାରୁ ଆମ୍ଭେ ଦୁଃଖିତ।

- ଓଡ଼ିଶା କୋହେନୂର ପ୍ରେସ୍, କଟକ

## ପାଟଣା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ

### ଭୋଟ ଗଣତି ପାଇଁ ହାଇକୋର୍ଟ ନିର୍ଦ୍ଦେଶ

ପାଟଣା,୩୧/୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧ୍ୟକ୍ଷା ଶୁକାନ୍ତି ନାଏକଙ୍କ ବିରୋଧରେ ଜାନୁୟାରୀ ୪ରେ ଆଗତ ଅନାସ୍ଥା ପ୍ରସ୍ତାବ ଲାଗି ବ୍ଲକ ସଭାଗୃହରେ ମତଦାନ ହୋଇଥିଲା। ହାଇକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଅନୁଯାୟୀ ଗଣତିକୁ ସ୍ଥଗିତ ରଖାଯାଇଥିଲା। ହାଇକୋର୍ଟ ବିଚାରପତି ଜଷ୍ଟିସ ଆର.କେ. ପଟ୍ଟନାୟକ ଗତ ବୁଧବାର ଏହି ମାମଲାର ଶୁଣାଣି କରି ସଂରକ୍ଷିତ ଥିବା ଅନାସ୍ଥା ପ୍ରସ୍ତାବ ଭୋଟ ଗଣତି ପାଇଁ ପୁନର୍ବାର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଉପଜିଲ୍ଲାପାଳ ଉମାଶଙ୍କର ଦଳେଇଙ୍କୁ ପଚାରିବାରୁ ହାଇକୋର୍ଟ ଭୋଟ ଗଣତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦିନ ଧାର୍ଯ୍ୟ କରି ଭୋଟ ଗଣତି ହେବ। ସୂଚନା ଯେ, ଉକ୍ତ ଦିନ ମତଦାନ ପକ୍ରିୟାରେ ବିଧାୟକ ଅଖିଳ ନାଏକଙ୍କୁ ମିଶାଇ ମୋଟ ୩୫ଜଣ ସଦସ୍ୟ ଉପସ୍ଥିତ ଥିବାବେଳେ ୩୪ଜଣ ସଦସ୍ୟ ମତଦାନ କରିଥିଲେ। ଭୋଟବାକ୍ସକୁ ସିଲ କରାଯାଇ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କେନ୍ଦୁଝର ଟ୍ରେଜେରି ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ତେବେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମ୍ୟାଜିକ ସଂଖ୍ୟାରୁ ଉର୍ଦ୍ଧ ସମର୍ଥନ ଉପାଧକ୍ଷା ବୀଣାପାଣିଙ୍କ ସପକ୍ଷରେ ରହିଥିବା ଆଲୋଚନା ହେଉଛି।

## ଭୋଟ ୫ ଦିନ ପୂର୍ବରୁ ୭ ଆପ୍ ବିଧାୟକଙ୍କ ଇସ୍ତଫା

ନୂଆଦିଲ୍ଲୀ,୩୧।୧

ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଆଉ ମାତ୍ର ୫ ଦିନ ବାକିଥିବାବେଳେ ଶୁକ୍ରବାର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୭ ଜଣ ବିଧାୟକ ଇସ୍ତଫା ଦେଇଛନ୍ତି। ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସେମାନଙ୍କୁ ଦଳ ଟିକେଟ ଦେଇ ନ ଥିଲା। ଇସ୍ତଫା ଦେଇଥିବା ବିଧାୟକମାନେ ହେଲେ ନରେଶ ଯାଦବ (ମେହରୁଲି), ରୋହିତ କୁମାର (ତ୍ରିଲୋକପୁରୀ), ରାଜେଶ ଋଷି (ଜନକପୁରୀ), ମଦନ ଲାଲ୍ (କସ୍ତୁରବା ନଗର), ପଓ୍ୱନ ଶର୍ମା (ଆଦର୍ଶ ନଗର), ଭାଓ୍ୱନା ଗୌଡ଼ (ପାଲାମ) ଏବଂ ବି.ଏସ୍. ଜୁନ୍ (ବିଜ୍ୱାସନ)। ଆପ୍ ମୁଖ୍ୟ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ପ୍ରତି ବିଶ୍ୱାସ ହରାଇଥିବା ପାଲାମ ବିଧାୟକ ଭାବନା ଗୌଡ଼ ଇସ୍ତଫାପତ୍ରରେ ଲେଖିଛନ୍ତି। ନରେଶ ଯାଦବଙ୍କୁ ଦଳ ମେହରୁଲିରୁ ପ୍ରାର୍ଥୀ କରିଥିଲା। ତେବେ କୋରାନ ଅପବିତ୍ରୀକରଣ ମାମଲାରେ ପଞ୍ଜାବର ଏକ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରି ୨ ବର୍ଷ ଜେଲଦଣ୍ଡ ଦେବା ପରେ ଆପ୍ ଏହାର ୫ମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ନରେଶଙ୍କ ସ୍ଥାନରେ ମହେନ୍ଦର ଚୌଧୁରୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

AC MECHANIC REQUIREMENT
1. We required 2 years experience AC Technicians working under 3 phase and single phase machines.
2. Junior Technicians - Criteria : Under Matric, Under +2 students.
Age : 18+
ESSAR ELECTRONICS
9776629291 / 8337999111

URGENT REQUIREMENT
MARKETINGMANAGER for BANQUET HALL RESTAURANT.
Contact No.:
9668531559
8456814226

See Career Appointment on every Wednesday & Saturday

WANTED
LADIES OFFICE ASSISTANT
Near Phulanakhara, Cuttack
Free Accomodation,
Free Fooding + 10000 to 15000 as per Jogyata
7809525452

We are a growing EPC company in Electrical Distribution Projects and we are working under TATA Power, OLIC, RWSS, R&B, NTPC and many others clients in Odisha. We have more than 500 Nos. manpower in our company. We also have a largest PSC pole manufacturing unit at Western Odisha.
We require the following candidates for our electrical distribution project in Odisha.
1) PROJECT MANAGER - 3 Nos. (3-5+ yrs. experience in distribution project.)
2) ASST. MANAGER - 5 Nos. (5+ yrs. experience)
3) SITE ENGINEER - 10 Nos. (3-5+ yrs. experience)
4) SAFETY ENGINEER - 3 Nos. (Diploma in industrial safety and 3-5+ yrs. experience)
5) ACCOUNTS MANAGER - 3 Nos. (M/F- Both) (More than 3-5 yrs. experience )
6) OFFICE PEON- 2 Nos. (10th pass) local residents will be prefered and have basic knowledge about cooking etc.
Salary will be negotiable for selected candidates. Site accommodation, fuel expenses will be given for site personnel.
INTERVIEW ADDRESS. SHIVOM GROUP, 2nd floor, BB Steel Building, Adjacent to Second Wife Restaurant, Puri Bypass Road, Bhubaneswar. Mob- 7682824139 / 7682089118, shivomenterprise2018@gmail.com, ambikasamal81@gmail.com
Interview date and time :2nd February 2025 (Sunday) from 10 AM to 2 PM.

JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO BHAVAN , KUTCHERY ROAD, RANCHI-834001, JHARKHAND.
Ph No.: +91-651-2225878, e-mail Id-pdt.juidco@gmail.com
CIN: U45200JH2013SGC001752
NIT No: -JUIDCO/NIT/InD- STPs Kolhan/644 Date:30-01-2025
Tender ID.: 2025_UDD_97536_1
PR No.- 344011
CORRIGENDUM-01
All bidders are hereby announced that corrigendum 01 is released for 1st tender of NIT Ref No:- JUIDCO/NIT/InD- STPs Kolhan/644 and Tender ID 2025_UDD_97536_1 for "Request for Proposal for Selection of Consultant for preparation of Detailed Project Report (DPR) and providing Project Management Consultancy (PMC) services for Interception & Diversion and STPs along with related infrastructure in 8 towns in Kolhan Cluster in Jharkhand." The bidders are advised to take in to account the same before submission of their bids against the tender.
NOTE: Corrigendum-01 and all other information can be referred from the e-tender site of Govt. of Jharkhand i.e. (http://jharkhandtenders.gov.in) Sd/-
PR 345562 (Urban Development and Housing)24-25*D Project Director (Technical) JUIDCO Ltd.

कार्यपालक अभियंता का कार्यालय
ग्रामीण विकास विशेष प्रमंडल, बोकारो
ई-निविदा आमंत्रण सूचना
ई– पुनर्निविदा सूचना संख्या – RDD/SD/BOKARO/11/2024-25/GR_02/3rd Call
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के चंदनकियारी प्रखण्ड अंतर्गत सहजोरी एवं बोगुला के बीच जोरिया पर उच्च स्तरीय पुल निर्माण। (लम्बाई 38.76 मी०) | 23895500.00 | 478000.00 | 10000.00 | 15 माह |

2. वेबसाइट में निविदा प्रकाशन की तिथि – 07.02.2025
3. ई–निविदा प्राप्ति की तिथि एवं समय – दिनांक 07.02.2025 से दिनांक 21.02.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 23.02.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
PR 345538 Rural Development (24-25)_D ग्रामीण विकास विशेष प्रमंडल, बोकारो

साहेबगंज समाहरणालय
(जिला राजस्व शाखा)
(संचिका सं0– IV – 05 / 2024)
—: सूचना :—
PR No-345453
साहेबगंज–मनिहारी अन्तर्राज्यीय फेरीघाट की बन्दोवस्ती वित्तीय वर्ष – 2024–2025 के अवशेष माह एवं वित्तीय वर्ष 2025– 2026 के लिए निर्गत अल्पकालीन डाकसूचना ज्ञापांक – 115 / रा0,दिनांक – 30.01.2025 को निर्गत की गयी है, को अपरिहार्य कारणवश अगले आदेश तक के लिए स्थगित किया जाता है।
अपर समाहर्त्ता,
—सह—
अध्यक्ष, जिलास्तरीय सैरात समिति
साहेबगंज
PR 345588 District(24-25).D

ଦ.ପୂ. ରେଳପଥ - ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ.: ପିସିଏମ୍ଏମ୍/ଜିଇଏନ୍ଏଲ୍/ଟିପି/୨୦୨୫/୦୩, ତାରିଖ: ୩୦।୦୧।୨୦୨୫।
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦ. ପୂ. ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନ୍ୟୁ ଆଡ୍‌ମିନିଷ୍ଟ୍ରେଟିଭ୍ ବିଲ୍ଡିଂ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ "ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ। କ୍ର.ସଂ. ଏବଂ ଟେଣ୍ଡର ନଂ.; ଧାର୍ଯ୍ୟ ତାରିଖ; ସଂକ୍ଷିପ୍ତ ବର୍ଣ୍ଣନା; ପରିମାଣ; ଇଏମ୍‌ଡି ପରିମାଣ ଯଥାକ୍ରମେ ନିମ୍ନ ଅନୁଯାୟୀ ହେବ: (୧) କେଜିପି-ଜିଏସ୍‌ଡି-ଟିସି-୨୫୨୭; ୧୭।୦୨।୨୦୨୫; ସାମଗ୍ରୀଗୁଡ଼ିକୁ ଯେକୌଣସି ସ୍ଥାନରୁ ଯେକୌଣସି ସ୍ଥାନକୁ ପରିବହନ କରିବା ଭିତ୍ତି ଆଦି ପାଇଁ ପରିବହନ ଠିକା; ୱେବ୍‌ସାଇଟ୍ ଅନୁଯାୟୀ; ₹୧,୭୫,୮୦୦/-। (୨) ୭୭୨୪୧୭୯୨ସି; ୧୧।୦୨।୨୦୨୫; ଏମ୍‌ଏମ୍‌ଏଡବ୍ଲ୍ୟୁ ଇଲେକ୍ଟ୍ରୋଡ୍ ଇତ୍ୟାଦିର ଯୋଗାଣ; ୧୦୩୮୦୮୪ ମିଟର; ₹୨,୦୪,୧୦୦/-। (୩) ୩୩୨୪୩୧୬୭୮; ୧୭।୦୨।୨୦୨୫; ସ୍ପିଡ୍ ସେନ୍ସର ପାଇଁ କିଟ୍ ଇତ୍ୟାଦି; ୩୪୪ ଗୋଟି; ₹୫,୬୩,୬୦୦/-। (୪) ୬୫୨୪୫୦୬୭; ୧୧।୦୩।୨୦୨୫; ଏଡ୍ଡି କରେଣ୍ଟ ଟେଷ୍ଟିଂ ମେଶିନ୍ (ପ୍ରାକ୍-ବିଡ୍ ବୈଠକ ୩୦-ଜାନୁଆରୀ-୨୫, ୧୨.୦୦ ଘଟିକା, ପିସିଏମ୍‌ଏମ୍ ମିଟିଂ ରୁମ୍/ଦ.ପୂ. ରେଳପଥ/ଗାର୍ଡେନ୍ ରିଚ୍/କୋଲକାତା-୪୩ଠାରେ); ୦୧ ଗୋଟି; ₹୧,୦୪,୮୬୦/-। (୫) ୩୮୨୪୩୮୬୮ଏ; ୧୧।୦୨।୨୦୨୫; ବିଓଏକ୍ସଏନ୍‌ଏଚ୍‌ଏଲ୍/ବିସିଏନ୍‌ଏଚ୍‌ଏଲ୍ ୱାଗନ୍ ଆଦି ପାଇଁ ବଗି ମାଉଣ୍ଟେଡ୍ ବ୍ରେକ୍ ସିଷ୍ଟମର ସ୍ପେୟାର ସେଟ୍; ୧୬୫୨ ସେଟ୍; ₹୧,୨୮,୬୬୦/-। (୬) ୯୩୨୪୩୦୦୭ଏ; ୨୬।୦୩।୨୦୨୫; ଉଡ୍ ବେସ୍‌ଡ ଇମ୍ପ୍ରେଗ୍ନେଟେଡ୍ କମ୍ପ୍ରେସ୍‌ଡ ଲାମିନେଟେଡ୍ ଶିଟ୍ ଇତ୍ୟାଦି; ୧୬୨୦ ଗୋଟି; ₹୧,୦୪,୫୯୦/-। (୭) ୫୦୨୪୧୬୫୯; ୨୬।୦୨।୨୦୨୫; ସଲିଡ୍ ପଲିଥିନ୍ ଇନ୍‌ସୁଲେଟେଡ୍ ସମ୍ପୂର୍ଣ୍ଣ ପୂର୍ଣ୍ଣ, ପଲିଥିନ୍ ଶିଟ୍‌ଡ ଅଣ୍ଡରଗ୍ରାଉଣ୍ଡ ଟେଲିକମ୍ କେବୁଲ ଇତ୍ୟାଦି; ୧୪ କିମି; ₹୧,୩୦,୩୪୦/-। (୮) ୪୦୨୪୧୬୩୬ଏ; ୧୪।୦୨।୨୦୨୫; କପର୍ କଣ୍ଡକ୍ଟର୍ସ (ସିଙ୍ଗଲ୍ କୋର୍) ସହିତ ଥିନ୍ ୱାଲ୍‌ଡ ଫ୍ଲେକ୍ସିବଲ୍ ଇଲାଷ୍ଟୋମେରିକ୍ କେବୁଲ ଆଦି; ୯୫୨୦୦ ମିଟର; ₹୧,୦୪,୦୯୦/-। (୯) ୪୨୨୪୩୦୭୯ବି; ୨୦।୦୨।୨୦୨୫; ଏଚ୍‌ଆର୍‌ସି ଫ୍ୟୁଜ୍ ଲିଙ୍କ୍ ଡିନ୍ ଟାଇପ୍, କରେଣ୍ଟ ରେଟିଂ ୧୨୫ ଆମ୍ପସ୍, ଭୋଲ୍ଟେଜ୍ ରେଟିଂ ୧୦୦୦ ଭୋଲ୍ଟସ୍ ଆଦି; ୧୪୦୨ ଗୋଟି; ₹୧,୨୨,୪୨୦/-। (୧୦) ୪୬୨୪୩୧୬୦ଏ; ୨୬।୦୨।୨୦୨୫; ଡିସ୍‌କନେକ୍ଟିଂ ଓ ଆର୍ଥିଂ ଡିଭାଇସ୍ ଆଦି; ୧୯୦ ଗୋଟି; ₹୧,୩୨,୪୧୦/-। (୧୧) ୬୦୨୫୦୦୧୪; ୧୪।୦୨।୨୦୨୫; ଓ.ଆର୍. ୬୪୦୦ ମିମି ଓଭର୍ ରାଇଡିଂ ଫ୍ୟାନ୍ ଇତ୍ୟାଦିର ବିନିର୍ମାଣ ଓ ଯୋଗାଣ; ୨୦୦ ସେଟ୍; ₹୧୭,୧୩,୩୬୦/-। (୧୨) ୬୦୨୫୦୦୭୪; ୨୧।୦୨।୨୦୨୫; ୬.୨ ମିମି ଘନତ୍ୱ ବିଶିଷ୍ଟ କମ୍ପୋଜିଟ୍ ଜିଆର୍‌ଏସ୍‌ପି ଆଦିର ବିନିର୍ମାଣ ଓ ଯୋଗାଣ; ୨୦୦୦୦୦୦ ଗୋଟି; ₹୮,୧୮,୦୦୦/-। (୧୩) ୬୦୨୫୦୦୦୩; ୧୯।୦୨।୨୦୨୫; ଇଲାଷ୍ଟିକ୍ ରେଲ୍ କ୍ଲିପ୍ ଏମ୍‌କେ-ଭିର ବିନିର୍ମାଣ ଓ ଯୋଗାଣ; ୮୦୦୦୦୦ ଗୋଟି; ₹୧୫,୬୨,୫୬୦/-। (୧୪) ୨୯୨୪୩୧୮୪; ୧୦।୦୨।୨୦୨୫; ଏଫ୍‌ଟିଆର୍‌ଟିଆଇପିଏଲ୍‌ର ପାର୍ଟ ନଂ.- ଏଫ୍‌ଟି୦୫୦୯୮-୪୪୮ ଅନୁରୂପ ପ୍ରେସର୍ ଗେଜ୍; ୯୬ ସେଟ୍; ₹୨,୧୫,୧୨୦/-। (୧୫) ୨୯୨୫୩୦୧୦; ୧୩।୦୨।୨୦୨୫; ଏକ୍ସିଲ୍ ଗାଇଡ୍ ପାଇଁ ଷ୍ଟେରିବ୍ଲକ୍; ୯୩୫୪ ଗୋଟି; ₹୧୮,୧୦,୧୯୦/-। (୧୬) ୨୯୨୩୫୦୧୪ଏ; ୧୮।୦୨।୨୦୨୫; ୩-ଫେଜ୍ ଲୋକୋଗୁଡ଼ିକ ପାଇଁ ଏବିବି ପ୍ରପଲ୍‌ସନ୍ ସିଷ୍ଟମ୍ ଲାଗି ସ୍ପେୟାର୍ ସେଟ୍; ୧ ସେଟ୍; ₹୨,୧୦,୮୮୦/-। (୧୭) ୨୯୨୪୩୧୫୪ଏ; ୦୩।୦୩।୨୦୨୫; ପାଣ୍ଟୋଗ୍ରାଫ୍ ପାଇଁ ସ୍ପ୍ରିଙ୍ଗ୍-ଲୋଡେଡ୍ ସୁଇଚ୍‌ଗୁଡ଼ିକର ସେଟ୍; ୧୯୧ ସେଟ୍; ₹୧,୨୭,୩୪୦/-। (୧୮) ୨୫୨୪୫୦୧୦; ୦୫।୦୩।୨୦୨୫; ମାଇକ୍ରୋପ୍ରସେସର୍ ଆଧାରିତ କଣ୍ଟ୍ରୋଲ୍ ଏବଂ ଫଲ୍ଟ ଡାଇଗ୍ନୋଷ୍ଟିକ୍ ସିଷ୍ଟମ୍; ୧୧ ସେଟ୍; ₹୩,୯୫,୧୧୦/-। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1083)

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀସ୍ଥିତ ଅଫିସର କଲୋନୀରେ ଥିବା ପିଚୁ ରାସ୍ତାକୁ ଭାର୍ଗି ପେଭର ବ୍ଲକ ଯୋଗାଇବା ଓ ବିଛାଇବା ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଫେବୃଆରୀ ୧୭, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟରେ କେନ୍ଦ୍ରୀୟ ୟୁପିଏସ୍ ସିଷ୍ଟମ୍ ପାଇଁ 164 No. 12V, 120Ah Valve-Regulated Lead-Acid (VRLA), ଫ୍ଲେମ୍ ରିଟାର୍ଡାଣ୍ଟ କେସିଙ୍ଗ ଥିବା SMF ବ୍ୟାଟେରୀର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।
ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଫେବୃଆରୀ ୧୯, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।
କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର

# ୮ ହଜାର କୁଇଣ୍ଟାଲ ମାଣ୍ଡିଆ ବିହନ କ୍ରୟ ଲକ୍ଷ୍ୟ

**ମୁନିଗୁଡ଼ା,୩୧।୧ (ନନ୍ଦକିଶୋର ପଟ୍ଟନାୟକ)**



ବିଧାୟକ ଏବଂ ଅନ୍ୟ ଅତିଥି ମାଣ୍ଡି ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ରାୟଗଡ଼ ଜିଲା ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁମୁଡ଼ାବାଲି ଗ୍ରାମପଞ୍ଚାୟତର ପଦମପୁର ଗ୍ରାମରେ ମୁନିଗୁଡ଼ା କୃଷକ ଉତ୍ପାଦକ ସଙ୍ଗଠନ (ଏଫ୍‌ପିଓ) ଆନୁକୂଲ୍ୟରେ ଓ ଶ୍ରୀଅନ୍ନ ଅଭିଯାନ, ଆମ୍ଭ ରାୟଗଡ଼ର ସୌଜନ୍ୟରେ ଶୁକ୍ରବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁନିଗୁଡ଼ା କୃଷି ଜିଲା ଅଧିକାରୀ ଚିତ୍ତରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଓ କୃଷି ବିଭାଗର ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ନୀଳମାଧବ ହିକ୍କା, ସମ୍ମାନିତ ଅତିଥି ଭାବେ ମୁନିଗୁଡ଼ା ବ୍ଲକ୍ ଅଧ୍ୟକ୍ଷା ଦୁଃଖିନୀ ମୁଦ୍ଦୁକା, କୁମୁଡ଼ାବାଲି ଗ୍ରାମପଞ୍ଚାୟତ ସମିତି ସଭ୍ୟ ଉଦ୍ଧବ ସିକ୍କାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପରେ ମାଣ୍ଡିଆ ମଣ୍ଡିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଚାଷୀଙ୍କୁ ବୁଝାଇବା ସହ ମାଣ୍ଡିଆ ଖାଇଲେ ନୀରୋଗ ରହିବା, ଦେଶ ଉନ୍ନତିରେ ଭାଗୀଦାରି ହେବାର ଆହ୍ୱାନ ଦେଇଥିଲେ। ସମସ୍ତ ସରକାରୀ ଯୋଜନା କିଭଳି ଚାଷୀଙ୍କ ନିକଟରେ ପହଞ୍ଚିପାରିବ ଓ ଏହାର ପ୍ରକୃତ ଲାଭ ହିତାଧିକାରୀ କିପରି ପାଇପାରିବେ ସେ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ମୁନିଗୁଡ଼ା ବ୍ଲକ୍‌ରେ ୮ହଜାର କୁଇଣ୍ଟାଲ ମାଣ୍ଡିଆ ବିହନ ଚାଷୀଙ୍କଠାରୁ କ୍ରୟ କରାଯିବାର ଲକ୍ଷ୍ୟ ଥିବା କୃଷି ଅଧିକାରୀ ସୂଚନା ଦେଇଥିଲେ। ମାଣ୍ଡିଆ କୁଇଣ୍ଟାଲ ପ୍ରତି ସରକାରଙ୍କ ନିର୍ଦ୍ଧାରିତ ୪୫୦୦ ଟଙ୍କାରେ କିଣାଯିବା ଏବଂ ମାଣ୍ଡିଆର ଉପଯୁକ୍ତ ଗୁଣବତ୍ତା(ଏଫ୍‌ଏକ୍ୟୁ) ମାନର ସଫାସୁତରା ମାଣ୍ଡିଆ ଦେବାକୁ ଚାଷୀଙ୍କୁ ଅନୁରୋଧ କରାଯାଇଥିଲା। ଏଥିସହ ମାଣ୍ଡିଆର ଉତ୍ପାଦନ ବୃଦ୍ଧି, ଖାଦ୍ୟ ଗୁଣାବଳୀ ସହ ଉନ୍ନତ ପ୍ରଯୁକ୍ତି ବିଦ୍ୟା ସହ ବୈଜ୍ଞାନିକ ପ୍ରଣାଳୀ ,ଏସ୍ଆର୍ ଆଇ ପଦ୍ଧତିରେ ଚାଷ ଆଦି ବିଷୟରେ ଅଧିକାରୀମାନେ ଆଲୋଚନା କରିଥିଲେ।

### ମୁନିଗୁଡ଼ା ବ୍ଲକ୍‌ରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ କୃଷି ଅଧିକାରୀ କାଳନ୍ଦୀ ପରିଡ଼ା, ପୂର୍ବତନ ସମବାୟ ସମିତି ରାଜ୍ୟ ସଭାପତି ଜଗନ୍ନାଥ ନୁଣ୍ଡୁକା, ଏଫ୍‌ପିଓ ମୁନିଗୁଡ଼ାର ଅଧ୍ୟକ୍ଷ ରାଜୀବ ପୁସିକା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରଭାନୁ ମହାରଣା,କୃଷି ଅଧିଦର୍ଶକ ହିମାଂଶୁ ଭୂଷଣ ମହାନ୍ତି, ପ୍ରକାଶ ଚନ୍ଦ୍ର ବେହେରା, ଏଫ୍‌ପିଓର ବୋର୍ଡ ସଦସ୍ୟ ମଙ୍ଗଳବାରୀ କିଲାକା, ସୁବାସ ପ୍ରାସ୍କା, ଜଗନ୍ନାଥ ପିଡିକାକା, ସୁନାପୁର ବ୍ରେଡେକା, ଅନନ୍ତ ପିଡିକାକା, ହରେକୃଷ୍ଣ ବେହେରା ସହ ସିଆର୍‌ପି ସଦସ୍ୟ ରାମଚନ୍ଦ୍ର ପିଡିକାକା, ଚିତ୍ତରୁ ଗୌଡ଼, ଦିବାକର ପ୍ରାସ୍କା, ଅନିଲ ସିକକା, ଦୁର୍ଲଭ ଟଙ୍ଗା, ଜଗନ୍ନାଥ ପିଡିକାକା ଉପସ୍ଥିତ ଥିଲେ । ମୁନିଗୁଡ଼ା ଏଫ୍‌ପିଓ ନିର୍ଦ୍ଦେଶକ ତଥା ବୋର୍ଡ ସଦସ୍ୟ ହରେକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟାଙ୍ଗଙ୍କ ପାଇଁ ସିଏସ୍ଆର୍ ପାଣ୍ଠିର ୫% ଖର୍ଚ୍ଚ କରିବାକୁ ପରାମର୍ଶ




ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ସହ ଅନ୍ୟ ଅଧିକାରୀ।

**ରାୟଗଡ଼ା,୩୧।୧(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଭିନ୍ନକ୍ଷମ ଅଧିକାର ଅଧିନିୟମ ୨୦୧୬ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତାତି ହରିଚନ୍ଦନ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ସଭା ପରିଚାଳନା କରିଥିଲେ। ଶିବିରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆର୍ଥିକ ଉପଦେଷ୍ଟା ତଥା ଅତିରିକ୍ତ ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ସିଡ଼ିଏମଓ ଡା. ଲାଲମୋହନ ରାଉତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ

### ଭିନ୍ନକ୍ଷମ ଅଧିକାର ଅଧିନିୟମ ୨୦୧୬ ସଚେତନତା ଶିବିର

ଯୋଗଦେଇଥିଲେ । ଏଥିରେ ଜିଲାର ସମସ୍ତ ଭିନ୍ନକ୍ଷମ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶିବିରରେ ବ୍ରତାତି ଭିନ୍ନକ୍ଷମଙ୍କ ଅଧିକାର ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସରକାରୀ ଅଧିକାରୀମାନେ ଭିନ୍ନକ୍ଷମଙ୍କ ସମସ୍ୟାଗୁଡିକ କିଭଳି ତ୍ୱରିତ ଭାବରେ ସମାଧାନ କରିପାରିବେ ସେ ବିଷୟରେ ବୁଝାଇଥିଲେ। ଦିବ୍ୟାଙ୍ଗମାନଙ୍କ ପାଇଁ ସିଏସଆର ପାଣ୍ଠିର ୫% ଖର୍ଚ୍ଚ କରିବାକୁ ଅତିରିକ୍ତ ଜିଲାପାଳ କହଁରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦୁଇ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଇ-ରିକ୍ସା ବଣ୍ଟନ କରାଯାଇଥିଲା ।

# ନାବାଳକଙ୍କୁ ଉଦ୍ଧାରକରି ପରିବାରକୁ ହସ୍ତାନ୍ତର

**ଟିକିରି,୩୧।୧ (ପ୍ରଫୁଲ୍ଲ କୁମାର ବେହେରା)**



ସାପ୍ତାହିକ ହାଟରେ ହଜିଯାଇଥିବା ଜଣେ ୬ ବର୍ଷୀୟ ଶିଶୁଙ୍କୁ ଶୁକ୍ରବାର କାଶୀପୁର ପୋଲି ଉଦ୍ଧାର କରିଛି। ଉକ୍ତ ଶିଶୁଟିକୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ଟିକିରି ଥାନାଧିକାରୀ ବିଶବନ୍ଦିନି ବାଗ ସୂଚନା ଦେଇଛନ୍ତି।

ପୋଲିସ ସୂଚନାନୁଯାୟୀ, ରାୟଗଡ଼ା ଜିଲା କାଶୀପୁର ଥାନା ଅଧୀନ ଡୁମେଲ ଗ୍ରାମର ଦାମ ଗଉଡ଼ ପୁଅ ପିୟୁସଙ୍କୁ ଧରି ଶୁକ୍ରବାର ସକାଳେ ଟିକିରି ସାପ୍ତାହିକ ହାଟକୁ କିଣାକିଣି କରିବାକୁ ଆସିଥିଲେ। ଏହି ସମୟରେ ସେ କେଉଁଆଡ଼େ ଚାଲିଯାଇଥିଲେ। ବହୁତ ଖୋଜାଖଜି କଲାପରେ ମଧ୍ୟ ତାଙ୍କର ପତ୍ତା ନ ମିଳିବାରୁ ଦାମ ଟିକିରି ଥାନାରେ ଜଣାଇଥିଲେ। ଥାନାଧିକାରୀ ବିଶବନ୍ଦିନି ବାଗ ଖୋଜଖୋଜି କରିଥିଲେ। ପିୟୁସ ତୋଟାଗୁଡ଼ା ଛକରେ ଦୌଡ଼ୁଥିବା ଦେଖି ସେଠାରେ ଟିଫିନ୍ ଷ୍ଟଲ କରିଥିବା ଛବିଲାଲ ପୁରୁସେଠୀ ଓ ଗୌରୀ ପୁରୁସେଠୀ ଥାନାଧିକାରୀଙ୍କୁ ଜଣାଇଥିଲେ। ଖବରପାଇ ଥାନାଧିକାରୀ ସେଠାକୁ ଯାଇ ପିୟୁସଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛନ୍ତି।

# ହୋମଗାର୍ଡ ଚାକିରି ନାଁରେ ଦେଢ଼ଲକ୍ଷ ଟଙ୍କା ଠକେଇ

**ରାୟଗଡ଼ା,୩୧।୧(ଆଶିଷ ରଞ୍ଜନ ପଣ୍ଡା)**

ହୋମଗାର୍ଡ ଚାକିରି କରାଇଦେବା ନାଁରେ ଜଣେ ପୋଲିସ ଅଧିକାରୀ ୧ଲକ୍ଷ ୫୦ହଜାର ଟଙ୍କା ନେଇଥିବା ରାୟଗଡ଼ା ଜିଲା ଗୁଡ଼ାରି ସଦର ଥାନା ଅଞ୍ଚଳ ଗୌଡ଼ସାହିର ଅଜିତ କୁମାର ପାଢ଼ୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ଟଙ୍କା ମାଗିଲେ ସୁବିଧା ହେଲେ ଟଙ୍କା ଫେରସ୍ତ କରିବେ ନଚେତ୍ ମିଛ ମାମଲାରେ ଛନ୍ଦି ଗିରଫ କରିବା ପରେ ଥାନାରୁ ଖସି ପଳାଉଥିବା ଦେଖାଇ ଏନକାଉଣ୍ଟର କରିଦେବେ ବୋଲି ଧମକ ଦେଉଥିବା ଅଜିତ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ସେ ଗୁଡ଼ାରି ଥାନା ଓ ପରେ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ଏସ୍‌ପି ସ୍ୱାଥି ଏସ୍.କୁମାରଙ୍କୁ ଭେଟିବାକୁ ରାୟଗଡ଼ା ଆସିଥିଲେ। ଏସ୍‌ପି ଅନୁପସ୍ଥିତ ଥିବାରୁ ଶନିବାର ଆସି ଉପରିସ୍ଥ ଅଧିକାରୀଙ୍କୁ ଭେଟି ଅଭିଯୋଗପତ୍ର ଦେବେ ବୋଲି ଅଜିତ କହିଛନ୍ତି।

### ପୋଲିସ ଅଧିକାରୀଙ୍କ ନାଁରେ ଅଭିଯୋଗ ଆଣିଲେ ଯୁବକ

ଅଜିତ୍‌ଙ୍କ ଅଭିଯୋଗ ଅନୁଯାୟୀ, ୨୦୨୧ରେ ଗୁଡ଼ାରି ଥାନାର ତତ୍କାଳୀନ ଜଣେ ଅଧିକାରୀ ପୋଲିସ ବିଭାଗରେ ହୋମଗାର୍ଡ ଚାକିରି କରାଇଦେବେ ବୋଲି କହି ଅଜିତଙ୍କଠାରୁ ୧ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ। ୨୦୨୧ ମାର୍ଚ୍ଚ ୨୨ରେ ୫୦ହଜାର ଟଙ୍କା ଏବଂ ୨୭ ତାରିଖରେ ୫୦ ହଜାର ଟଙ୍କା ଅଜିତ୍ ଅନ୍‌ଲାଇନ ମାଧ୍ୟମରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ଏଥିସହ ଉଧାର ଆକାରରେ ନଗଦ ୫୦ ହଜାର ଟଙ୍କା ମଧ୍ୟ ଦେଇଥିଲେ। ଉଧାର ନେଇଥିବା ଟଙ୍କା ୧ ମାସ ମଧ୍ୟରେ ଫେରାଇ ଦେବେ କହି ଆଉ ଟଙ୍କା ଫେରାଇ ନ ଥିଲେ। ଟଙ୍କା ନେବାର କିଛି ମାସ ପରେ ସମ୍ପୃକ୍ତ ଅଧିକାରୀଙ୍କର ରାୟଗଡ଼ା ଜିଲାର ଅନ୍ୟ ଥାନାକୁ ବଦଳି ହୋଇଯାଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ପଚାରିବାରୁ ତାଙ୍କର ଆର୍ଥିକ ସ୍ଥିତି ଖରାପ ଥିବାରୁ ଅଜିତଙ୍କଠାରୁ ସେ ୧ଲକ୍ଷ ଟଙ୍କା ଉଧାର ଆକାରରେ ନେଇଥିଲେ । ହେଲେ ପରବର୍ତ୍ତି ସମୟରେ ଦରମା ପାଇବା କ୍ଷଣି ମାସିକ କିଛି କିଛି କରି କିସ୍ତି ଆକାରରେ ପ୍ରାୟ ୬୦ ହଜାର ଟଙ୍କା ଫେରାଇ ଦେଇଥିଲେ । ବଳକା ଟଙ୍କା ମଧ୍ୟ ଫେରାଇ ଦେବା ନେଇ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି । ତେବେ ଅଜିତ୍ ତାଙ୍କୁ ଧାର ଦେବା ସମୟରେ ସୁଧ ବିଷୟରେ ତାଙ୍କୁ କିଛି କହି ନ ଥିଲେ। ଅଜିତଙ୍କୁ ସେ କିସ୍ତି ଆକାରରେ ଦେଇଥିବା ଟଙ୍କାକୁ ସୁଧ ଏବଂ ମୂଳଧନ ସହିତ ବଳକା ସୁଧ ଫେରାଇବାକୁ ଅଜିତ କହୁଥିବା ସମ୍ପୃକ୍ତ ପୋଲିସ ଅଧିକାରୀ କହିଛନ୍ତି । ଏ ସମ୍ପର୍କରେ ଗୁଡାରି ଥାନା ଆଇଆଇସି ସମର୍ପିତା ସ୍ୱାଇଁଙ୍କୁ ପଚାରିବାରୁ ଏଭଳି କୌଣସି ଅଭିଯୋଗ ଥାନାରେ ହୋଇ ନ ଥିବା ସେ କହିଛନ୍ତି ।

# ରାଇବିଜି କନ୍ୟାଶ୍ରମର ବାର୍ଷିକ ଉତ୍ସବ



ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ଚନ୍ଦ୍ରପୁର, ୩୧।୧ (ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ହନୁମନ୍ତପୁର ପଞ୍ଚାୟତ ଅଧୀନ ରାଇବିଜି ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମେ ଛାତ୍ରୀଛାତ୍ର ଅତିଥିଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗାମ ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାକ୍ତନ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ ସଭାପତି ଭାବେ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ସମ୍ୟକାନ୍ତ ବଙ୍ଗଲୋ, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିସ ଶ୍ୟାମଘନ ଭୂୟାଁ, ଜିଲା ପରିଷଦ ସଭ୍ୟ ସୁଜିତ୍ ବ୍ରେଡେକା, ଗୁଣପୁର ଏଡବ୍ଲ୍ୟୁଓ ପ୍ରଦୀପ କୁମାର ଦଳେଇ, ରଞ୍ଜିତ କୁମାର ପ୍ରଧାନ, ସ୍କୁଲ ସଭାପତି ଲୋକପତି ଗୋଗେରେଙ୍ଗା ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ, ରାଜୁ ପଲ, ପ୍ରଦୀପ ଚୌଧୁରୀ, ଶିକ୍ଷୟିତ୍ରୀ ଉର୍ମିଳା ପିପୋଲି, ଚନ୍ଦ୍ରପୁର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ତରଫରୁ ପ୍ରାକ୍ତନ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ ମଲ୍ଲିକଙ୍କ ଶିକ୍ଷକ ପ୍ରଦୀପ ଚୌଧୁରୀ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଶେଷରେ ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଷମକଟକରେ ସୁପରଫାଷ୍ଟ ଏକ୍ସପ୍ରେସ୍ ରହଣି ଦାବି

**ବିଷମକଟକ,୩୧।୧(ପ୍ରସନ୍ନ କୁମାର ପଣ୍ଡା)**

ରାୟଗଡ଼ା ଜିଲା ବିଷମକଟକ ଷ୍ଟେସନକୁ ଆସିଥିବା ରେଳ ଅଧିକାରୀଙ୍କୁ ଶୁକ୍ରବାର ବିଷମକଟକ ନାଗରିକ ମଞ୍ଚ ସଦସ୍ୟମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଷମକଟକ ଷ୍ଟେସନରେ ଏକ୍ସପ୍ରେସ୍ ରହଣି, ଗୁଣପୁର- ଥେରୁବାଲି ରେଳ ପ୍ରକଳ୍ପ ଲାଇନ ବିଷମକଟକ ସହରକୁ ସଂଯୋଗ କରିବାକୁ ଦାବି ଜଣାଇଥିଲେ। ସ୍ମାରକପତ୍ର ପ୍ରଦାନବେଳେ ନାଗରିକ ମଞ୍ଚ

### ରେଳ ଅଧିକାରୀଙ୍କୁ ବିଷମକଟକ ନାଗରିକ ମଞ୍ଚର ସ୍ମାରକପତ୍ର

ସଭାପତି ଗୋପାଳ କୃଷ୍ଣ ପଟ୍ଟନାୟକ, କୁନା ମହାରଣା ଚାଟିକଣା ଗ୍ରାମର ବଡ ଗୌଡ଼ ,ଗଙ୍ଗା କୁଷୁଲିଆ, ଅଜୟ ଦାସ, ଉଦୟ ସାହୁକାର,ଚତୁର୍ଭୁଜ ଟାକ୍ରିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଦୁର୍ଘଟଣା ରୋକିବାକୁ ସଚେତନତା ଆବଶ୍ୟକ

### ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

**ରାୟଗଡ଼ା,୩୧।୧(ଆଶିଷ ରଞ୍ଜନ ପଣ୍ଡା)**



କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

ଜିଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ମାସ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଅପରାହ୍ନ ୪ଟାରେ ସ୍ଥାନୀୟ ଅଶୋକ ମଣ୍ଡପଠାରୁ କଲେଜ ଛାତ୍ରୀଛାତ୍ର, ଏନସିସି କ୍ୟାଡେଟ ଓ ଡ୍ରାଇଭରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିଅମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟାୱରି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବିଶ୍ୱରେ ସବୁଠୁ ଅଧିକ ଦୁର୍ଘଟଣା ଭାରତରେ ଘଟୁଛି। ଏହା ରୋକିବା ପାଇଁ ସଚେତନତାର ଆବଶ୍ୟକତା ରହିଛି। ଦ୍ରୁତଗତି ଗାଡି ଚାଳନା ଓ ଅସାବଧାନତା କାରଣରୁ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ସବୁବେଳେ ଦୁର୍ଘଟଣା ଘଟୁଛି। ଏହାବ୍ୟତୀତ ମାନସିକ ସ୍ଥିତି ସ୍ଥିର ନ କରି ଗାଡ଼ି ଚଳାଇଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି । ତେଣୁ ସ୍ଥିର ମନରେ ଗାଡ଼ି ଚଳାଇବା ଆବଶ୍ୟକ ବୋଲି ଜିଲାପାଳ ପାରୁଲ କହିଛନ୍ତି। ଏଥିରେ ଏସ୍‌ପି ସ୍ୱାଥି ଏସ.କୁମାର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଡ଼କ ସୁରକ୍ଷା ହେଉଛି ପରିବାରର ସୁରକ୍ଷା । ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ କିମ୍ବା ଆହତ ହେଲେ ସମଗ୍ର ପରିବାର ଉପରେ ପ୍ରଭାବ ପଡ଼େ । ତେଣୁ ଗାଡ଼ି ଚଳାଇବା ବେଳେ ହେଲମେଟ୍ ପିନ୍ଧିବା, ସିଟ ବେଲ୍ଟ ବାନ୍ଧିବା ସହିତ ମଦ୍ୟପାନ ନ କରିବା ଏବଂ ମୋବାଇଲ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ । ନଚେତ ଯଦି ଯାଞ୍ଚ ବେଳେ ଧରାପଡ଼ିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଏସ୍‌ପି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀଙ୍କ ନେତୃତ୍ୱରେ ଏମ୍‌ଭିଆଇ ରାଜଶେଖର ବେହେରା ଓ ଅନ୍ୟମାନେ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସଂଗ୍ରାମୀଙ୍କ ପାଇଁ ନୀରବ ପ୍ରାର୍ଥନା

**ଗୁଣପୁର,୩୧।୧(ପ୍ରଦୀପ କୁମାର ପାଢ଼ୀ)**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଗୁରୁବାର ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଦେଶର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାପୁରୁଷ ଓ ମହୀୟସୀମାନେ ନିଜ ଜୀବନକୁ ଆତ୍ମ ବଳିଦାନ ଦେଇଛନ୍ତି ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଗୁଣପୁର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକଙ୍କ ଆହ୍ୱାନରେ ବରିଷ୍ଠ ରାଜସ୍ୱ ସହାୟକ ଅଜୟ ନାହାକ, ଗଣି ମାଳୀ, ରାଧାକୃଷ୍ଣ ସେଠୀ, ମନୋଜ ପାତ୍ର, ସୁଶାନ୍ତ ଦାସ, ହରି ମିଶାଲ, ସଦମିତା ଗମାଙ୍ଗ, କନିଷ୍ଠ ରାଜସ୍ୱ ସହାୟକ ନନ୍ଦିତା ଶବର, ରାଜେଶ ସାହୁ, ବିନୋଦ ଶବର, ଅଜୟ ଶବର, ତପନ ରଥ, ବିକ୍ରମ ସାହୁ, ଯସ୍ମିନ ଭୂୟାଁ, କବିରାଜ, ଅନନ୍ତ ବିଡିକା, ପ୍ରସନ୍ନ ପଣ୍ଡା ପ୍ରମୁଖ ଯୋଗଦାନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଅନନ୍ତ ପାତ୍ର ପରିଚାଳନା କରିଥିଲେ ।

# ସ୍କୁଟିରୁ ପଡ଼ି ଡାକ୍ତରଙ୍କ ମୃତ୍ୟୁ

**ରାୟଗଡ଼ା,୩୧।୧(ଆଶିଷ ରଞ୍ଜନ ପଣ୍ଡା)**



ସ୍କୁଟିରୁ ପଡ଼ିଯିବାରୁ ରାୟଗଡ଼ା ଜିଲାର ଜଣାଶୁଣା ଚିକିତ୍ସକ ଡ. ୱାଇ.ଆର୍. ରାଓ(୭୨)ଙ୍କ ଶୁକ୍ରବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ଡ. ରାଓ ସ୍କୁଟି ଯୋଗେ ନିଜ ଘରକୁ ଫେରୁଥିବାବେଳେ କାମ୍ପସାହିରେ ହଠାତ୍ ସ୍କୁଟିରୁ ତଳେ ପଡ଼ିଯାଇଥିଲେ। ସାହିର ଲୋକମାନେ ତାଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମେନ୍‌ରୋଡ୍‌ସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା। ସେଠାରେ ଶତାଧିକ ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ରାଓ ଗରିବଙ୍କ ଡାକ୍ତର ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଡାକ୍ତର ରାଓଙ୍କ ମୃତ୍ୟୁରେ ସମଗ୍ର ଜିଲାରେ ଶୋକର ଛାୟା ଖେଳିଯାଇଛି।

# ଡମ୍ବସରା ଯୁକ୍ତ ୨ କଲେଜର ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**ଗୁଣପୁର, ୩୧।୧(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର ବ୍ଲକ୍ ଡମ୍ବସରା ଯୁକ୍ତ ୨ ମହାବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପୂର୍ବତନ ସଭାପତି ବାସୁଦେବ ସାହୁକାର, ମୁଖ୍ୟବକ୍ତା ରୂପେ ପ୍ରକାଶ ଚନ୍ଦ୍ର ନାହକ, ସମ୍ମାନିତ ଅତିଥି ରୂପେ ଡ. କୃଷଚନ୍ଦ୍ର ପଣ୍ଡା, ସନ୍ନ୍ୟାସୀ ଶବର, ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ୩ ଦିନ ଧରି ଚାଲିଥିବା ଏହି ସମାରୋହରେ ଅଧ୍ୟକ୍ଷ ବିଦ୍ୟାଧର ନାହକ ଅଧ୍ୟକ୍ଷତା କରିଥିବା ବେଳେ ଆବାହକ ଡ. ପ୍ରଶାନ୍ତ ହୋତା ମଞ୍ଚ ପରିଚାଳନା କରିଥିଲେ। ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ଉଭୟ ଅଭିଭାବକ ଓ ଅନୁଷ୍ଠାନର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏକ ଶୃଙ୍ଖଳିତ ବ୍ୟକ୍ତି ହିଁ ଏକ ଶୃଙ୍ଖଳିତ ରାଷ୍ଟ୍ର ଗଠନରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଦିବଂଗତ ପୁରାତନ ସଦସ୍ୟ, କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଂଯୋଜକ ଜେନାଙ୍କୁ ଶିକ୍ଷା ଗୌରବ, ଅଧ୍ୟକ୍ଷଙ୍କୁ ଶିକ୍ଷା ସାରଥୀ, ସନ୍ତୋଷ ହୋତାଙ୍କୁ ଶିକ୍ଷା ଗୌରବ ଏବଂ ଅନ୍ୟାନ୍ୟ କର୍ମଚାରୀ ଦେବରାଜ ସେନାପତି, ମନୋଜ ଶବର, ରମାକାନ୍ତ ଜଟିଆ, ଜଗମୋହନ ବେହେରା, ସୁଶାନ୍ତ ଅଧିକାରୀ ଓ ଧବଳ ବାଇନଙ୍କୁ କର୍ମ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷଶାୟୀ ସେନାପତିଙ୍କ କବିତା ପାଠ 'ରଜତ ଜୟନ୍ତୀ' ସମସ୍ତଙ୍କୁ ବିମୋହିତ କରିଥିଲା। ଭାସ୍କର ସାମନ୍ତରା, ସହଦେବ ମଲ୍ଲିଫୁଲ ଓ ରାମପ୍ରସାଦ ରାଓଙ୍କ ତତ୍ତ୍ୱାବଧାନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନର ଶିକ୍ଷାର୍ଥୀଙ୍କ ଦଳଗତ ନୃତ୍ୟ ସାଙ୍ଗକୁ ଭୁବନେଶ୍ୱର, ବ୍ରହ୍ମପୁର, ଗୁଣପୁର ଓ ସୁନାବେଡ଼ା କଳାକାରଙ୍କ ସଙ୍ଗୀତ ପରିବେଷଣରେ ସମସ୍ତେ ଝୁମିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଗାଁକୁ ଗଲାନି ଆମ୍ବୁଲାନ୍ସ, ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ

**ମୁନିଗୁଡ଼ା/ଅମ୍ବାଦଳା,୩୧/୧ (ନନ୍ଦ କିଶୋର ପଟ୍ଟନାୟକ/ ରବୀନ୍ଦ୍ର ପଣ୍ଡା)**



ଆମ୍ବୁଲାନ୍ସ କର୍ମଚାରୀ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହିକି ନେଉଛନ୍ତି।

ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରେ ପୁଣି ଥରେ ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ରାସ୍ତା ଅଭାବରୁ ଗ୍ରାମରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଜଣେ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହିକି ଅମ୍ବାଦଳା ଡାକ୍ତରଖାନା ନିଆଯାଉଥିବାବେଳେ ଅଧବାଟରେ ମହିଳା ଜଣକ ଏକ ଶିଶୁକନ୍ୟା ପ୍ରସବ କରିଛନ୍ତି। ଏବେ ମା' ଓ ଶିଶୁ ସୁସ୍ଥ ଥିବା ଜଣାପଡିଛି।

ସୂଚନା ଯୋଗ୍ୟ, ମୁନିଗୁଡ଼ା ବ୍ଲକ ଇଚ୍ଛାପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କେ.ଦୋରାଗୁଡା ଗ୍ରାମର ବାଣୁଆ ମାଝୀଙ୍କ ସ୍ତ୍ରୀ ଲିଲି ମାଝୀଙ୍କୁ ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଗାଁକୁ ଭଲ ରାସ୍ତା ନ ଥିବାରୁ ଅଧବାଟରେ ଆମ୍ବୁଲାନ୍ସ ଅଟକି ରହିଥିଲା। ହେଲେ ଆମ୍ବୁଲାନ୍ସ କର୍ମଚାରୀ ମନୋରଞ୍ଜନ କର, ପ୍ରକାଶ ପିଡିକାକା ଓ ସନ୍ଦୀପ ପୂଜାରୀ ମାନବିକତା ଦେଖାଇ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ପ୍ରାୟ ୨ କି.ମି ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ଗର୍ଭବତୀଙ୍କୁ ଆମ୍ବାଦଳା ଡାକ୍ତରଖାନା ନିଆଯାଉଥିବାବେଳେ ଅଧବାଟରେ ମହିଳା ଜଣକ ଏକ ଶିଶୁକନ୍ୟା ପ୍ରସବ କରିଥିଲେ। ଗର୍ଭବତୀଙ୍କ ସ୍ୱାମୀ ଓ ପରିବାର ଲୋକେ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ତେବେ ଏହି ଅଞ୍ଚଳରେ ଭାର ବା ଷ୍ଟ୍ରେଚରରେ ରୋଗୀ ବୁହାହେବା କିଛି ନୂଆ ନୁହେଁ । ପୂର୍ବରୁ ବହୁ ରୋଗୀ ଓ ଗର୍ଭବତୀ ଭାରରେ ବୁହା ହୋଇ କିମ୍ବା ଦୀର୍ଘ କିଲୋମିଟର ଚାଲି ଚାଲି ଆସି ମେଡିକାଲରେ ପହଞ୍ଚିଥାନ୍ତି ତ କିଏ ଆମ୍ବୁଲାନ୍ସ ପହଞ୍ଚିବା ଆଗରୁ ମୃତ୍ୟୁକୁ ଆଦରି ନିଅନ୍ତି। ଆଉ କିଏ ଅଧା ବାଟରେ ପ୍ରସବ କରିଥାନ୍ତି। ଭଲ ରାସ୍ତା ନ ଥିବାରୁ ବିଭିନ୍ନ ସମୟରେ ବହୁ ରୋଗୀ ଓ ଗର୍ଭବତୀ ଏଭଳି ଅସୁବିଧାରେ ପଡୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଯୁଦ୍ଧକାଳୀନ ଭିତ୍ତିରେ ଏହି ଉପାନ୍ତ ଅଞ୍ଚଳ ଗାଁ ମାନକୁ ପକ୍କା ରାସ୍ତା ନିର୍ମାଣ ବ୍ୟବସ୍ଥା କାରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବକ୍ତୃତା କାର୍ଯ୍ୟକ୍ରମ

କୋରାପୁଟ,୩୧।୧(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ 'ଉଦ୍ୟୋଗ ଓ ନିଯୁକ୍ତି: ଅର୍ଥନୀତି ଅଧ୍ୟୟନରେ କ୍ୟାରିୟର ସମ୍ଭାବନା' ଶୀର୍ଷକ ନେଇ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ମୃତ୍ୟୁଞ୍ଜୟ ସ୍ୱାଇଁ, ସିୟୁଓର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଓ ଅର୍ଥନୀତି ବିଭାଗର ମୁଖ୍ୟ ଡ. ମିନତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆବଶ୍ୟକ ବିଭିନ୍ନ ପ୍ରକାରର ଉଦ୍ୟୋଗ କ୍ଷେତ୍ର ଏବଂ ନିଯୁକ୍ତି ଦକ୍ଷତା ଉପରେ ପ୍ରଫେସର ସ୍ୱାଇଁ ଆଲୋକପାତ କରିଥିଲେ। ପ୍ରମୁଖ ନିଯୁକ୍ତି କ୍ଷେତ୍ର ଉପରେ ସେ ଆଲୋଚନା କରି ଦୃଢ଼ ଇଚ୍ଛାଶକ୍ତି ଓ ସଫଳତା ଦିଗରେ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଡ. ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଅବ୍ୟବସ୍ଥାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ

■ ସମସ୍ୟା ସୁଧାରିବାକୁ ଆଗ୍ରହ ଦେଖାଉନି ଜିଲା ଶିକ୍ଷା ବିଭାଗ

■ ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ, ଲାଗି ରହିଛି ପାଣି ସମସ୍ୟା

ପଟାଙ୍ଗି,୩୧।୧(ଶରତ କୁମାର ଧଳ)



ଶିକ୍ଷାର ବିକାଶକୁ ନେଇ ରାଜ୍ୟ ସରକାର ପ୍ରକଳ୍ପ ପରେ ପ୍ରକଳ୍ପ କରୁଛନ୍ତି। କିନ୍ତୁ ଏହା କିପରି କାର୍ଯ୍ୟକାରୀ ହେବ, ଏଥିପାଇଁ ଦାୟିତ୍ୱରେ ଥିବା ଜିଲାସ୍ତରୀୟ ଅଧିକାରୀମାନେ ଆଗ୍ରହ ଦେଖାଉନାହାନ୍ତି। ଫଳରେ ସରକାରଙ୍କ ଲକ୍ଷ୍ୟ ଦିଗହରା ହେବା ସହ ପ୍ରସ୍ତୁତ ପ୍ରକଳ୍ପ ଅର୍ଥ ଆତ୍ମସାତ୍ ହେଉଛି। ଏହିପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି କୋରାପୁଟ ଜିଲା ତଥା ପଡ଼ୋଶୀ ଆନ୍ଧ୍ର ରାଜ୍ୟକୁ ଲାଗିଥିବା ପଟାଙ୍ଗି ବ୍ଲକ ଶିକ୍ଷା ବିଭାଗ କ୍ଷେତ୍ରରେ। ସୂଚନା ମୁତାବକ ସିବିଏସ୍ଇ ଢାଞ୍ଚାରେ ଗ୍ରାମାଞ୍ଚଳରେ ବାସ କରୁଥିବା ଛାତ୍ରୀଛାତ୍ର କିପରି ପାଠ ପଢ଼ିବେ ଏହାକୁ ଦୃଷ୍ଟିରେ ରଖି ପ୍ରତି ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲା ହେଲା। କିନ୍ତୁ ଉକ୍ତ ବିଦ୍ୟାଳୟ ଖୋଲା ହୋଇଛି ସତ, କେଉଁଠି ତ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି, ଆଉ କେଉଁଠି ଶିକ୍ଷୟିତ୍ରୀ ଶିକ୍ଷକ ଥିଲେ ମଧ୍ୟ ବିଦ୍ୟାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା ଠିକ୍ ନାହିଁ। ଯେପରି କି ପଟାଙ୍ଗି ବ୍ଲକରେ ଉକ୍ତ ବିଦ୍ୟାଳୟ ଥିବା ବେଳେ ନିୟମିତ ପାନୀୟଜଳର ଅବ୍ୟବସ୍ଥା ଲାଗି ରହିଛି। ସେହିପରି ଛାତ୍ରୀ ନିବାସ ନିମନ୍ତେ ନୂତନ ଗୃହ ବା ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ଦୀର୍ଘ ଦେଢ଼ ବର୍ଷ ହେଲା ସରିଥିଲେ ମଧ୍ୟ ବିଦ୍ୟୁତ୍ ବ୍ୟବସ୍ଥା ହୋଇ ନ ଥିବାରୁ ସେଠାରେ ମଧ୍ୟ ପାନୀୟଜଳ ସୁବିଧା ହୋଇ ପାରୁନାହିଁ। ଫଳରେ ଉକ୍ତ ବିଦ୍ୟାଳୟ ଛାତ୍ରୀମାନେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ରହି ସବୁଦିନ ପ୍ରାୟ ଦେଢ଼ କି.ମି. ଯିବାଆସିବା କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ପାନୀୟଜଳ ଏବଂ ବିଦ୍ୟୁତ୍ ସେବା ନ ଥିବାରୁ ଅନେକ ଅଭିଭାବକ ନିଜ ପିଲାମାନଙ୍କୁ ନେଇ ଅନ୍ୟ ବିଦ୍ୟାଳୟରେ ନାମ ଲେଖାଉ ଥିବାବେଳେ ଆଉ କେତେକ ଅଭିଭାବକ ହଷ୍ଟେଲ ବ୍ୟବସ୍ଥା ନ ଥିବାରୁ ପିଲାଙ୍କ ନାମ ଲେଖାଇବାକୁ ଇଚ୍ଛା କରୁନାହାନ୍ତି। ସେପଟେ ଦୀର୍ଘ ବର୍ଷ ଧରି ଅଧ୍ୟକ୍ଷ ପଦବୀ ଖାଲି ପଡିଥିବା ବେଳେ ଜଣେ ଶିକ୍ଷୟିତ୍ରୀଙ୍କୁ ପ୍ରିନ୍ସପାଲ ଦାୟିତ୍ୱରେ ଦିଆଯାଇଛି। ଶିକ୍ଷୟିତ୍ରୀ ଜଣକ ମଧ୍ୟ ନିଜର ପାଠ ପଢ଼ାଇବା ତ ଦୂରର କଥା, ବିଦ୍ୟାଳୟର ଅବ୍ୟବସ୍ଥା ସୁଧାରିବା ଏବଂ ଟ୍ରେନିଂ, ବୈଠକ ଆଳରେ ଅନେକ ସମୟ ଅନୁପସ୍ଥିତ ରହୁଥିବା ସହ ବିଳମ୍ବରେ ବିଦ୍ୟାଳୟରେ ପହଞ୍ଚୁଥିବା ଦେଖିବାକୁ ମିଳୁଛି। ଏପରି ଅବ୍ୟବସ୍ଥାକୁ ନେଇ ପ୍ରିନ୍ସିପାଲ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଗାୟତ୍ରୀ ମଲ୍ଲିକ୍ଙ୍କୁ ପଚାରିବାରୁ ବିଦ୍ୟାଳୟରେ ଥିବା ସମସ୍ୟା ପାଇଁ ସେ ଅନେକ ଚେଷ୍ଟିତ। ଏହାକୁ ନେଇ ଅନେକଥର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛନ୍ତି ବୋଲି କହି ଦୋଷ ଖସାଇଦେଇଥିଲେ। ସେପଟେ ପାନୀୟଜଳ ଅବ୍ୟବସ୍ଥାଠାରୁ ଆରମ୍ଭକରି ରହିଥିବା ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ ଜିଲାପାଳଙ୍କଠାରୁ ଆରମ୍ଭକରି ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ କେହି କିଛି କରୁନାହାନ୍ତି। ସେଥିପାଇଁ ସେ କ'ଣ କରିପାରିବେ ବୋଲି କହିଥିଲେ। ବିଦ୍ୟାଳୟରେ ପାନୀୟଜଳ ସୁବିଧା ନ ଥିଲେ ସେ କ'ଣ ଯାଇ ଗାତ ଖୋଳିବେ କି ବୋଲି ଓଲଟା ପ୍ରଶ୍ନ କରିଥିଲେ ।

## ଷ୍ଟଲ୍ ମାଲିକଙ୍କ ଉପରେ ପ୍ରଶାସନର ଚଢ଼ାଉ




ପ୍ରଶାସନ ପକ୍ଷରୁ ଦୋକାନ ଘର ଶିଲ୍ କରାଯାଉଛି ।

ଜୟପୁର, ୩୧।୧(ପବନ ପାଣିଗ୍ରାହୀ)

ଜୟପୁର ଦେବୋତ୍ତର ବିଭାଗ ପକ୍ଷରୁ ଭଡ଼ାରେ ଦିଆଯାଇଥିବା ଷ୍ଟଲ୍ ଉପରେ ପ୍ରଶାସନ ଚଢ଼ାଉ କରିଛି। ବ୍ୟବସାୟୀମାନେ ବର୍ଷ ବର୍ଷ ଧରି ଭଡ଼ା ପୈଠକରୁ ନ ଥିବା ବେଳେ ବାରମ୍ବାର ନୋଟିସ ସତ୍ତ୍ୱେ ଏଥିପ୍ରତି ଧ୍ୟାନ ଦେଉ ନ ଥିଲେ। ବାଙ୍କମଠ, ଗୁପ୍ତେଶ୍ୱର କମ୍ପ୍ଲେକ୍ସରେ ବକେୟା ଥିବା ଦୋକାନୀଙ୍କ ଉପରେ ଚଢ଼ାଉ କରାଯାଇଛି। ଏଥିରେ ଜୟପୁର ତହସିଲଦାର ତଥା ଦେବୋତ୍ତର ଅଧିକାରୀ ସବ୍ୟସାଚୀ ଜେନା, ଆସିଷ୍ଟାଣ୍ଟ କଲେକ୍ଟର ବାଲାଜୀ ପ୍ରସାଦ ବ୍ରହ୍ମା, ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ, ଦେବୋତ୍ତର ଅଧିକାରୀ କୃଷ୍ଣଚନ୍ଦ୍ର ଦାସ, ତାରଣୀ ପ୍ରସାଦ ଦାସ ଓ ଶୁଭମ ମିଶ୍ର ପ୍ରମୁଖ ସାମିଲ ରହିଥିଲେ। ବକେୟା ଥିବା ପ୍ରଥମ ପର୍ଯ୍ୟାୟରେ ୧୯ଜଣଙ୍କୁ ନୋଟିସ କରାଯାଇଥିଲା। ୧୯ ଷ୍ଟଲ ମାଲିକଙ୍କର ୧୬ ଲକ୍ଷ ୬୩ ହଜାର ୭୫୧ ଟଙ୍କା ବକେୟା ଥିଲା। ୧୪ ଲକ୍ଷ ୭୩ ହଜାର ୨୩୫ ଟଙ୍କା ଆଦାୟକରି ୩ ଷ୍ଟଲକୁ ବିଭାଗ ସିଲ୍ କରିଛି।

## ସୁପର ସ୍ପୁନ୍ ଉଦ୍ଭାବନକଲେ ଯୁବ ଇଞ୍ଜିନିୟର

ଜୟପୁର,୩୧।୧(ପବନ ପାଣିଗ୍ରାହୀ)

**ଶରୀରରେ ଚିନି, ଲୁଣ ଅଧିକ ହେଲେ ବାଜିବ ଆଲାମ**



କୋରାପୁଟ ଜିଲା ଜୟପୁରର ଯୁବ ଇଞ୍ଜିନିୟର ଶିଶିର ମଲ୍ଲିକ ସେନ୍ସର ଟେକ୍ନୋଲୋଜି ବିଶିଷ୍ଟ ଏକ ସୁପରସ୍ପୁନ୍ ଉଦ୍ଭାବନ କରିଛନ୍ତି। ଶରୀରରେ ମିଠା ଓ ଲୁଣି ଖାଦ୍ୟର ପରିମାଣ ବଢ଼ିଲେ ଏହି ସେନ୍ସର ସ୍ପୁନ୍ର ଆଲାମ ବାଜିଥାଏ। ଏହା ଏକ ନୂତନ ଟେକ୍ନୋଲୋଜି ଯାହା ୧୮ ମାସର ବିଭିନ୍ନ ଗବେଷଣା, ଅନେକ ସମସ୍ୟା ଏବଂ ପରୀକ୍ଷା ନିରୀକ୍ଷା ପରେ ସଫଳ ହୋଇଛି। ଭବିଷ୍ୟତରେ ଏହା ଲୋକଙ୍କ ଉପକାରରେ ଆସିବ ବୋଲି ଜଣାପଡ଼ିଛି। ସୁପରସ୍ପୁନ୍ ୫ ଭୋଲ୍ଟ ବ୍ୟାଟେରି ଦ୍ୱାରା ଶକ୍ତି ପ୍ରଦାନ କରାଯାଉଥିବା ବେଳେ ଏହାକୁ ଅଟୋମେଟିକ୍ ପଦ୍ଧତିରେ ବ୍ୟବହାର କରାଯାଏ। ଏହାର ବ୍ୟବହାର ବନ୍ଦ କରିବା ପରେ ଏହା ପୁନଃ ନିଜ ଅବସ୍ଥାକୁ ଫେରିଆସେ। ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇଥିବା ବେଳେ ମୋବାଇଲ ଚାର୍ଜରରେ ମଧ୍ୟ ଚାର୍ଜ କରିହୁଏ। ବର୍ତ୍ତମାନ ଯୁଗରେ ରୋଗର ପରିମାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଷାକ୍ତ ଖାଦ୍ୟ, ଦୂଷିତ ପାନୀୟ ଯୋଗୁ ବିଭିନ୍ନ ମାରାତ୍ମକ ରୋଗ ଡାଇବେଟିସ୍, କିଡ୍ନୀ ରୋଗ, ହାର୍ଟ ଆଟାକ୍ ଓ କ୍ୟାନ୍ସର ଦିନକୁ ଦିନ ବଢୁଛି। ଏହି ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଅନେକ ମାତ୍ରାରେ କେମିକାଲ ମୁକ୍ତ ହୋଇପାରିବେ ବୋଲି ଶିଶିର କହିଛନ୍ତି। ଚିନି ଓ ଲୁଣର ମାତ୍ରା ଅଧିକ ହେଲେ ସ୍ପୁନ୍ରୁ ଆଲାମ ବାଜିବା ଦ୍ୱାରା ଅତି ସହଜରେ ଖାଦ୍ୟର କ୍ୟାଲୋରି ଜାଣିହୁଏ। କେମିକାଲଯୁକ୍ତ ଖାଦ୍ୟରୁ ନିଜକୁ ନିବୃତ୍ତ କରିବା ଓ ଏକ ସୁସ୍ଥ ଜୀବନ ଅତିବାହିତ କରିବାପାରିବା ବୋଲି ଯୁବ ଇଞ୍ଜିନିୟର ଶିଶିର ଦାବି କରିଛନ୍ତି।

## 'ଖଣିରୁ ମାଟି ନେବା ଯୋଜନା କରୁଥିବା ଆନ୍ଧ୍ର କମ୍ପାନୀକୁ ବିରୋଧ କରିବ କଂଗ୍ରେସ'

କୋରାପୁଟ,୩୧।୧(ଅମିତାଭ ବେହେରା)



ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି ।

ଲକ୍ଷ୍ମୀପୁରର କୋଡିଙ୍ଗାମାଳୀ ଖଣିରୁ ଆନ୍ଧ୍ରର ପାୟୋନିଅର କମ୍ପାନୀ ମାଟି ନେବାକୁ କରୁଥିବା ଯୋଜନାକୁ ତୀବ୍ର ବିରୋଧ କରାଯିବ ବୋଲି କଂଗ୍ରେସର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କୋରାପୁଟରେ ଆୟୋଜିତ ଏକ ବିରୋଧ ଶୋଭାଯାତ୍ରାରେ ଶୁକ୍ରବାର କହିଛନ୍ତି। ପାୟୋନିଅର କମ୍ପାନୀ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଗଲେ ସ୍ଥାନୀୟ ଗ୍ରାମବାସୀ ନିଜର ରକ୍ତ ଦେବାକୁ ପଛାଇବେ ନାହିଁ ବୋଲି ବାହିନୀପତି ପ୍ରକାଶ କରିଛନ୍ତି। ପୂର୍ବରୁ କୋଡିଙ୍ଗାମାଳୀ ଖଣି ଅଞ୍ଚଳରେ ଆଦିତ୍ୟ ଆଲୁମିନା ପକ୍ଷରୁ ସ୍ମେଲଟର ପ୍ଲାଣ୍ଟ ହେବାକୁ ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଏମ୍ଓୟୁ କରାଯାଇଥିଲା। ପରେ ମଧ୍ୟ ରାଜ୍ୟ ବିଜେଡି ସରକାରଙ୍କ ପକ୍ଷରୁ ଏକ ବର୍ଷ ତଳେ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା। ଏହା ସତ୍ତ୍ୱେ ଏବେ ଯାଏ କୌଣସି କାର୍ଯ୍ୟର ଅଗ୍ରଗତି ହୋଇପାରି ନାହିଁ। ବର୍ତ୍ତମାନ ଓଏମ୍ସି ପକ୍ଷରୁ କିପରି ଆନ୍ଧ୍ରର ପୟୋନିଅର କମ୍ପାନୀକୁ ଖଣିରୁ ମାଟି ଉତ୍ତୋଳନ ପାଇଁ ଲିଜ୍ ଦିଆଯାଇଛି ଏବଂ ଏହାକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଆନ୍ଧ୍ରର ପାୟନିଅର କମ୍ପାନୀ ଏହି ସ୍ଥାନରୁ ମାଟି ନେଲେ କଂଗ୍ରେସ, ସ୍ଥାନୀୟ ଅଞ୍ଚଳବାସୀ ଓ ବିସ୍ଥାପିତଙ୍କ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବିଧାୟକ ବାହିନୀପତି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ସ୍ଥାନୀୟ ଗୁଣ୍ଡିଚା ଛକରୁ ଜୟପୁର ବିଧାୟକ ବାହିନୀପତିଙ୍କ ନେତୃତ୍ୱରେ ଶତାଧିକ ଖଣି ଅଞ୍ଚଳବାସୀ ଓ ବିସ୍ଥାପିତମାନେ ସାମିଲ ହୋଇ ବିଭିନ୍ନ ପ୍ଲାକାର୍ଡ ମାନ ଧରି ସହର ପରିକ୍ରମା ପରେ ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ରକୁ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତରେ ଏହି ଦାବିପତ୍ର ଅତିରିକ୍ତ ଜିଲାପାଳ ଆଲୋମଣୀ ସେଠୀଙ୍କୁ ପ୍ରଦାନ କରାଯାଇଛି।

## ନିଆରା ଢଙ୍ଗରେ ପୁଷ ପୁନେଇ ଭେଟ୍ଘାଟ୍

ମାଲକାନଗିରି, ୩୧।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତର ମେଣ୍ଡକୁଲି ଗ୍ରାମରେ ଭୁମିଆ ସମାଜ ତରଫରୁ ନିଆରା ଢଙ୍ଗରେ ଶୁକ୍ରବାର ପୁଷ ପୁନେଇ ଭେଟ୍ଘାଟ ଆୟୋଜିତ ହୋଇଛି। ଆଦିବାସୀଙ୍କ ପରମ୍ପରା ବଞ୍ଚେଇ ରଖିବା, ପରସ୍ପର ଭିତରେ ପରିଚୟର ଆଦାନ ପ୍ରଦାନ କରିବା ସହ ନିଜ ନିଜ ଭିତରେ ଭାଇଚାରା ବଞ୍ଚାଇ ରଖିବା ଏବଂ ନିଜର ପରମ୍ପରା ଓ ଲୋକକଳାକୁ ଲୋକଲୋଚନକୁ ଆଣିବା ଏହାର ମୁଳ ଉଦ୍ଦେଶ୍ୟ ବୋଲି ଭୁମିଆ ସମାଜ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ମାଥିଲି ବ୍ଲକ ସହିତ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ଆଦିବାସୀ ପୁରୁଷ ଓ ମହିଳା ଏକାଠି ହୋଇ ପାରମ୍ପରିକ ବାଦ୍ୟ ଓ ସଙ୍ଗୀତରେ ତାଳେ ତାଳେ ନୃତ୍ୟ କରିଥିଲେ । ନିଜକୁ ପାରମ୍ପରିକ କୋରାପୁଟିଆ ଦେଶିଆ ଗୀତରେ ହଜାଇ ଦେଇଥିଲେ। ଜିଲା ଆଦିବାସୀ ଭୁମିଆ ସମାଜର ହଳଦର ପୁଜାରୀଙ୍କ ନେତୃତ୍ୱରେ ଆୟୋଜିତ ଭେଟଘାଟରେ ଭୂମିଆ ସମାଜ ଜିଲା ସଭାପତି ବନ୍ଧୁ ମୁଦୁଲି, ସମ୍ପାଦକ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳର ଆଦିବାସୀ ଝିଅ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ଓ ଜୋନ ୧୧ର ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଉଦୟନାଥ ମାଦ୍ରୀ, ଭୁମିଆ ସମାଜର ମୁଖ୍ୟ ନାୟକ ରାମଚନ୍ଦ୍ର ନାୟକ, କାର୍ଯ୍ୟକର୍ତ୍ତା ବାସୁଦେବ ଭୁମିଆ, ଆଦିବାସୀ ଗୀତ ନିର୍ଦ୍ଦେଶକ ବଳରାମ ନାୟକ, ପୂର୍ବତନ ସରପଞ୍ଚ ଡମୁ ନାୟକ, ତ୍ରିନାଥ ଭୁମିଆ ସମାରୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଭେଟ୍ଘାଟରେ ସାମିଲ ହୋଇଥିବା ଭୁମିଆ ସମାଜ କର୍ମକର୍ତ୍ତା ଏବଂ ଆଦିବାସୀ ମହିଳା ପୁରୁଷ।

## ପ୍ରତୀକ୍ଷାଳୟ ନିର୍ମାଣ ଦାବି

ସୁନାବେଡା,୩୧।୧(କୃତ୍ତିବାସ ପ୍ରଧାନ)



ସୁନାବେଡା ପୌର ପରିଷଦ ସମ୍ମୁଖ ଟ୍ରାଫିକ ଛକ ନିକଟରୁ ସେମିଳିଗୁଡା ଛକ ପର୍ଯ୍ୟନ୍ତ ପ୍ରାୟ ୫ କି.ମି.ର ୨୬ନଂ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ହାଟ ବଜାର ବସିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଥିଲେ ସୁଦ୍ଧା ଏଠାରେ ପ୍ରତୀକ୍ଷାଳୟ ନ ଥିବା ଅଭିଯୋଗ ହେଉଛି। ସୁନାବେଡା ହାଲ ସହରାଞ୍ଚଳ ଓ ସେମିଳିଗୁଡା ଅଞ୍ଚଳକୁ ନେଇ ୨୫ ୱାର୍ଡ ବିଶିଷ୍ଟ ସୁନାବେଡା ପୌର ପରିଷଦ ଗଠନ ହୋଇଛି। ପୌର ପରିଷଦ ପକ୍ଷରୁ କେତେକ ୱାର୍ଡରେ ଲୋକଙ୍କ ସୁବିଧା ପାଇଁ ଗୋଷ୍ଠୀ ଶୌଚାଳୟ ଓ କିଛି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କମ୍ୟୁନିଟି ହଲ ନିର୍ମାଣ କରାଯାଇଛି। କିନ୍ତୁ ଲୋକଙ୍କ ଯାତାୟତ ବେଳେ ଖରା, ବର୍ଷା ଆଦି ସମସ୍ୟାରୁ ବର୍ତ୍ତିବା ପାଇଁ ପ୍ରଶାସନ ପକ୍ଷରୁ ବିଶ୍ରାମଗାର ନିର୍ମାଣ କରାଯାଇ ନାହିଁ। ଏହାଦ୍ୱାରା ଅନେକ ସମୟରେ ସେହି ରାସ୍ତା ଦେଇ ଯାତାୟତ କରୁଥିବା ପିଲାଙ୍କଠାରୁ ବୃଦ୍ଧ ଏବଂ ଛାତ୍ରୀଛାତ୍ରଙ୍କ ଭଳି ସାଧରଣ ଜନତା ବସିବା ପାଇଁ ପ୍ରତିକ୍ଷାଳୟଟିଏ ନ ଥିବାରୁ ପଥଚାରୀ ଅନ୍ୟ ବାରଣ୍ଡା ଓ ରାସ୍ତା ପାର୍ଶ୍ୱରେ ଠିଆ ହେଉଥିବା ନଜିର ରହିଛି। ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଥିବା ଅଭିଯୋଗ କରାଯାଉଛି। ଏ ନେଇ ପୌର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଏକ ପ୍ରତିକ୍ଷାଳୟ ନିର୍ମାଣ କରି ଲୋକଙ୍କ ସମସ୍ୟାକୁ ଦୂର କରିବାକୁ ଦାବି କରାଯାଇଛି।

ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ଉକ୍ତ ଅଞ୍ଚଳରେ ଯାତ୍ରୀ ପ୍ରତୀକ୍ଷାଳୟ ନଥିବାକୁ ସ୍ୱିକାର କରିବା ସହ ହାଲ ୱାଇ ଯୋନ ଗେଟ ନିକଟରେ ପ୍ରତିକ୍ଷାଳୟ ନିର୍ମାଣ ପାଇଁ ଯୋଜନା ରହିଛି ଏବଂ ସମସ୍ୟା ଯୋଗୁ ତାହା ହୋଇ ନ ଥିବା କହିଛନ୍ତି। ତଥାପି ଆଗକୁ ଆଲୋଚନା କରି ତାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ଗୋବିନ୍ଦପାଲି ଏସ୍ଏସ୍ଡି ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୋବିନ୍ଦପାଲି, ୩୧।୧( କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପାଲିସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟବକ୍ତା ଭାବେ ସୁଧାକର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିମ୍ମ କିର୍ଶନି, ବିଡିଓ ଉମାଶଙ୍କର କୋୟା, ତହସିଲଦାର ପ୍ରମୋଦ କୁମାର ବେହେରା, ସୁମନ୍ତ କୁମାର ମାଝୀ, ଗୁରୁବନ୍ଧୁ ପୂଜାରୀ, ଶଶିକାନ୍ତ ସାମନ୍ତରାଏ, ସନ୍ତୋଷ କୁମାର ପଣ୍ଡା, ଶ୍ରୀନିବାସ ମୁଦୁଲି, ତ୍ରିନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଭାବେ ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ନୈତିକତା, ସମାଜସେବା ପରି ମୂଲ୍ୟବାନ୍ ଅଳଙ୍କାର କିପରି ଜୀବନକୁ ପ୍ରଭାବିତ କରେ ତାହା ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଅଜୟ କୁମାର ମିଶ୍ର ଓ ଅଶୋକ କୁମାର ସ୍ୱର୍ଣ୍ଣକାର ପରିଚାଳନା କରିଥିବାବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଛାତ୍ରୀଛାତ୍ର ଅତିଥିଙ୍କୁ ସ୍ୱାଗତ କରୁଛନ୍ତି ।

## ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ

କାଲିମେଳା, ୩୧ ।୧(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ସଦର ମହକୁମା ବଜାର ଉପରେ ରହୁଥିବା ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ନାବାଳକ ଜଣଙ୍କ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହୁଥିବାବେଳେ ଏତେ କମ୍ ବୟସର ନାବାଳକ ଜଣକ କାହିଁକି ଆତ୍ମହତ୍ୟା କରିବ ସେ ନେଇ ଚର୍ଚ୍ଚାର ବିଷୟ ହୋଇଛି। ମୃତ ନାବାଳକ ହେଲେ ସୂର୍ଯ୍ୟ ନାରାୟଣ ସାହୁଙ୍କ ପୁଅ କ୍ରିଷ୍ଣା ସାହୁ (୧୦)। ସ୍ୱାସ୍ଥ୍ୟକେନ୍ଦ୍ରରେ କାଲିମେଳା ପୋଲିସ ପହଞ୍ଚି ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛି । ନାବାଳକଙ୍କ ବେକରେ ରଶି ଚିହ୍ନ ଥିବା ଦେଖିବାକୁ ମିଳିଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ସେ ନେଇ ଅଧିକ ତଦନ୍ତ ଏବଂ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

ଘଟଣାରୁ ପ୍ରକାଶ, ଶୁକ୍ରବାର ଅପରାହ୍ଣ ୫ଟାରେ ବାପା ସୂର୍ଯ୍ୟନାରାୟଣ ମୋଟରସାଇକେଲରେ ଅନ୍ୟ ଜଣେ ମହିଳାଙ୍କ ସହ ନିଜ ପୁଅ କ୍ରିଷ୍ଣାକୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। କ୍ରିଷ୍ଣା ଗୁରୁତର ଥିବା କହି ଚିକିତ୍ସା କରିବା ପାଇଁ କାଲିମେଳା ଡାକ୍ତରଙ୍କୁ କହିଥିଲେ। ଡାକ୍ତର ନାବାଳକଙ୍କୁ ଦେଖି ପରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ କ୍ରିଷ୍ଣା ସ୍ଥାନୀୟ ଶିଶୁ ମନ୍ଦିରରେ ୪ର୍ଥ ଶ୍ରେଣୀରେ ପଢୁଥିଲେ।

## ମେହେଙ୍ଗା ସିଂଙ୍କ ସ୍ମୃତି ଉଦ୍ଦେଶ୍ୟରେ ମୃତଦେହ ସଂରକ୍ଷଣ ପାଇଁ ଫ୍ରିଜର ପ୍ରଦାନ

କାଲିମେଳା, ୩୧।୧(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲାର ସାମାଜିକ କର୍ମୀ ସ୍ୱର୍ଗତ ସର୍ଦ୍ଦାର ମେହେଙ୍ଗା ସିଂଙ୍କ ସ୍ମୃତି ଉଦ୍ଦେଶ୍ୟରେ କାଲିମେଳା ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପଠାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମେହେଙ୍ଗା ସିଂଙ୍କ ପରିବାର ତରଫରୁ କାଲିମେଳା ଅଞ୍ଚଳବାସୀଙ୍କ ପାଇଁ ମୃତଦେହ ସଂରକ୍ଷଣ ନିମନ୍ତେ ଫ୍ରିଜର ବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । କାଲିମେଳା ପୁରାତନ ମା' ଭୈରବୀ ଯୁବକ ସଂଘ ହେପାଜତରେ ଏହି ଫ୍ରିଜର ପ୍ରଦାନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ବୈଠକରେ ମେହେଙ୍ଗା ସିଂଙ୍କ ସ୍ତ୍ରୀ ରାଜବନ୍ତ କୌର, ପୁଅ ପ୍ରୀତପାଲ ସିଂ, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ମାନସ ମାଡକାମି, କାଲିମେଳା ବ୍ଲକ ଅଧ୍ୟକ୍ଷା ସୁବାସିନୀ ସୋଡ଼ି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା, ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଅରୁଣ ପାଣିଗ୍ରାହୀ, କାମରାଜ କବାସି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବି. ଭାସ୍କର ରାଓ ସଭା ପରିଚାଳନା କରିଥିଲେ। କାଲିମେଳା ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଅନ୍ୟ କୌଣସି ସ୍ଥାନରେ ମୃତଦେହ ସଂରକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନ ଥିଲା । ଏହାକୁ ଦୃଷ୍ଟିରେ ରଖି ସିଂ ପରିବାର ତରଫରୁ ଗରିବ ଲୋକଙ୍କ ଉପକୃତ ପାଇଁ ଏହି ଯନ୍ତ୍ର ପ୍ରଦାନ କରାଯାଇ ଭୈରବୀ ଯୁବକ ସଂଘ ତରଫରୁ କୁହାଯାଇଛି। ବୈଠକରେ ସଂଘର ସଦସ୍ୟ ତଥା କାଲିମେଳା ବାଣିଜ୍ୟ ସଂଘର ସଦସ୍ୟ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




ମେହେଙ୍ଗା ସିଂଙ୍କ ପରିବାର ତରଫରୁ ଫ୍ରିଜର ପ୍ରଦାନ କରାଯାଉଛି।

## ଜିଲାର ୪୨ ସ୍କୁଲକୁ ସ୍ମାର୍ଟ ଶିକ୍ଷଣ ଟେବୁଲ ପ୍ରଦାନ କରାଯିବ

**ଏଫ୍ଏଲ୍ଏନ୍ ତାଲିମ ଉଦ୍ଯାପିତ**

ମାଲକାନଗିରି,୩୧।୧ (ଦୁର୍ଯ୍ୟୋଧନ ପାତ୍ର)



ଅତିଥିଙ୍କ ସହ ତାଲିମ ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ନୀତି ଆୟୋଗର ୧୦୦ଟି ପୋଷ୍ୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଦୁଇଟି ପର୍ଯ୍ୟାୟ ତାଲିମ ଶୁକ୍ରବାର ଉଦ୍ଯାପିତ ହୋଇଛି। ଉଦ୍ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଯୋଗ ଦେଇଥିବା ବେଳେ ଉଭୟ ଉଦ୍ଘାଟନୀ ଓ ଉଦ୍ଯାପନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ଉପସ୍ଥିତ ରହି ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାର୍ଗଦର୍ଶନ କରିଥିଲେ। ତାଲିମରେ ଅଂଶ ଗ୍ରହଣ କରିଥିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରେ ସମସ୍ତ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଅଭିନୟ, ଶିକ୍ଷଣ କାର୍ଯ୍ୟ, ସଂଳାପ କଥନ, ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ, କବିତା ଲିଖନ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲାର ୪୨ଟି ବିଦ୍ୟାଳୟକୁ ପିଲାଙ୍କ ଶିକ୍ଷଣ ପାଇଁ ସ୍ମାର୍ଟ ଶିକ୍ଷଣ ଟେବୁଲ ପ୍ରଦାନ କରାଯିବାକୁ ଘୋଷଣା କରାଯାଇଥିଲା। ଏହି ସ୍ମାର୍ଟ ଟେବୁଲରେ ପ୍ରଥମଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟର ସମସ୍ତ ପ୍ରସଙ୍ଗର ଶିକ୍ଷଣ କାର୍ଯ୍ୟ, ଗୀତ, ଗଳ୍ପ, ସନ୍ନିବେଶିତ ହୋଇରହିଛି ବୋଲି ଜିଲା ଶିକ୍ଷାଧିକାରୀ ସାହୁ ସୂଚନା ଦେଇଥିଲେ। ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁମନ୍ତ ମାଝୀ, ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ର ଧର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୌରାଙ୍ଗ ସଜ୍ଜନ ଓ ଅଶ୍ୱିନୀ ମାଝୀ ବିଭିନ୍ନ ସମୟରେ ଆସି ସମସ୍ତଙ୍କୁ ମାର୍ଗଦର୍ଶନ କରିଥିଲେ। ସାଧନ କର୍ମୀ ରୂପେ ଶିକ୍ଷକ ପ୍ରମୋଦ କୁମାର ସେନାପତି, ସୁରେନ୍ଦ୍ର ସାହୁ, ଜୟନ୍ତ ପୋଇ, ପ୍ରମୋଦ କୁମାର ବାରିକ, ରାମପ୍ରସାଦ ପାଢି, ପ୍ରମୋଦ ଦାସ, ଅଶୋକ ହାଲଦାର ଓ ରାମକୃଷ୍ଣ ପାଢୀ ଯୋଗଦେଇଥିଲେ। ଜିଲା ଆଦିବାସୀ ଶିକ୍ଷା ତଥା ଶୈକ୍ଷିକ ସଂଯୋଜକ ଶେଷଶଙ୍କର ମହାଲିକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଜିଲା ଶୈକ୍ଷିକ ପରାମର୍ଶଦାତା ସୀତାରାମ ଗୌଡ, ସତ୍ୟବ୍ରତ ମିଶ୍ର ଓ ଶିକ୍ଷକ କାହ୍ନୁଚରଣ ମହାରଣା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜଳିଗଲା ଟଙ୍କା, ଆସବାବପତ୍ର

ଉମରକୋଟ, ୩୧।୧ (ସନ୍ତୋଷ ଶତପଥୀ)

ଉମରକୋଟ ସହର ଗୁଲିପାଟଣା ସାହିରେ ବୁଧବାର ବିଳମ୍ବିତ ରାତିରେ ମଞ୍ଜୁ ପରିଡ଼ାଙ୍କ ଘରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ନଗଦ୧୦ହଜାର ଟଙ୍କା ପୋଡ଼ିଯିବା ସହ ବହୁ ଆସବାବପତ୍ର ମଧ ନଷ୍ଟ ହୋଇଯାଇଛି। ମଞ୍ଜୁ ଓ ପିଲାମାନେ ବାହାରେ ବସିଥିବା ସମୟରେ ହଠାତ୍ ଶର୍ଟ ସର୍କିଟ ହୋଇ ମିଟର ବକ୍ସରେ ନିଆଁ ଲାଗିଯାଇଥିଲା। ପଡ଼ୋଶୀମାନେ ବିଦ୍ୟୁତ୍ ବିଭାଗକୁ ଫୋନ୍‌କରି ସଂଯୋଗ କଟାଇଥିଲେ। ଖବରପାଇ ଉମରକୋଟ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଗୁରୁବାର ଉମରକୋଟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସରକାରୀ ନିୟମାନୁଯାୟୀ ମଞ୍ଜୁଙ୍କୁ ସାହାଯ୍ୟ ମିଳିବ ବୋଲି ଉମରକୋଟ ତହସିଲଦାର ମେଗବାନ ବାଘ କହିଛନ୍ତି।

### ଆଇନ ସଚେତନତା ଶିବିର

ନବରଙ୍ଗପୁର,୩୧।୧(ସଦାଶିବ ପ୍ରହରାଜ)

ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଶୁକ୍ରବାର ଭାଟିଶାଳଗୁଡ଼ା ଶକ୍ତି ସଦନରେ କିନ୍ନରମାନଙ୍କୁ ନେଇ ଏ କଆଇନ ସଚେତନତା ଶିବିର କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଜନହିତକାରୀ ସରକାରୀ ଯୋଜନା ଓ ସେମାନଙ୍କର ଅଧିକାର ଉପରେ ଶିବିରରେ ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ। ଡିଏଲ୍‌ଏସ୍‌ଏ ଅଧକ୍ଷ ତଥା ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏଲ୍‌ଏସ୍‌ଏ ସଚିବ ସାଇ ଅଭିପ୍ସା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ମନୋରମା ମାଝି , କିଶୋରୀ ପଟ୍ଟନାୟକ, ରାଖୀ ଜୈନ, ସ୍ୱର୍ଣ୍ଣଲତା ପଟ୍ଟନାୟକ, କିନ୍ନର ସଂଘ ଅଧକ୍ଷ କାଜଲ କିନ୍ନର, ସମ୍ପାଦକ ଝୁମକି କିନ୍ନର ଉପସ୍ଥିତ ଥିଲେ। ଏମ୍. ଅନିତା କୁମାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ରାଷ୍ଟ୍ରପତିଙ୍କୁ ଅପମାନ ଅଭିଯୋଗରେ ଭାଜପାର ପ୍ରତିବାଦ

ନବରଙ୍ଗପୁର,୩୧।୧(ସଦାଶିବ ପ୍ରହରାଜ)

ରାଷ୍ଟ୍ରପତିଙ୍କ ବିରୋଧରେ କଂଗ୍ରେସ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଅପମାନସୂଚକ ମନ୍ତବ୍ୟ ଦେଇଥିବା କହି ଜିଲା ଭାଜପା କ୍ଷମା ପ୍ରାର୍ଥନା ଦାବି କରିଛି। ନବରଙ୍ଗପୁର ଗାନ୍ଧୀ ଛକ ନିକଟରେ ଭାଜପା ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚା ଜିଲା ସଭାପତି ତଥା କାଉନ୍‌ସିଲର ଶର୍ମିଷ୍ଠା ଦିଅ, କାଉନ୍‌ସିଲର ଏ. ସତିଶ, କାଉନସିଲର ପୁନମ ସାହୁ, ଦଇତାରୀ ମାଝୀ, ମୀନତି ପଟ୍ଟନାୟକ, ମୃତ୍ୟୁଞ୍ଜୟ ମହାରଣା, ଜ୍ୟୋତି ବେହ୍ୟାଙ୍କ ସମେତ ଶତାଧିକ ଭାଜପା କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଦେଶୀ ମଦ ଚାଲାଣ, ଜଣେ ଗିରଫ

ଜୟପୁର,୩୧।୧(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଦାମୋଦର ନାୟକ(୫୪)। ଆମ୍ବାଗୁଡା ରାସ୍ତାରେ ଚଢାଉ କରି ୯ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି।

# ଭଲ ମଣିଷ ହୋଇ ଅନ୍ୟମାନଙ୍କୁ ଉତ୍ସାହିତ କରିବାକୁ ଆହ୍ୱାନ

ଝରିଗାଁ,୩୧।୧(କିଶୋର ଚନ୍ଦ୍ର ମଣ୍ଡଳ)



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନବରଙ୍ଗପୁର ଜିଲା ଭାରତ ସ୍କାଉଟ ଗାଇଡ ପକ୍ଷରୁ ଝରିଗାଁସ୍ଥିତ ସରକାରୀ ପଞ୍ଚାୟତ ନୋଡାଲ ହାଇସ୍କୁଲ ପରିସରରେ ୩ଦିନ ଧରି ଚାଲିଥିବା ଜିଲାସ୍ତରୀୟ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରି ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନ ପ୍ରାୟ ୧ଟାରେ ଡିଇଓ ଛତ୍ରପତି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, କଳାହାଣ୍ଡି ଡିଇଓ ରାଧାକାନ୍ତ ଛତ୍ରୀ, ନବରଙ୍ଗପୁର ଏଡିଇଓ ରେଶମ ଲାଲ୍ ନାଏକ, ଜିଲା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରି କମିଶନର ସୁପ୍ରିୟା ନାୟକ, ଝରିଗାଁ ବିଇଓ ଜଗନ୍ନାଥ ଧରୁଆ, ଚନ୍ଦାହାଣ୍ଡି ବିଇଓ ସୁଭେନ କୁମାର ମଣ୍ଡଳ, ରାଇଘର ବିଇଓ ଈଶ୍ୱର ମାଝୀ, ଝରିଗାଁ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୋହିଣୀ ତପସ୍ୱିନୀ ହଜାରୀ, ଜିଲା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରି କମିଶନର ପବିତ୍ର ହାଲ୍‌ଦାର, ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରି ଜିଲା ସମ୍ପାଦକ ପ୍ରଭାତ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପାଠ ପଢ଼ିବା ସହ ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ଆବଶ୍ୟକ ରହିଥିବା ନେଇ ମନ୍ତ୍ରୀ ଗଣ୍ଡ କହିଥିଲେ। ନିଜେ ଭଲ ମଣିଷ ହୋଇ ଅନ୍ୟମାନଙ୍କୁ ଏ ଦିଗରେ ଉତ୍ସାହିତ କରିବାକୁ ଡିଇଓ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମନୋରଞ୍ଜନ ପ୍ରହରାଜ ମଞ୍ଚ ପରିଚାଳନା କରିଥିଲେ। ଏଡିଇଓ ରେଶମଲାଲ ନାୟକ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରିକୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସେହିପରି ଝରିଗାଁ ସ୍ୱରାଜ ବିଦ୍ୟାପୀଠର କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ।

# ଅନ୍ତେବାସୀଙ୍କ ସହ ଆଲୋଚନା କଲେ ଗଣଶିକ୍ଷା ମନ୍ତ୍ରୀ

## ସମସ୍ୟା ନେଇ ଛାତ୍ରୀଙ୍କ ୮ କି.ମି. ଚାଲିବା ଘଟଣା

ଉମରକୋଟ, ୩୧।୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ବୁର୍ଜା ପଞ୍ଚାୟତସ୍ଥିତ କସ୍ତୁରିବା ଗାନ୍ଧୀ ଛାତ୍ରୀ ନିବାସ ଅନ୍ତେବାସୀ ନିଜ ସମସ୍ୟା ଜଣାଇବାକୁ ୮କି.ମି. ଚାଲିବା ସମ୍ପର୍କରେ ଜାଣି ଗଣଶିକ୍ଷା ମନ୍ତ୍ରୀ ଅନ୍ତେବାସୀଙ୍କୁ ଭେଟିଥିଲେ। ସେ ଛାତ୍ରୀ ନିବାସ ସମସ୍ୟା ନେଇ ପିଲାଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ସମ୍ପର୍କରେ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିଲାଙ୍କୁ ଆଶ୍ୱାସନା ଦେଇଥିଲେ। ଘଟଣା ସମ୍ବେଦନଶୀଳ। ଅଭିଯୋଗଗୁଡିକ ଅତି ଛୋଟ। ଛାତ୍ରୀ ନିବାସ ମୁଖ୍ୟ ରୋଷେୟାଙ୍କ ବିରୋଧରେ ଅଭିଯୋଗ ଥିଲା ବୋଲି ମନ୍ତ୍ରୀ କହିଛନ୍ତି। ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଇଓ ଏବଂ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୨୯ ତାରିଖରେ ନିମ୍ନମାନର ଖାଦ୍ୟ ଦିଆ ଯାଉଥିବା ଅଭିଯୋଗ କରିବାକୁ ୪୦ଜଣ ଅନ୍ତେବାସୀ ୮ କିଲୋମିଟର ଚାଲିଚାଲି ଉମରକୋଟ ଅଭିମୁଖେ ବାହାରିଥିଲେ। ଏଡିଇଓ ଓ ବ୍ଲକ ଶିକ୍ଷା ଅଧିକାରୀ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଶୁଝା କରି ସ୍କୁଲକୁ ଫେରାଇ ନେଇଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଇଓ ବିକାଶ ଚନ୍ଦ୍ର ସରକାର, ଜେଣ୍ଡର କୋଅର୍ଡିନେଟର ମମତା ପରିଛା, ପୋଲିସ ଉପଖଣ୍ଡ ଅଧିକାରୀ ମିନାକ୍ଷୀ ଠାକୁର, ସବଇନ୍ସପେକ୍ଟର ଶିବଜି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ରୁତଗତିରେ ଗାଡ଼ି ଚଳାଇବା ଅପରାଧ

ନବରଙ୍ଗପୁର,୩୧।୧(ସଦାଶିବ ପ୍ରହରାଜ)

## ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ ସମାରୋହ

ନବରଙ୍ଗପୁର ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା ମାସର ଉଦ୍‌ଯାପନୀ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ( ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଟକୃଷ୍ଣ ମିଶ୍ର ଓ ଡିଆଇପିଆର୍‌ଓ ମନୋଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆର୍‌ଟିଓ ଜିତେନ୍ଦ୍ର ଭୋଇ ପରିବହନ ବିଭାଗ ଦ୍ୱାରା ଜିଲାରେ ମାସବ୍ୟାପୀ ସଡ଼କ ସୁରକ୍ଷା ସଚେତନତା ଉପରେ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଦ୍ରୁତଗତି, ନିଶାପାନ ସହ ଗାଡ଼ି ଚାଳନା, ଅଳ୍ପ ବୟସ୍କଙ୍କ ଗାଡ଼ି ଚାଳନା, ବିନା ହେଲ୍‌ମେଟ ଓ ସିଟ୍ ବେଲ୍‌ଟରେ ଗାଡ଼ିଚାଳନା, ବିନା ଲାଇସେନ୍ସରେ ଓ ମୋବାଇଲ ବ୍ୟବହାରକରି ଗାଡ଼ି ଚାଳନା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ସଡ଼କ ସୁରକ୍ଷା ନିୟମ ପାଳନ, ସ୍କୁଲ କଲେଜ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା, ଦୁର୍ଘଟଣା ପୀଡ଼ିତ ବ୍ୟକ୍ତିଙ୍କୁ ଉଦ୍ଧାର, ଚକ୍ଷୁ ପରୀକ୍ଷା,ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଅତିଥିମାନେ ମତ ଦେଇଥିଲେ। ମୁଖ୍ୟ ଅତିଥି ଜିଲାର ୨୧ ଜଣ ଉତ୍ତମ ସହାୟକ ବ୍ୟକ୍ତିଙ୍କୁ ମାନପତ୍ର ଓ ପୁରସ୍କାର ରାଶି ୨୦୦୦ ଟଙ୍କାର ଚେକ୍ ବିତରଣ କରିଥିଲେ। ବିଧାୟକ ମାଝୀ ନିଜେ ଦୁର୍ଘଟଣା ପୀଡିତଙ୍କୁ ଉଦ୍ଧାର କରି ନିଜ ଗାଡିରେ ଡାକ୍ତରଖାନାରେ ପହଞ୍ଚାଇ ଚିକିତ୍ସା ବ୍ୟବସ୍ଥାକରି ଏକ ଉତ୍ତମ ସହାୟକ ବ୍ୟକ୍ତିଭାବେ ଉଦାହରଣ ସୃଷ୍ଟି କରିଥିବା କହି ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ତାଙ୍କୁ ମାନପତ୍ର ଓ ଚେକ୍ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ଆର୍‌ସିଡି ସ୍କୁଲ ଛାତ୍ରୀ ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଡ୍ରାଇଭର ସଂଘର ପ୍ରତିନିଧି, ଲଘୁ ଓ ଭାରିଯାନ ଗାଡ଼ି ଚାଳକ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡିଆଇପିଆର୍‌ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଜମିରେ ପାଣି ମଡ଼ାଇବାକୁ କେନାଲ ସଫା କଲେ ଚାଷୀ

## ଦୈନିକ ମଜୁରି ଦେବାକୁ ଦାବି



କୋଟପାଡ଼,୩୧।୧(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ରବି ଚାଷ ପାଇଁ କେନାଲ ମାଧ୍ୟମରେ ପାଣି ଛଡାଯାଇଥିବା ବେଳେ ଏହା ସଫା ହୋଇପାରୁ ନାହିଁ। ଏହି ଅଞ୍ଚଳର ଚାଷୀ ଜମିରେ ପାଣି ମଡାଇବାକୁ କେନାଲ ସଫା କରିଛନ୍ତି। ଚିତ୍ରା, ବତାଶନା, ଘୁମର ଧାମନାହାଣ୍ଡି,ଏସ.ବି.ନୂଆଗାଁ ପଞ୍ଚାୟତର ଚାଷ ଜମିଗୁଡ଼ିକରେ ପାଣି ମଡାଯାଉଛି। କିନ୍ତୁ ବତାଶନା ପଞ୍ଚାୟତ ଶୁଣ୍ଡିଗୁଡା କେନାଲରେ ପାଣି ଆସୁଥିବା ସତ୍ତ୍ୱେ ଏହା ସଫା ନ ଥିବାରୁ ଜମିରେ ପାଣି ମାଡି ପାରୁନାହିଁ। ପାଣି ପଞ୍ଚାୟତ ଯୋଜନାରେ କେନାଲ ସଫେଇ ପାଇଁ ଲକ୍ଷାଧିକ ଟଙ୍କା ପ୍ରଶାସନ ଖର୍ଚ୍ଚ କରୁଛି। କିନ୍ତୁ ଠିକ ଭାବେ କାର୍ଯ୍ୟ ହେଉନଥିବାରୁ ଚାଷୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଶୁଣ୍ଡିଗୁଡା ଅଞ୍ଚଳର ଚାଷୀ ଜମିରେ ପାଣି ମଡାଇବା ପାଇଁ ନିଜେ କେନାଲ ସଫା କରୁଥିବା ଦେଖାଦେଇଛି। ଅଞ୍ଚଳର କେନାଲ ସଫେଇ ପାଇଁ ବିଭାଗୀୟ ଇଓଏଇଙ୍କୁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ଚାଷୀ କହିଛନ୍ତି। ଚାଷୀ ନିଜେ କେନାଲ ସଫା କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କୁ ଫୋନ କଲେ ମଧ ସେ ଗ୍ରହଣ କରୁ ନ ଥିବା ଅଭିଯୋଗ କରିଛନ୍ତି। ଲୋକେ ଚାଷ ଉପରେ ନିର୍ଭର କରୁଥିବା ବେଳେ ଜମିକୁ କେନାଲ ସୁବିଧା ଥିଲେ ସୁଦ୍ଧା ଚାଷ ବୋଲି କେମିତି କରିବେ ଚାଷୀ ପ୍ରଶ୍ନ କରିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ କେନାଲ ସଫା କରୁଥିବା ଚାଷୀଙ୍କ ଦୈନିକ ମଜୁରୀ ଦେବାକୁ ଦାବି କରିଛନ୍ତି। ନଚେତ୍ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି।

# ଉଦ୍ୟୋଗୀ, ସମୟାନୁବର୍ତ୍ତୀ, କର୍ତ୍ତବ୍ୟପରାୟଣ ହୁଅ

## ପରଜା ଦେଓପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ତେନ୍ତୁଳିଖୁଣ୍ଟି, ୩୧।୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଗୌଡ଼ ଦେଓପାଲି ପଞ୍ଚାୟତ ପରଜା ଦେଓପାଲିସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସୁବାସ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ରଥଙ୍କ ବୈଦିକ ମନ୍ତ୍ରଧ୍ୱନି ସହ ନିମନ୍ତ୍ରିତ ଅତିଥିମାାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଡିଇଓ ଛତ୍ରପତି ସାହୁ ମୁଖ୍ୟ ଅତିଥି, ବିଡିଓ ମନୋଜ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ଡବ୍ଲ୍ୟୁଇଓ ଜଗମୋହନ ମାଝୀ, ଏବିଇଓ ମୋହନ ମଧୁସୂଦନ ବାଗ, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ସରପଞ୍ଚ ପ୍ରମିଳା ମୁଦୁଲି, ସିଆର୍‌ସିସି ପ୍ରମୋଦା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପଢ଼ାରେ ମନୋନିବେଶ ସହ ଖେଳକୁଦ, ନାଚଗୀତ ଆଦିରେ ମଧ ନିଜ ପରିଚୟ ତିଆରି ଦିଗରେ ଚେଷ୍ଟା କରିବାକୁ ଡିଇଓ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାମୂଳକ ବ୍ୟବସ୍ଥାରେ ନିଜକୁ ସ୍ଥାପିତ କରିବା ପାଇଁ ଉଦ୍ୟୋଗୀ, ସମୟାନୁବର୍ତ୍ତୀ, କର୍ତ୍ତବ୍ୟପରାୟଣ ହେବାକୁ ବିଡିଓ ପରାମର୍ଶ ଦେଇଥିଲେ। ତଫସିଲଭୁକ୍ତ ଜାତି ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା, ପ୍ରତିଯୋଗିତାମୂଳକ ଶିକ୍ଷା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଡବ୍ଲ୍ୟୁଇଓ ସୂଚନା ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ବନିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଜଗଦେବ କେଶରୀ ସାମନ୍ତ ପରିଚାଳନା କରିଥିଲେ।

# କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା



ଅତିଥିମାନେ ନିପୁଣ ଓଡ଼ିଶା ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ଡାବୁଗାଁ, ୩୧।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡା ପଞ୍ଚାୟତ ଅଧୀନ ବାଇଗାଁ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା- ୨୦୨୫ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାକ୍ଷରତା, ସଂଖ୍ୟା ଜ୍ଞାନ, ସକ୍ରିୟାତ୍ମକ ଓ ମତାମତ ଭଳି ୪ଟି ଷ୍ଟଲକୁ ଉଦ୍‌ଘାଟନ କରାଯାଇଥିଲା। ଚଚରାଗୁଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୁପ୍ତେଶ୍ୱରପ୍ରସାଦ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚଚରାଗୁଡ଼ା ସରପଞ୍ଚ ରଞ୍ଜୁ ଭତ୍ରା ମୁଖ୍ୟ ଅତିଥି, ଏବିଇଓ ଭଗବାନ ମାଝି, ନାଏବ ସରପଞ୍ଚ ଯୁଧିଷ୍ଠୀର ତନ୍ତୀ, ଗିର୍ଲିଗୁଡ଼ା ବିଦ୍ୟାଳୟ ପ୍ରଧାନଶିକ୍ଷକ ହରେକୃଷ୍ଣ ବାଡତ୍ୟା ସମ୍ମାନୀତ ଅତିଥି, ଡାବୁଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା ମୁଖ୍ୟ ବକ୍ତା, ବାଇଗାଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ହରିଜନ ପ୍ରମୁଖ ମଞ୍ଚାସୀନ ଥିଲେ। ପିଲାମାନଙ୍କ ଦକ୍ଷତା ବୃଦ୍ଧିରେ ମା' ବାପ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଶିକ୍ଷାକୁ ଆଗେଇ ନେବାକୁ ହେଲେ ସଚେତନତାର ଆବଶ୍ୟକତା ରହିଛି ବୋଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କହିଥିଲେ। ଏଥିରେ ୧୫ଟି ବିଦ୍ୟାଳୟର ଏଫଏଲଏନ ଶିକ୍ଷକ, ୧୫୦ ଅଭିଭାବକ, ପ୍ରଥମରୁ ୩ୟ ଶ୍ରେଣୀର ୧୯୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିକ୍ଷକ ନରସିଂ ମାଝି ମଞ୍ଚ ପରିଚାଳନା କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଅଗ୍ରଗତି ନେଇ ସମୀକ୍ଷା

କୋରାପୁଟ,୩୧।୧(ଅମିତାଭ ବେହେରା)

କୋରାପୁଟସ୍ଥିତ ଶହୀଦ ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ବିଭିନ୍ନ ସମସ୍ୟା ନେଇ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାପାଳ ଭି. କୀର୍ତ୍ତି ଭାସନ ସମୀକ୍ଷା କରିଛନ୍ତି। ଜିଲାପାଳ ଭାସନଙ୍କ ଅଧକ୍ଷତାରେ ପ୍ରଫେସର ସୁଶାନ୍ତ ସାହୁ, ହସ୍ପିଟାଲ ମ୍ୟାନେଜର ଶୁଭେନ୍ଦୁ ପଣ୍ଡା, ମେଡିଭାଲର ପ୍ରଶାସିକା ରଞ୍ଜିତା ମଲ୍ଲିକ, ତହସିଲଦାର ସାହିଦ ସବୀର, ପିଏଚଡି ନିର୍ବାହୀ ଯନ୍ତ୍ରୀ ଚିରଞ୍ଜୀବି ମହାଲିକଙ୍କ ସହ ସମସ୍ତ ପ୍ରଫେସର ଓ ଡାକ୍ତର ଉପସ୍ଥିତ ଥିଲେ। ମେଡିକାଲରେ ବିକାଶ ଓ ରୋଗୀଙ୍କ ସୁବିଧା, ମେଡିକାଲ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ହସ୍ପିଟାଲ ପାଇଁ ୨ ଶବବାହକ ଗାଡ଼ି ଓ ନୂତନ ୩ ଡ୍ରାଇଭର ନିଯୁକ୍ତି କରିବା, ମେଡିକାଲ କଲେଜର ବିଭିନ୍ନ ଗୃହରେ ବର୍ଷା ପାଣି ଚାଲୁଥିବାରୁ ତୁରନ୍ତ ମରାମତି କରିବା, ସିକିଲସେଲ ରୋଗୀଙ୍କ ପାଇଁ ନୂତନ ଗୃହ ବ୍ୟବସ୍ଥା, ଆଉ ଏକ ଅଲଟ୍ରା ସାଉଣ୍ଡ ମେସିନ ଆଣିବା, ଓଡ୍ରାଫ ୟୁନିଟକୁ ବିଭିନ୍ନ ଗଛ କାଟିବା ପାଇଁ ନିର୍ଦ୍ଦେଶ ଦେବା, ହସ୍ପିଟାଲ ଓ କଲେଜର ଆବଶ୍ୟକତା ଅନୁଯାୟୀ ନୂତନ ପାଣି ଟାଙ୍କି ବସାଇବା ଆଦି ଆଲୋଚନା କରାଯାଇଥିଲା।



ବୈଠକରେ ଉପସ୍ଥିତ କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ଓ ଅନ୍ୟମାନେ ।

# ୪ ଦିନ ନିଖୋଜ ଥିବା ବ୍ୟକ୍ତିଙ୍କ ମୃତଦେହ ଜବତ

କୋରାପୁଟ/ନାରାୟଣପାଟଣା,୩୧।୧
(ଅମିତାଭ ବେହେରା/ରାଜକିଶୋର ଜେନା)

୪ ଦିନ ଧରି ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ନାରାୟଣପାଟଣା ବ୍ଲକର ପାଟିଙ୍ଗି ଆଦର୍ଶ ବିଦ୍ୟାଳୟ ନିକଟ ଏକ ବ୍ରିଜ ତଳୁ ପୋଲିସ ଶୁକ୍ରବାର ଜବତ କରିଛି। କୋରାପୁଟ ଜିଲାର ବନ୍ଧୁଗାଁ ବ୍ଲକ୍‌ର କାବେରୀବାଡ଼ି ପଞ୍ଚାୟତର ପଣସ ପଦର ଗ୍ରାମର ମାଣ୍ଡିଙ୍ଗୀ ସମ୍ବେ ଜାନୁଆରୀ ୨୭ରେ ନାରାୟଣପାଟଣା ଅଞ୍ଚଳକୁ କୌଣସି କାମରେ ଯାଇ ନିଖୋଜ ହୋଇଥିଲେ। ସେ ଫେରି ଆସିବେ ବୋଲି ପରିବାର ପକ୍ଷରୁ ପୋଲିସକୁ କୌଣସି ଖବର ଦିଆଯାଇ ନ ଥିଲା। ୪ ଦିନ ଧରି ବାପା ଘରକୁ ନ ଆସିବାରୁ ପୁଅ ସନ୍ତୋଷ ମାଣ୍ଡିଙ୍ଗୀ ଶୁକ୍ରବାର ନାରାୟଣପାଟଣା ଥାନାରେ ଅଭିଯୋଗ କରିଥିଲେ। ୧୦/୨୫ରେ ଏକ ନିଖୋଜ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ରାହୁଲ, ସୋନିଆଙ୍କ କୁଶ ପୁତ୍ତଳିକା ଦାହ

ଉମରକୋଟ/ପାପଡ଼ାହାଣ୍ଡି, ୩୧।୧
(ସନ୍ତୋଷ ଶତପଥୀ/ସ୍ୱପ୍ନଜିତ ପଟ୍ଟନାୟକ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଉମରକୋଟ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଥିଲେ। ଶୋଭାଯାତ୍ରା ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ପହଞ୍ଚିବା ପରେ ସେଠାରେ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ପରେ ରାହୁଲ ଓ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସେମାନେ ସର୍ବ ସମ୍ମୁଖରେ କ୍ଷମା ପ୍ରାଥନା କରନ୍ତୁ ବୋଲି ଭାଜପା ନେତାମାନେ ଦାବି କରିଛନ୍ତି। ଏହି ସମୟରେ ରମେଶ ଚନ୍ଦ୍ର ସାହୁ, ପ୍ରଭାତ ନାୟକ, ଅଶୋକ ପାଢ଼ୀ, ଭଜନାଥ ଗଣ୍ଡ, ମିଲୁ ପଣ୍ଡା, ସତ୍ୟ ବେହେରାଙ୍କ ସହ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

ପାପଡ଼ାହାଣ୍ଡିସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଧ ରାହୁଲ ଓ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଓଡ଼ିଶା ମାଟିର ଆଦିବାସୀ ମହିଳା ଦେଶର ସର୍ବୋଚ୍ଚ ପଦବୀରେ ରହିଥିବାରୁ କଂଗ୍ରେସ ଦଳ ସହ୍ୟ କରିପାରୁନି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ବ୍ଲକ ସଭାପତି ମନୋଜ ଅଗ୍ରୱାଲ, ବରିଷ୍ଠ ନେତା ହରିମୋହନ ଶର୍ମା, ତ୍ରିନାଥ ଅମନାତ୍ୟା, ଦୀନବନ୍ଧୁ ବିଷୋୟୀ, ଶିବଶଙ୍କର ଅଗ୍ରୱାଲଙ୍କ ସହ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।



# ମଦମୁକ୍ତ ଗାଁ ଗଠନ ନେଇ ମହିଳାଙ୍କ ଦାବି

ନବରଙ୍ଗପୁର,୩୧।୧(ସଦାଶିବ ପ୍ରହରାଜ)



ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଦାବିପତ୍ର ଗ୍ରହଣ କରୁଛନ୍ତି।

ନବରଙ୍ଗପୁର ବ୍ଲକ ମନ୍ତ୍ରୀଗୁଡା ଗ୍ରାମର ମହିଳାମାନେ ମଦ ବନ୍ଦ କରିବାକୁ ଦାବି କରିଛନ୍ତି। ସେମାନେ ଶୁକ୍ରବାର ଏକ ଦାବି ପତ୍ର ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଛନ୍ତି। ଗାଁର ବିଭିନ୍ନ ସ୍ଥାନରେ ଅବାଧରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଛି। ପୁରୁଷ ମାନେ ମଦ ପିଇ ଘରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ମଦ ପିଇ ଅକାଳରେ ଅନେକଙ୍କ ମୃତ୍ୟୁ ହେଉଛି। ସ୍କୁଲ ଯିବା ପିଲାମାନେ ମଧ ମଦ ପିଇବା ପାଇଁ ପଛାଉନାହାନ୍ତି। ଗାଁ ରେ ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ମହିଳାମାନେ ନିଶାମୁକ୍ତ ଗ୍ରାମ ଗଠନ ପାଇଁ ନିଷ୍ପତ୍ତି ନେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛି। ଦୀର୍ଘ ବର୍ଷ ପରେ ଗାଁରେ ବାଲି ଯାତ୍ରା ହେବାକୁ ଯାଉଛି। ଏହା ପୂର୍ବରୁ ଗାଁରେ ମଦ ବନ୍ଦ କରିବା ପାଇଁ ମହିଳାମାନେ ନିବେଦନ କରିଛନ୍ତି। ଅବକାରୀ କାର୍ଯ୍ୟାଳୟରେ ଦାବିପତ୍ରର ଏକ ନକଲ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ସରପଞ୍ଚ ଯୁଧିଷ୍ଠୀର ସାନ୍ତା, ନାଏବ ସରପଞ୍ଚ ଗୋମତି ଭତ୍ରା, ୱାର୍ଡ ସଭ୍ୟ ଉର୍ବଶୀ ବିଷୋୟୀ ଓ ଦୁର୍ଯନ ଭତ୍ରା , ଓନ ଶିବାୟ ଏସ୍‌ଏଚ୍‌ଜି ଗ୍ରୁପ ସଭାପତି ଫୁଲମଣି ମାଝୀ, ସମ୍ପାଦିକା ଆଶାଲତା ମାଝୀ, ଜୟମା ଦୁର୍ଗା ଏସ୍‌ଏଚ୍‌ଜି ସଭାପତି ଗୋମତି ଭତ୍ରା, ସମ୍ପାଦିକା ନବୀନା ଭତ୍ରା, ମା ସର୍ବମଙ୍ଗଳା ଏସ୍‌ଏଚ୍‌ଜି ସଭାପତି ଟଭା ଚାଲାଣ, ସମ୍ପାଦିକା ଗେରୀ ପାଇକ, ସନ୍ତୋଷୀ ମା ଏସ୍‌ଏଚ୍‌ଜି ସଭାପତି ଜଙ୍ଗମତି ନାୟକ, ସମ୍ପାଦିକା ଫୁଲ ଭତ୍ରାଙ୍କ ସମେତ ଧନେଇ ଅମାନତ୍ୟା, ସନମତି ଭତ୍ରା ପ୍ରମୁଖ ମହିଳାମାନେ ଉପସ୍ଥିତ ଥିଲେ।

**ପୋଲିସ ଚାକିରି ଦେବା ନାଁରେ ୪.୧୦ ଲକ୍ଷ ଠକେଇ, ଯୁବକ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ପୋଲିସ ବିଭାଗରେ ଚାକିରି ଦେବାକୁ କହି ୪ ଲକ୍ଷ ୧୦ ହଜାର ଟଙ୍କା ଠକିବା ଅଭିଯୋଗରେ କ୍ୟାପିଟାଲ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଯୁବକ ହେଲେ ଖଣ୍ଡଗିରିରେ ରହୁଥିବା ଜଗତ୍‌ସିଂହପୁରର ସ୍ମୃତିରଞ୍ଜନ ସ୍ୱାଇଁ(୨୭)। ଏନେଇ ପୋଲିସ ଏକ ଠକେଇ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲେ। ଜାମିନ ନ ମିଳିବାରୁ ସ୍ମୃତିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକାମିରେ ପଡିଥିବା ଦେବାଶିଷ ନାୟକଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି।

# ରାଜଧାନୀରେ ଦୁଇ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ଗୋଟିଏ ଘରୁ ମିଳିଲା ମୃତଦେହ

ଭୁବନେଶ୍ୱର,୩୧।୧
(ସୂର୍ଯ୍ୟକାନ୍ତ ବେହେରା)

ଗୋଟିଏ ଘରୁ ଦୁଇ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଠାବ ହୋଇଛି। ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟନଗରସ୍ଥିତ ପଞ୍ଜାବୀ କଲୋନୀରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକଦ୍ୱୟ ହେଲେ ଜଗତ୍‌ସିଂହପୁରର ଦେବାଶିଷ ସାହୁ ଓ ଭୁବନେଶ୍ୱର ପାତ୍ରପଡ଼ା ଅଞ୍ଚଳର ଜ୍ଞାନରଞ୍ଜନ ବେହେରା। ତେବେ ଯୁବକଦ୍ୱୟଙ୍କର ଏକାବେଳେ ପୁଣି ଗୋଟିଏ ଘରେ ମୃତ୍ୟୁ ଘଟଣାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଉଭୟଙ୍କ ପାଟିରୁ ଫେଣ ବାହାରୁଥିବାରୁ ମୃତ୍ୟୁ ପଛରେ ବଡ଼ ଆପରାଧିକ ର୍‍ୟାକେଟ ରହିଥିବା ସନ୍ଦେହ କରାଯାଉଛି। ଖାରବେଳ ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ଦେବାଶିଷ ଓ ଜ୍ଞାନରଞ୍ଜନ 'ମୋ ପିଠା' ନାମକ ସଂସ୍ଥାରେ ସେଲ୍ସମ୍ୟାନ ଭାବେ କାମ କରୁଥିଲେ। ଦେବାଶିଷଙ୍କ ବାପା ମଧ୍ୟ ଉକ୍ତ ସଂସ୍ଥାରେ ମିସ୍ତ୍ରି ଭାବେ କାମ କରୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେବେ ମୃତଦେହ ମିଳିଥିବା ଘରୁ ପୋଲିସ କିଛି ପିଠା ଓ ମଶା ଧୂପ କାଠି ପାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି।

ସୂଚନାନୁସାରେ, ଖାରବେଳନଗର ଥାନା ପଞ୍ଜାବୀ କଲୋନୀରେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ଘରେ ଦେବାଶିଷ ଓ ଜ୍ଞାନରଞ୍ଜନ ରହୁଥିଲେ। ସବୁଦିନ ପରି ଗୁରୁବାର ଦୁହେଁ ସାଙ୍ଗ ହୋଇ ଅଫିସ ଯାଇଥିଲେ। କାମ ସରିବା ପରେ ରାତିରେ ଘରକୁ ଫେରିଥିଲେ। ହେଲେ ଶୁକ୍ରବାର ସକାଳେ କାମ କରୁଥିବା ସଂସ୍ଥାକୁ ଯାଇ ନ ଥିଲେ। ଏନେଇ ସଂସ୍ଥାର ମାଲିକ ଫୋନ କରିଥିଲେ ମଧ୍ୟ ଉଠାଇ ନ ଥିଲେ। ଏହାପରେ ମାଲିକ ଉକ୍ତ ଘରକୁ ଯାଇ କବାଟ ବାଡେଇବାରୁ ଭିତରପଟୁ କୌଣସି ଉତ୍ତର ନ ଆସିବାରୁ ଆଉ ଏକ କବାଟ ପଟେ ଭିତରକୁ ପଶି ଉଭୟଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଏପରିକି ମୁହଁକୁ ପାଣି ମାରିବା ସହ ଛାତିକୁ ଚିପି ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏହାପରେ ସେ ଘର ମାଲିକ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ନେଇଥିଲେ। ହେଲେ ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



ଦୁଇ ଯୁବକଙ୍କ ମୃତଦେହ ମିଳିଥିବା ଘରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

# ଟ୍ରକ୍ ମାଲିକଙ୍କୁ ଗୁଳିମାଡ଼

## ପରିବହନ ବ୍ୟବସାୟକୁ କେନ୍ଦ୍ରକରି ଟାର୍ଗେଟ୍ ସନ୍ଦେହ

ସୁନ୍ଦରଗଡ଼,୩୧।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଭଷ୍ମା ଥାନା ଅନ୍ତର୍ଗତ ଦର୍ଲିପାଲି ଆଶ୍‌ପଣ୍ଡସ୍ଥିତ ବରୋବଗା ଛକରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାବେଳେ ଜଣେ ଟ୍ରକ ମାଲିକଙ୍କ ଉପରକୁ ଗୁଳିମାଡ଼ ହୋଇଛି। ସେହେଲେ ଶରଧାପାଲିର ସୁରଜ ପଟେଲ(୪୦)। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ ରାଉରକେଲା ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି। ସୁରଜ କୋଇଲା ଓ ଆଶ୍ ପରିବହନ ବ୍ୟବସାୟ କରନ୍ତି। ତେଣୁ ପରିବହନ ବ୍ୟବସାୟକୁ କେନ୍ଦ୍ରକରି ତାଙ୍କ ଉପରକୁ ଗୁଳିମାଡ଼ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶ କ୍ରମେ ଭଷ୍ମା ଥାନା ପୋଲିସ ଓ ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତନାଘନା ତଦନ୍ତ ଆରମ୍ଭ କରିଛନ୍ତି। ତାଙ୍କର ଡାହାଣ ପଟ ପେଟରେ କ୍ଷତଚିହ୍ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ସୁରଜ ନିଜ କାର ଯୋଗେ ଦର୍ଲିପାଲି ଯାଇଥିଲେ। ଦର୍ଲିପାଲି ଆଶ୍‌ପଣ୍ଡସ୍ଥିତ ବରୋବଗା ଛକରେ ଥିବାବେଳେ ହଠାତ୍ ୮ଟି ବାଇକରେ ପ୍ରାୟ ୨୦ଜଣ ଯୁବକ ସେଠାରେ ପହଞ୍ଚି ତାଙ୍କ ସହିତ ଝଗଡ଼ା କରିଥିଲେ। ପରେ ଜଣେ ଯୁବକ ତାଙ୍କ ଉପରକୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଏସ୍‌ପି ଦିବାକରଙ୍କ କହିବା ମୁତାବକ, ସୁରଜଙ୍କ ସହିତ କିଛି ଯୁବକ ପହଞ୍ଚି ଝଗଡ଼ା କରୁଥିବା ୩୦ମିଟର ଦୂରତାରେ ଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ ଦେଖିଥିଲେ ଏବଂ କୌଣସି ଗୁଳି ଶବ୍ଦ ଶୁଣି ନ ଥିଲେ। ଗୁଳିକାଣ୍ଡ ଖବର ପାଇ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂହ ଡାକ୍ତରଖାନାରେ ପହଞ୍ଚି ଆହତ ସୁରଜଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ହେଲେ କେଉଁ କାରଣରୁ ଗୁଳିମାଡ଼ ହେଲା ତାହାର ପ୍ରକୃତ କାରଣ ଜଣାପଡ଼ି ନାହିଁ।

# କଲେଜ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ମା'

ବ୍ରହ୍ମପୁର,୩୧।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଲାଞ୍ଜିପଲି ଉମାନଗର ପ୍ରଥମ ଲାଇନରେ ଭଡ଼ାଘରେ ଗୁରୁବାର ଜଣେ ଯୁକ୍ତ ୨ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ଟିକିଟି ଲୋକନାଥପୁର ଗ୍ରାମର ଲକ୍ଷ୍ମୀନୃସିଂହ ପାଢ଼ୀ(୧୭)। ଘର ଭିତରେ ସିଗାରେଟ, ରକ୍ତଛିଟା ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ପଡିଛି। ପୁଅକୁ କେହି ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ଲକ୍ଷ୍ମୀ ନୃସିଂହଙ୍କ ମା' ଅନୁପମା ପାଢ଼ୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରୁଛି। ସେଠାରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଲକ୍ଷ୍ମୀନୃସିଂହ ଲାଞ୍ଜିପଲି ଜାତୀୟ ରାଜପଥକଡ଼ରେ ଥିବା ଅକ୍ସଫୋର୍ଡ ସ୍କୁଲରେ ଯୁକ୍ତ ୨ ବିଜ୍ଞାନ ପଢୁଥିଲେ। ପୁଅର ସୁବିଧା ପାଇଁ ଅନୁପମା ଗତ ୬ ମାସ ହେଲା ଉମାନଗରରେ ଘରଭଡ଼ା ନେଇ ପାଖରେ ରହୁଥିଲେ। ଗୁରୁବାର ଅନୁପମା ଓ ଘର ମାଲିକଙ୍କ ସ୍ତ୍ରୀ ମିଶି ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଅନୁପମା ଘରକୁ ଫେରିବା ବେଳକୁ ଘର କବାଟ ଖୋଲାଥିଲା। ଭିତରେ ଲକ୍ଷ୍ମୀନୃସିଂହ ବସି ରହିଥିବା ବେଳେ ତାଙ୍କ ବେକରେ ଗାମୁଛା ବନ୍ଧାଯାଇ ଏକ ପ୍ଲାଷ୍ଟିକ ରଶି ଛାତରେ ଥିବା ଏକ ହୁକରେ ଲାଗିଥିବା ଦେଖାଯାଇଥିଲା। ପୁଅ ବଞ୍ଚିଥିବ ଭାବି ଘର ମାଲିକଙ୍କ ସହାୟତାରେ ଅନୁପମା ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘରେ ପହଞ୍ଚି ପରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ.୪୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଲକ୍ଷ୍ମୀନୃସିଂହଙ୍କ ବାପା ଅମୀୟ କୁମାର ପାଢୀ ଦୁଇବର୍ଷ ତଳେ ଆତ୍ମହତ୍ୟା କରିଥିଲେ।

# ଗୁଳି ଫୁଟାଇ ୭୦ ହଜାର ଟଙ୍କା, ବାଇକ୍ ଲୁଟ୍

ଧର୍ମଶାଳା/କାଏମା,୩୧।୧
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ଥାନା ଧର୍ମଶାଳା–କବାଟବନ୍ଧ ରାସ୍ତାର ଇମାମନଗର ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଲୁଟ୍ ହୋଇଛି। ମେଡିସିନ୍ କମ୍ପାନୀ ଷ୍ଟାର୍ ହେଲଥ୍ କେୟାରର ଜଣେ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁ ଲଗାଇବା ସହ ବ୍ଲାଙ୍କ୍ ଫାୟାରିଂ କରି ତାଙ୍କଠାରୁ ୭୦ ହଜାର ଟଙ୍କା ସହ ତାଙ୍କ ବାଇକ୍‌କୁ ଦୁର୍ବୃତ୍ତ ଲୁଟିନେଇଛନ୍ତି। କର୍ମଚାରୀ ରଣଜିତ୍ ସେଠୀ ଡୁବୁରୀ ଅଞ୍ଚଳରୁ ଟଙ୍କା ଆଦାୟ କରି ନିଜ ବାଇକ୍‌ରେ ଜାରକା ଫେରୁଥିଲେ। ଜେନାପୁରଠାରୁ ୨ ମୁଖା ପିନ୍ଧା ଯୁବକ ଓଡି୩୪ଏସ୍ ୦୪୭୭ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଲୁଟ୍ କରିଥିଲେ। ପରେ ୧ ରାଉଣ୍ଡ ବ୍ଲାଙ୍କ ଫାୟରିଂ କରିଥିଲେ। ଦୁର୍ବୃତ୍ତ ବ୍ୟବହାର କରିଥିବା ବାଇକକୁ ନିକଟସ୍ଥ କେନାଲକୁ ଫିଙ୍ଗିଦେଇ ରଣଜିତ୍‌ଙ୍କ ବାଇକ୍‌କୁ ନେଇ ଫେରାର୍ ହୋଇଯାଇଥିଲେ। ଖବର ପାଇ ଧର୍ମଶାଳା ଓ ଜେନାପୁର ପୋଲିସ ପହଞ୍ଚି ରଣଜିତଙ୍କୁ ପଚରାଉଚରା କରିବା ସହ ବାଇକ୍‌କୁ ଉଦ୍ଧାର କରିଛନ୍ତି। ଉଦ୍ଧାର ବାଇକ୍‌ଟି ଚୋରାବାଇକ୍ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବାଇକ୍‌ଟି ପୂର୍ବରୁ ଚୋରି ହୋଇଥିବା ଜେନାପୁର ଥାନାରେ ଲିଖିତ ଅଭଯୋଗ ହୋଇଥିଲା। ଧର୍ମଶାଳା ପୋଲିସ ସାଇଣ୍ଟିଫିକ୍ ଟିମ୍ ମାଧ୍ୟମରେ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ଏଟିଏମ୍ ଟଙ୍କା ଜମାକାରୀ ସାଜିଥିଲେ ଲୁଟେରା

## ୫ ଅଭିଯୁକ୍ତ ଗିରଫ, ୭ ଲକ୍ଷ ୮୦ ହଜାର ଟଙ୍କା ଜବତ

ଭବାନୀପାଟଣା,୩୧।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ବିଭିନ୍ନ ଏଟିଏମ୍‌ରେ ଟଙ୍କା ଜମା କରିବା ପାଇଁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍‌ବିଆଇ) ସିକ୍ୟୁର ଭେଲ୍ୟୁ ଇଣ୍ଡିଆ ଏଲ୍‌ଟିଡି ନାମକ ସଂସ୍ଥା ସହ ଚୁକ୍ତିନାମା କରିଛି। ଜିଲା ମୁଖ୍ୟାଳୟ ଷ୍ଟେଟବ୍ୟାଙ୍କରୁ ଏହି ସଂସ୍ଥାର କର୍ମଚାରୀ ଟଙ୍କା ନେଇ ବିଭିନ୍ନ ଏଟିଏମ୍‌ରେ ଜମା କରୁଥିଲେ। ହେଲେ ଟଙ୍କା ଲୋଭ ସମ୍ଭାଳି ନ ପାରି ଶେଷରେ ସେମାନେ ଲୁଟେରା ସାଜିଥିଲେ। ପରିଣତି ସ୍ୱରୂପ ସେମାନଙ୍କୁ ଜେଲ ଯିବାକୁ ପଡିଛି। ଘଟଣାରେ ସମ୍ପୃକ୍ତ ଥିବା ଉକ୍ତ ସଂସ୍ଥାର ୩ ଜଣଙ୍କ ସମେତ ଅନ୍ୟ ୨ ସହଯୋଗୀଙ୍କୁ ମିଶାଇ ୫ ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ସଂସ୍ଥାର କର୍ମଚାରୀ ଲକ୍ଷ୍ମୀକାନ୍ତ ରାଣା (୩୨), ଗାଡି ଚାଳକ ପକ୍ଷୀରାଜ ଗଉଡ (୪୨), ସିକ୍ୟୁରିଟି ଗାର୍ଡ ଚଞ୍ଚଳା ରାଉତ (୩୮) ଏବଂ ସହଯୋଗୀ ଅମିର ଗୌଡ଼(୩୦) ଓ ଜିତୁ ଲହଜଲ (୩୩)। ଏମାନଙ୍କଠାରୁ ନଗଦ ୭ ଲକ୍ଷ ୮୦ ହଜାର ଟଙ୍କା, ବିଭିନ୍ନ କମ୍ପାନୀର ୫ ମୋବାଇଲ ଫୋନ ଓ ଏଟିଏମ୍ ଟଙ୍କା ଭର୍ତ୍ତି ଯାନ ଜବତ କରାଯାଇଛି। ଏ ନେଇ ଶୁକ୍ରବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ ଓ ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲ।

ପ୍ରକାଶ ଯେ, ଗତ ଜାନୁଆରୀ ୧୮ ତାରିଖ ରାତି ୧୨ଟା ୩୦ରେ ଉପରୋକ୍ତ ସଂସ୍ଥାର କର୍ମଚାରୀ ଲକ୍ଷ୍ମୀକାନ୍ତ, ପକ୍ଷୀରାଜ ଓ ଚଞ୍ଚଳା ଭବାନୀପାଟଣା ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖାର ଡେପୁଟି ମ୍ୟାନେଜରଙ୍କଠାରୁ ୪.୮୦ କୋଟି ଟଙ୍କା ଜମା କରିବାକୁ ନେଇ ବାକ୍ସରେ ରଖିଥିଲେ। ବାକ୍ସ ଚାବି ଲକ୍ଷ୍ମୀକାନ୍ତଙ୍କ ପାଖରେ ରହିଥିଲା। ସେମାନେ ଭବାନୀପାଟଣାର କିଛି ଏଟିଏମ୍‌କୁ ଯାଇ ଟଙ୍କା ଜମା କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଉପରୋକ୍ତ ୩ ଅଭିଯୁକ୍ତ ସେଠାରୁ ୧୦ ଲକ୍ଷ ଟଙ୍କା ଚୋରି କରି ଭବାନୀପାଟଣା ସହରର ସହଯୋଗୀ ଜିତୁ ଲହଜଲଙ୍କ ପାଖରେ ରଖିଥିଲେ। କିଛି ଏଟିଏମ୍‌ରେ ଟଙ୍କା ଜମା କରିବା ପରେ ୧୦ଲକ୍ଷ ଟଙ୍କା ଅଭାବ ଦେଖା ଯାଇଥିଲା। ବ୍ୟାଙ୍କ ମ୍ୟାନେଜର ସମସ୍ତ କର୍ମଚାରୀଙ୍କୁ ଏହାର ଅନୁସନ୍ଧାନ କରିବାକୁ କହିଥିଲେ। ପରେ ସଂସ୍ଥାର ସହ ଡିଷ୍ଟ୍ରିବ୍ୟୁଟର ଦାୟିତ୍ୱ ନେଇଥିବା ଗୋବିନ୍ଦ ସାହୁ ଅଭାବ ଟଙ୍କାକୁ ନେଇ ବିଶ୍ୱାସ କରି ନ ଥିଲେ। ଶେଷରେ ବହୁ ଖୋଳତାଡ଼ ପରେ ଗତ ୨୮ ତାରିଖରେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଏହି ଘଟଣାର ଉକ୍ତ ସଂସ୍ଥାର ୩ ଜଣ ସମେତ ଅନ୍ୟ ୨ ସହଯୋଗୀଙ୍କ ହାତ ରହିଥିବା ଜଣାପଡିଥିଲା।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ ସୂଚନା ଦେଉଛନ୍ତି।

# ଲାଞ୍ଚ: ଆର୍‌ଆଇଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ

## ୨୦ ହଜାର ଜରିମାନା

ଭବାନୀପାଟଣା,୩୧।୧
(ଉତ୍ତମ କୁମାର ଦାଶ)

ଜମି ଡିମାର୍କେସନ ରିପୋର୍ଟ ଆବେଦନକାରୀଙ୍କ ସପକ୍ଷରେ କରାଇଦେବା ପାଇଁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ରମେଶ ଚନ୍ଦ୍ର ବରାଡ ଲାଞ୍ଚ ନେବା ମାମଲାର ଚୂଡାନ୍ତ ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଆବେଦନକାରୀ ବିରଞ୍ଚି ଚୌଧୁରୀ ନିଜ ଜମି ଡିମାର୍କେଶନ ନିମନ୍ତେ କର୍ଲାମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଡିମାର୍କେସନ ରିପୋର୍ଟ ସପକ୍ଷରେ କରେଇଦେବା ପାଇଁ ରାଜସ୍ୱ ନିରୀକ୍ଷକ ବରାଡ଼ ୨ହଜାର ଟଙ୍କା ଦାବି କରିଥିଲେ। ଏ ସମ୍ପର୍କରେ ଆବେଦନକାରୀ ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିଥିଲେ। ଯୋଜନା ମୁତାବକ ୨୦୨୧ ଏପ୍ରିଲ ୨୨ରେ ରାଜସ୍ୱ ନିରୀକ୍ଷକ ବରାଡ଼ ୨ ହଜାର ଟଙ୍କା ବିରଞ୍ଚିଙ୍କଠାରୁ ଗ୍ରହଣ କରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିନେଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭିଜିଲାନ୍ସ ସୁଧୀର କୁମାର ପଣ୍ଡା ଓ ଅତିରିକ୍ତ ପିପି ଭିଜିଲାନ୍ସ ସ୍ୱରୂପ ରଞ୍ଜନ ରଥ ମାମଲା ପରିଚାଳନା କରୁଥିଲେ।

# ସ୍ତ୍ରୀଙ୍କୁ ହତ୍ୟା: ସ୍ୱାମୀଙ୍କୁ ୮ ବର୍ଷ କାରାଦଣ୍ଡ

ନବରଙ୍ଗପୁର,୩୧।୧(ସଦାଶିବ ପ୍ରହରାଜ)

ସ୍ତ୍ରୀ ହତ୍ୟା ଅଭିଯୋଗରେ ନବରଙ୍ଗପୁର ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ୧୬ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାର କରି ମାଲକାନଗିରି ଜିଲା ନୂଆଗଡ଼ ଗ୍ରାମର ରବି ଖିଲୋଙ୍କୁ ୮ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମୃତ ମହିଳାଙ୍କ ୨ ଜଣ ସନ୍ତାନ ଥିବାରୁ ସେମାନଙ୍କ ଲାଳନ ପାଳନ ପାଇଁ କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାନୁଯାୟୀ ରବି ନବରଙ୍ଗପୁର ଥାନା ଅଧୀନ ବଡ଼ଡ଼ାଇଭଟ୍ଟା ଗ୍ରାମର ସସ୍ମିତା ଖିଲୋକୁ ବିବାହ କରିଥିଲେ। ସସ୍ମିତାଙ୍କୁ ରବି ହତ୍ୟା କରିଥିବା ନେଇ ମୃତକଙ୍କ ମାଆ ୨୦୨୩ ଅଗଷ୍ଟ ୫ରେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ନବରଙ୍ଗପୁର ଥାନାରେ କେସ ନମ୍ବର ୩୩୭/୨୩ରେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ଅଭିଯୁକ୍ତ ରବିଙ୍କୁ ଗିରଫ କରିଥିଲା। ଏହି ମାମଲା ନବରଙ୍ଗପୁର ଜିଲା କୋର୍ଟରେ କେସ ନମ୍ବର ସିଟି ୭୮/୨୩ ରେ ବିଚରଣାଧୀନ ଥିଲା। ମାମଲାକୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟରେ ମନୋଜ କୁମାର ଏକ୍କା ପରିଚାଳନା କରୁଥିଲେ।

## ପୂର୍ବତନ କୁଳପତି ହତ୍ୟା ମାମଲା

# ଦୋଷୀଙ୍କୁ ଆଜୀବନ ଜେଲ୍

ଝାରସୁଗୁଡ଼ା,୩୧।୧(ଆଶିଷ ରଞ୍ଜନ ଦାଶ)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଧ୍ରୁବରାଜ ନାଏକ ହତ୍ୟା ମାମଲାରେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଅତିରିକ୍ତ ଜିଲା ଦୌରାଜଜ୍ ସୁବାସ ଚନ୍ଦ୍ର ଧଳ ଏହି ଘଟଣାର ଅଭିଯୁକ୍ତ ପ୍ରବୀର ଧରୁଆଙ୍କୁ ଆଜୀବନ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା ଦଣ୍ଡ ଶୁଣାଇଛନ୍ତି। ଜରିମାନା ଅନାଦାୟେ ୬ ମାସ ଅଧିକ କାରାଦଣ୍ଡ ଭୋଗିବେ।

ଘଟଣା ଅନୁସାରେ, ପୂର୍ବତନ କୁଳପତି ଧ୍ରୁବରାଜ ନାଏକ ଓ ପ୍ରବୀର ଧରୁଆ ଉଭୟେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଧୀନ ସର୍ଗିଗୁଡ଼ା କୁଆଁରମାଲ ଗ୍ରାମର ବାସିନ୍ଦା। ଧ୍ରୁବରାଜ ସ୍ଥାନୀୟ ଜଙ୍ଗଲ କମିଟି କର୍ମକର୍ତ୍ତା ଥିବାବେଳେ ପ୍ରବୀର ଜଙ୍ଗଲରୁ କାଠ ଆଣି ପରିବାର ପ୍ରତିପୋଷଣ କରୁଥିଲେ। ତେଣୁ ଧ୍ରୁବରାଜ ବାରମ୍ବାର ପ୍ରବୀରଙ୍କୁ ଜଙ୍ଗଲରୁ କାଠ ଚୋରି ନ କରିବା ପାଇଁ ତାଗିଦ କରୁଥିଲେ। ଏଥିସହ ଉଭୟଙ୍କ ମଧ୍ୟରେ ବନ୍ଧରେ ମାଛ ମାରିବାକୁ ନେଇ ପୂର୍ବରୁ ଝଗଡ଼ା ଲାଗି ରହିଥିଲା। ଗତ ତା୨୭।୦୬।୨୦୨୧ରିଖରେ ଧ୍ରୁବରାଜଙ୍କୁ ପ୍ରବୀର ଘରୁ ଟାଣି ଆଣି ଘର ସାମ୍ନାରେ ଧାରୁଆ ଟାଙ୍ଗିଆରେ ହତ୍ୟା କରିଥିଲେ। ପରେ ଧ୍ରୁବରାଜଙ୍କୁ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ନେଇ ଲଇକେରା ଥାନାରେ ଧ୍ରୁବରାଜଙ୍କ ପଡ଼ୋଶୀ ଉଦୟ କୁମାର ପଟେଲଙ୍କ ଏତଲାକ୍ରମେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଅପରାହ୍ନ ୨ଟାରେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ୨୨ଜଣ ସାକ୍ଷୀ, ୩୨ଟି ଦସ୍ତାବିଜ ପ୍ରମାଣ ଆଧାରରେ ପ୍ରବୀରଙ୍କୁ ଆଜୀବନ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ଗଙ୍ଗାଧର ଗଡ଼ନାୟକ ଏହି ମାମଲା ପରିଚାଳନା କରିଥିଲେ।

# ଆଇଟିଡିଏ ପିଏଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର,୩୧।୧
(ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସୁନ୍ଦରଗଡ଼ ଜିଲା ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରୋଜେକ୍ଟ ଆଡ୍‌ମିନିଷ୍ଟ୍ରେଟର୍ (ପିଏ) ବିଶ୍ୱଦର୍ଶୀ ସାହୁଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଯାଞ୍ଚ ପରେ ବିଶ୍ୱଦର୍ଶୀଙ୍କ ନିକଟରୁ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୩୧୮ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ବିଶ୍ୱଦର୍ଶୀଙ୍କ ବିରୋଧରେ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨/୨୦୨୫) ରୁଜୁ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହି ସମ୍ପତ୍ତି ଠୁଳ କରିବାରେ ବିଶ୍ୱଦର୍ଶୀଙ୍କୁ ତାଙ୍କ ସ୍ତ୍ରୀ ସହଯୋଗ କରିଥିବା ଜଣାଡ଼ିବା ପରେ ଭିଜିଲାନ୍ସ ତାଙ୍କୁ ମଧ୍ୟ ମାମଲାରେ ଅଭିଯୁକ୍ତ ଦର୍ଶାଇଛି। ତେବେ ଗିରଫ ପରେ ବିଶ୍ୱଦର୍ଶୀଙ୍କୁ ସୁନ୍ଦରଗଡ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଭିଜିଲାନ୍ସ ପକ୍ଷରୁ ଗୁରୁବାର ବିଶ୍ୱଦର୍ଶୀଙ୍କ ଘର ସମେତ ଭୁବନେଶ୍ୱର, ବାଲେଶ୍ୱର, ଯାଜପୁର ଓ ବଣାଇଁର ୭ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଯାଞ୍ଚ ବେଳେ ବିଶ୍ୱଦର୍ଶୀଙ୍କ ଭୁବନେଶ୍ୱର ଶ୍ରୀରାମନଗରରେ ଦୁଇମହଲା ଆବାସିକ କୋଠା ଓ ଲକ୍ଷ୍ମୀସାଗରସ୍ଥିତ ଭଗବାନ ଟାୱାର ଆପାର୍ଟମେଣ୍ଟରେ ଏକ ଫ୍ଲାଟ୍, ଗୋଟିଏ ଚାରିଚକିଆ ଯାନ, ୪ଟି ଦୁଇଚକିଆ ଯାନ ଓ ୨୧.୧୪ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଥିଲା। ଏଥିସହ ଭୁବନେଶ୍ୱର ଓ ପୁରୀରେ ୯ଟି ପ୍ଲଟ୍, ଘରୁ ୪ ଲକ୍ଷ ୫୧ ହଜାର ଟଙ୍କା, ବ୍ୟାଙ୍କ ଓ ଜୀବନବୀମା ଜମା ୬୧ ଲକ୍ଷ ୪୨ ହଜାର ୬୭୬ ଟଙ୍କା, ପ୍ରାୟ ୧୫୦ ଗ୍ରାମ୍ ସୁନା ଅଳଙ୍କାର ମିଳିଥିଲା। ଏଥିସହ ଖାରବେଳନଗରରେ ଇଭୋସ୍ ଗାଲାକ୍ସି ଆପାର୍ଟମେଣ୍ଟରେ ଏକ ଫ୍ଲାଟ୍ (ନିର୍ମାଣାଧୀନ) କିଣିବାକୁ ବିଶ୍ୱଦର୍ଶୀ ଅଗ୍ରିମ ୮୨ ଲକ୍ଷ ଟଙ୍କା ଦେଇଥିବା ଭିଜିଲାନ୍ସ ପ୍ରମାଣ ପାଇଥିଲା।

# ଟ୍ରାନ୍ସଫର୍ମର କଏଲ୍ ଚୋରିର ପର୍ଦ୍ଦାଫାଶ, ୬ କୋର୍ଟଚାଲାଣ

ବାରିପଦା, ୩୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସଦର ଥାନା ଅଧୀନ ନିଚୁଆପଦା ଅଞ୍ଚଳରୁ ଟ୍ରାନ୍ସଫର୍ମର କଏଲ ଓ ବିଦ୍ୟୁତ ତାର ଚୋରି ଅଭିଯୋଗରେ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରେ ୨ଜଣ ଚୋରି ସାମଗ୍ରୀ କିଣିଥିବା ବ୍ୟବସାୟୀ ଅଛନ୍ତି। ଏମାନଙ୍କ ନିକଟରୁ ୨ ଚାରିଚକିଆ ଗାଡି, ୧୭ଶହ ମିଟର ବିଦ୍ୟୁତ ତାର, ୮୦କି.ଗ୍ରା.ରୁ ଊର୍ଦ୍ଧ୍ୱ ଟ୍ରାନ୍ସଫର୍ମର କଏଲ ଏବଂ ପ୍ରାୟ ୨୦ କି.ଗ୍ରା. ଅନ୍ୟ ବିଦ୍ୟୁତ ତାରକୁ ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ହେଲେ ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଅଞ୍ଚଳର ସୌରଭ କୁମାର ମହାନ୍ତ(୨୨), ଧବଣୀଶୋଳ ଅଞ୍ଚଳର ରଞ୍ଜନ ସିଂ (୨୬), ବିଶେଶ୍ୱର ମହାନ୍ତ(୨୪) ଓ ଜୟନ୍ତ କୁମାର ମହାନ୍ତ(୩୨) ଏବଂ ବ୍ୟବସାୟୀମାନେ ହେଲେ ବାରିପଦା ଟାଉନଥାନା ଅଧୀନ ଛାଞ୍ଚ ଅଞ୍ଚଳର ଏମ୍‌ଡି ଇମ୍‌ତିଆଜ ଓ ତୁଳସୀ ଚଉରା ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗ ରାଜ୍ୟ ଝାଡଗ୍ରାମ ଜିଲା ଗୋପୀବଲ୍ଲଭପୁର ଥାନା ପଣ୍ଡାଛେଞ୍ଚା ଅଞ୍ଚଳର ବିଭାସ କୁମାର ମହାତୋ(୨୮)। ବଡ଼ସାହି, ବାରିପଦା ଓ ମୋରଡା ଥାନା ଅଞ୍ଚଳରେ ଚୋରି ହେଉଥିବା ବିଦ୍ୟୁତ ସାମଗ୍ରୀ ମାମଲାରେ ଅଭିଯୁକ୍ତମାନେ ଜଡିତ ଥିବା ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁଜିତ ପ୍ରଧାନ ଓ ସଦର ଥାନା ଆଇଆଇସି ମଧୁସ୍ମିତା ମହାନ୍ତି ସୂଚନା ଦେଇଛନ୍ତି। ମୋରଡା ବିଦ୍ୟୁତ ସେକ୍ସନରେ ତାର ଓ କଏଲ ଚୋରି ହେବା ନେଇ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ବାରିପଦା ସଦର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ନଂ. ୧୭୯/୭ ଅକ୍ଟୋବର ୨୦୨୪ରେ ରୁଜୁ କରି ତଦନ୍ତ ଚଳାଇଥିଲା।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଚୋରକୁ ଅଡୁଆ ଚାନ୍ଦିନୀ ରାତି,
ଦୁଃଖୀକି ଅଡୁଆ ହେଲେ ପୁଅାତି ।**

ଅନ୍ଧାରରେ ଚୋରି କରିବା ସହଜ। ତେବେ ଚାନ୍ଦିନୀ ରାତିରେ ଚୋରଙ୍କ ପକ୍ଷେ ଚୋରି କରିବାରେ ଅନେକ ବିପଦ ବା ଅସୁବିଧା ରହିଥାଏ। କାରଣ ଆଲୁଅ ଯୋଗୁ ଧରାପଡିଯିବାର ଭୟ ରହିଥାଏ। ସେହିପରି ଦୁଃଖୀରଙ୍କି ବ୍ୟକ୍ତି ବଡ଼ ଦୁଃଖ କଷ୍ଟରେ ନିଜ ଗୁଜୁରାଣ ମେଣ୍ଟାଉଥିବା ସ୍ଥଳେ ସନ୍ତାନ ହେଲେ ତା'ର ଭରଣପୋଷଣ କରାଇବା ତାଙ୍କ ପକ୍ଷେ ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୋର ମୁହଁ କି ସବୁବେଳେ ଗୋଜା ?**

ଚୋର ଘରେ ସବୁବେଳେ ଅନ୍ଧାର ନ ଥାଏ। ଚୋର ଚୋରି କରି ଯେତେ ଭୁରୁଡ଼ି ମାରିଲେ ମଧ୍ୟ ଦିନେ ନା ଦିନେ ସେ ଧରାପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୧୦ ବନ୍ଧୁକ, ୮ ଗୁଳି ଜବତ ମାମଲାର ରାୟ ପ୍ରକାଶ

# ୨ ଦୋଷୀଙ୍କୁ ୩ବର୍ଷ ଲେଖାଏ ଜେଲଦଣ୍ଡ

ଭୁବନେଶ୍ୱର,୩୧।୧(ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଗ୍ରାମ ନିକଟରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୧୦ ବନ୍ଧୁକ ଓ ୮ ଗୁଳି ଜବତ କରିବା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହି ଘଟଣାରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ସିଜେଏମ୍)ଙ୍କ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ବୁଟୁ ଓରଫ ବସନ୍ତ ମହାରଣା ଓ ଖୋର୍ଦ୍ଧା ଟାଉନ ଥାନା ଜାମୁ ସାହିର ଜଗା ଓରଫ ଜଗନ ଓରଫ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ। ଉଭୟଙ୍କୁ ୩ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ମାମଲା ଅନୁଯାୟୀ, ୨୦୨୧ ଜୁଲାଇ ୧୭ରେ ବୁଟୁ ଓ ଜଗନ ଜଙ୍କିଆ–ରଣପୁର ରାସ୍ତାରେ ବନ୍ଧୁକ ଡିଲ୍ କରୁଥିବାବେଳେ ଏସ୍‌ଟିଏଫ୍ ଟିମ୍ ସେମାନଙ୍କୁ କାବୁ କରି ଏକ ବନ୍ଧୁକଭର୍ତ୍ତି ବସ୍ତା ଜବତ କରିଥିଲା। ବସ୍ତାରୁ ୫ଟି ଦେଶୀ ଏସ୍‌ବିଏମ୍‌ଏଲ୍ ବନ୍ଧୁକ, ୯ ଏମ୍‌ଏମ୍ ପିସ୍ତଲ, ଗୋଟିଏ ରିଭଲଭର୍, ୩ ସିଙ୍ଗ୍ ସୁଟ୍ ପିସ୍ତଲ ଓ ୮ ଗୁଳି ମିଳିଥିଲା। ବୁଟୁ ଓ ଜଗନ ଦୀର୍ଘଦିନ ହେବ ବନ୍ଧୁକ କାରବାର କରୁଥିବା ଏସ୍‌ଟିଏଫ୍ ସୂଚନା ଦେଇଥିଲା। ଏନେଇ ଆର୍ମସ ଆକ୍ଟର ଦଫା ୨୫ ଓ ୨୭ରେ ଏସ୍‌ଟିଏଫ୍ ମାମଲା (ନଂ.୨୪/୨୦୨୧) ରୁଜୁ କରି ଗିରଫ ଦୁଇଜଣଙ୍କୁ କୋର୍ଟଚାଲାଣ କରିଥିଲା। ଶୁଣାଣି ସମୟରେ ୬ଜଣଙ୍କ ସାକ୍ଷ୍ୟ ଓ ୮ଟି ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ବୀରେନ୍ଦ୍ର କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ସତ୍ୟବ୍ରତ ରାଉତ ବିଧାନସଭା ସଚିବ

ଭୁବନେଶ୍ୱର,୩୧।୧(ଅନିଲ ଦାସ): ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ତଥା ବରିଷ୍ଠ ଆଇଏଏସ୍ ଅଫିସର ସତ୍ୟବ୍ରତ ରାଉତଙ୍କୁ ରାଜ୍ୟ ସରକାର ବିଧାନସଭା ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅବସରପ୍ରାପ୍ତ ଅଧିକାରୀ ଦାଶରଥି ଶତପଥୀ ବିଧାନସଭା ସଚିବ ତଥା ଓଏସଡି ଭାବେ ଦାୟିତ୍ୱ ତୁଲାଉଥିଲେ।

# ରାଜ୍ୟ ନିର୍ବାଚନ କମିଶନର ଦାୟିତ୍ୱ ନେଲେ ମଧୁସୂଦନ ପାଢ଼ୀ



ଭୁବନେଶ୍ୱର,୩୧।୧(ଅନିଲ ଦାସ) ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ମଧୁସୂଦନ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ତୋଶାଳୀ ଭବନସ୍ଥିତ ରାଜ୍ୟ ନିର୍ବାଚନ କମିଶନର କାର୍ଯ୍ୟାଳୟରେ ପୂର୍ବତନ ନିର୍ବାଚନ ଆୟୁକ୍ତ ଆଦିତ୍ୟ ପ୍ରସାଦ ପାଢ଼ୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ରାଜ୍ୟ ନିର୍ବାଚନ କମିଶନର କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଫୁଲତୋଡ଼ା ଦେଇ ନୂଆ ଆୟୁକ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଅଧିକାରୀମାନଙ୍କ ସହ ଆଲୋଚନା କରି ପାଢ଼ୀ ସମସ୍ତଙ୍କୁ ନିଷ୍ଠାପର ଓ ଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରି ରାଜ୍ୟବାସୀଙ୍କ ଆସ୍ଥାଭାଜନ ହେବାକୁ ସେ ଅଧିକାରୀମାନଙ୍କୁ କହିଛନ୍ତି। ମଧୁସୂଦନ ପାଢ଼ୀ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପରେ ପ୍ରଥମେ ସେ କନ୍ଧମାଳ ଜିଲା ବାଲିଗୁଡ଼ାର ସବ୍‌କଲେକ୍ଟର ଭାବରେ କାର୍ଯ୍ୟ କରିଥିଲେ। ପରେ ସେ ବିଭିନ୍ନ ବିଭାଗର ସଚିବ ଏବଂ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି। ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ସେ କହିଛନ୍ତି, ଆଗକୁ ପୌର ଓ ପଞ୍ଚାୟତ ନିର୍ବାଚନ ରହିଛି। ଶୃଙ୍ଖଳିତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ବଡ଼ ଚ୍ୟାଲେଞ୍ଜ ରହିବ। ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇଛି। ନିର୍ବାଚନ ପରିଚାଳନାରେ ପୂର୍ବ ଅନୁଭୂତି ସାହାଯ୍ୟ କରିବ। ନୂଆ ଭୋଟରମାନଙ୍କୁ ନିର୍ବାଚନ ପାଇଁ ଆକୃଷ୍ଟ କରିବା ବଡ଼ ଆହ୍ୱାନ ରହିବ। ସୂଚନାଯୋଗ୍ୟ, ୨୦୧୯ରୁ ପୂର୍ବତନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୪ ଅଗଷ୍ଟରେ ଶେଷ ହୋଇଥିଲା। ତେବେ ନୂତନ ନିର୍ବାଚନ କମିଶନର ନିଯୁକ୍ତି ହୋଇ ନ ଥିବାରୁ ସେ ଏହି ପଦବୀରେ ରହିଥିଲେ। ରାଜ୍ୟ ସରକାର ମଧୁସୂଦନ ପାଢ଼ୀଙ୍କୁ ନୂତନ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି।

# ଅନ୍ତେବାସୀଙ୍କୁ ନିର୍ଯାତନା ମାମଲା ସିଲ୍ ହେଲା 'ସମର୍ଥ'

ସମ୍ବଲପୁର,୩୧।୧(ପ୍ରମୋଦ ବହିଦାର) ସମ୍ବଲପୁର ଜିଲା ଧନୁପାଲି ଥାନା ନେତାଜୀ କଲୋନିସ୍ଥିତ ସମର୍ଥ ମାନସିକ ଅନଗ୍ରସର ରୋଗୀ ଥଇଥାନ କେନ୍ଦ୍ରକୁ ଶୁକ୍ରବାର ସମ୍ପୂର୍ଣ୍ଣ ଭାବେ ସିଲ୍ କରାଯାଇଛି। ଏଠାରେ ରହୁଥିବା ସମସ୍ତ ୪୨ ମାନସିକ ଅନଗ୍ରସର ଅନ୍ତେବାସୀଙ୍କୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବୀର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ସ୍ଥାନାନ୍ତର କରାଯାଇଛି। ସେମାନଙ୍କୁ ବୈଜାମୁଣ୍ଡାସ୍ଥିତ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ନବନିର୍ମିତ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ(ଆଇଆଇସି)କୁ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ବସ୍‌ରେ ନିଆଯାଇଥିଲା। ସାଙ୍ଗରେ ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ, ସମ୍ବଲ ଓ ପରିଚୟ ଅନୁଷ୍ଠାନ ସ୍ୱେଚ୍ଛାସେବୀମାନେ ରହିଥିଲେ। ସ୍ଥାନାନ୍ତରିତ ହୋଇଥିବା ୪୨ ଜଣ ଅନ୍ତେବାସୀଙ୍କ ମଧ୍ୟରେ ୧୫ ମହିଳା, ୨୫ ଜଣ ପୁରୁଷ ଓ ୨ ଜଣ ନାବାଳକ ରହିଛନ୍ତି। ଅନ୍ୟପକ୍ଷରେ ସଂସ୍ଥା ସମ୍ପାଦକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଥିବା ମହିଳା ଅନ୍ତେବାସୀଙ୍କୁ ସଖି ଥଇଥାନ କେନ୍ଦ୍ରରେ ରଖାଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସମର୍ଥ ଥଇଥାନ କେନ୍ଦ୍ରର ଦାୟିତ୍ୱ ଅପସାରଣ କରାଯାଇ ବର୍ତ୍ତମାନ ଅନ୍ତେବାସୀଙ୍କୁ ଯତ୍ନ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ପିପୁଲ୍ସ ଫୋରମକୁ ଦିଆଯାଇଛି। ଶୁକ୍ରବାରଠାରୁ ପିପୁଲ୍ସ ଫୋରମ୍ ସେମାନଙ୍କ ଯତ୍ନନେବା କାର୍ଯ୍ୟ ଆରମ୍ଭ କରିଛି। ଅନ୍ତେବାସୀଙ୍କ ସହାୟତା ପାଇଁ ଏଠାରେ ଉକ୍ତ ସଂସ୍ଥା ୧୭ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିଛି। ପ୍ରଥମ ଦିନରେ ଅନ୍ତେବାସୀଙ୍କୁ ଗତ ୩ ଦିନ ଧରି ଖାଦ୍ୟ ଯୋଗାଇ ଆସିଥିବା ସମ୍ବଲ ଅନୁଷ୍ଠାନ ପକ୍ଷରୁ ମଧ୍ୟାହ୍ନଭୋଜନ ପରଷା ଯାଇଥିଲା। ନୂତନ କେନ୍ଦ୍ରରେ ଥଇଥାନ ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବୀର ମହାନନ୍ଦ, ପିପୁଲ୍ସ ଫୋରମ ଅଧ୍ୟକ୍ଷ ସଞ୍ଜୟ ଜେଠୀ, ସମ୍ବଲ ଅନୁଷ୍ଠାନର ସୁବ୍ରତ ପଣ୍ଡା, ପରିଚୟ ଅନୁଷ୍ଠାନର ବିପିନ ପଣ୍ଡା ଉପସ୍ଥିତ ଥିଲେ।


ଅନ୍ତେବାସୀଙ୍କୁ ବସ୍ ଯୋଗେ ସ୍ଥାନାନ୍ତର କରାଯାଉଛି।


## NOTICE INVITING TENDER
### Office of District Manager
### Odisha State Civil Supplies Corporation Ltd.(OSCSC), Subarnapur

No.CAD-2289 Phone: 7092925898

**TENDER No-167, Dated 27.01.2025**

**Cost of Tender Document: Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-I transport contractor for transporation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date: **27.01.2025, At-5.00 PM** Downloadable from website: www.oscsc.in, www.foododisha.in & www.tendersodisha.gov.in. |
| 2 | Date, Time and Venue for pre-bid conference | On Dt.**28.01.2025**, At-11.00 AM Place-Conference Hall of Collectorate, Subarnapur |
| 3 | Last date and time for **online** submission of completed Tender documents with enclosures | Through e-Procurement Portal: www.tendersodisha.gov.in Upto 5.00 PM of dt.10.02.2025 |
| 4 | Date, Time and Venue for opening of Technical bid by the Tender Committee | On dt.11.02.2025 at 11 A.M. Place Conference Hall of Collectorate, Subarnapur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.11.02.2025, at 4.00 P.M. Place- Conference Hall of Collectorate, Subarnapur |
| 6 | Date & Time of Financial Bid opening by the Tender Committee (only of Technically Qualified Bidders) | To be announced after technical bid evaluation |
| 7 | Venue of the Opening of Technical & Financial Bids | Conference Hall of Collectorate, Subarnapur |
| 8 | Validity Period | Tenders are to remain open for acceptance for 15 days inclusive of date of opening of tender. Note: The Managing Director, OSCSC Ltd., Bhubaneswar may at his discretion extend this day by 14 (Fourteen) days and such extension shall be binding on the bidders |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk Telephone No. | **(i) OSCSC Ltd.** District Manager: No.- 9337442488 Accounts Head No. 7092925898 **(ii) State Procurement Cell: 0674-2530998/ 18003456765** |

By Order of Collector
Sd./- District Manager
OSCSC Ltd., Subarnapur
OIPR-07030/11/0005/2425

GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE SUPERINTENDING ENGINEER, PURI (R&B) DIVISION, PURI
WORKS DEPARTMENT
**Tender call Notice**
E-mail : eerbpuri@yahoo.co.in
**Bid Identification No. SE (R&B) Puri-44/2024-25**

**No.B-885** : The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Single cover / Double Cover** system in ONLINE MODE from the eligible class of contractors registered with the State Governments and contractors of equivalent Grade/Class registered with Central Government / Railways :

1. Nature of Work : Building Work
2. No. of Work : 5 Nos.
3. Tender Cost : Rs. 10000.00 / Rs. 6000.00 (On-Line)
4. Class of bidders : 'C' & 'B' Class
5. Available of Bid document in the Website : From 10.00 A.M. of Dt. 01.02.2025 to 05.00 P.M. of Dt. 15.02.2025
6. Last Date of receipt of tender : Dt. 15.02.2025 up to 05.00 P.M.
7. Date of opening of Bid : Dt. 17.02.2025 at 11.00 A.M.
8. The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Superintending Engineer,
Puri (R&B) Division, Puri
OIPR-34064/11/0020/2425

GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER, MAIN DAM DIVISION, BURLA
Email Id: semaindamdivn@gmail.com
**AUCTION SALE NOTICE No. MDD-02/2024-25**
No. MDD/ Dated:
No. A-991: Sealed tender in conformity with the terms & conditions are invited from interested persons/firms for sale of unserviceable surplus stock materials of Main Dam Division, Burla.

1. No. of unserviceable surplus stock materials : 2 Lots
2. Upset value : Rs.4,08,700/-
3. Date & time of availability of tender document : From 04.02.2025 at 10.00 A.M. upto 13.02.2025 at 5.00 P.M.
4. Last date & time for receipt of tender in Division Office Drop Box : 14.02.2025 upto 11.00 A.M.
5. Date & time of opening of tender in the Division office : 14.02.2025 at 5.00 P.M.

Please visit website **https://dowrodisha.gov.in** or **https://odisha.gov.in** or **https://sambalpur.nic.in** for details.
Sd./- Superintending Engineer
Main Dam Division, Burla
OIPR-32017/11/0009/2425

## Government of Odisha
## Sports & Youth Services Department
Kalinga Stadium, Bhubaneswar - 751012
Email : deptsportsodisha@gmail.com
No. SYS-SEB-Events-0008-2024-2225/SYS Dated: January 29, 2025
**RFP for Engagement of Agencies for Conducting State-wide National & International Marathons**

**No.TT-17** : Sports and Youth Services Department, Government of Odisha invites bids from reputed agencies for the RFP for "Engagement of Agencies for Conducting State-wide National & International Marathons" for Sports Youth & Services Department, Government of Odisha". The details of the document are available at the below mentioned website.
Website : https://tendersodisha.gov.in & https://sports.odisha.gov.in
Interested firms / parties / agencies are advised to study the RFP document carefully before submitting their bid.

**Important Dates & Information :**
**Date of Publication of RFP : 29th January 2025**
**Last Date and Time for Submission of Pre-Bid Queries : 09th February 2025, 05:00 P.M.**
**Pre-Bid Meeting : 11th February 2025, 11:00 A.M.**
**Last Date and Time for Submission of Bid : 20th February 2025, 04:00 P.M.**
**Opening of Technical Bid : 21st February 2025, 11:00 A.M.**
OIPR-29001/11/0043/2425 Sd./- Director Sports

## OFFICE OF THE SUPERINTENDING ENGINEER, RWSS DIVISION, BERHAMPUR
Near Jarada Bunglow, Pin - 760004, Ph. - 0680-2296344
eerwss_bam@nic.in, rwssbam@gmail.com
Government of Odisha "e" Procurement Notice
**NATIONAL COMPETITIVE BIDDING**
**Bid Identification No. EERWSSBAM-ID-13-of-2024-25**

**No.O-1357** : The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in Double Cover system according to the norm of "e" Procurement system in online mode for electrification works in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. sceme in Ganjam District |
| 2 | No. of Work (Tender) | 01 No. |
| 3 | Estimated cost (Approximate) | 178.02 Lakhs |
| 4 | Period of completion | 210 days |
| 5 | Date & Time of availability of bid document in the Portal | From 03.02.2025 at 11.00 hrs to 23.02.2025 up to 17.00 hrs |
| 6 | Last date & time for seeking clarification | 18.02.2025 up to 17.00 hrs |
| 7 | Dt. of opening of Bid | 24.02.2025 at 11.00 hrs |
| 8 | Last date / Time for receipt of bids in the Portal | 23.02.2025 up to 17.00 hrs |
| 9 | Name & address of the Officer inviting tender | Superintending Engineer, RWSS Division, Near Jarada Bunglow, berhampur-760004, Dist. Ganjam, Odisha |

Further details can be seen from the e-procurement portal https://tendersorissa.gov.in
Sd./- Executive Engineer
RWS&S Division, Berhampur
OIPR-25035/11/0008/2425

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553
Lifeline of Odisha

No. CAD-2418
**TENDER ALERT**

**1)Tender Call Notice No. 16/2024-25:** Hiring of commercial diesel run light vehicle (AC 7 seater Mahindra Bolero or equivalent) at the office of DGM under EHT (O&M) Division, Paradeep.
**2)Tender Call Notice No. 05/2024-25:** Supply of different clamps and connectors for replacement of single moose Bus/Jumper by Twin Moose in different 220kV feeders at 400/220/132kV Grid S/S, Meramundali under EHT (O&M) Division, Meramundali.
**3)E-Tender Call Notice No. 06/2024-25:** Supply of 02 Nos. Junction Box cum 200A MCCB Panel and 02 Nos. Outdoor Type ACB Panels for 750KVA and 500KVA Aux. Transformer of 400/220/132kV Grid S/S, Meramundali under EHT (O&M) Division, Meramundali.
**4)Tender Call Notice No. 09/2024-25:** Supply, installation & modification of ACDB panel at GSS Puri under EHT (O&M) Division, Puri.
**5)Tender Call Notice No. 10/2024-25:** Renovation of switchyard fencing at GSS Samangara under EHT (O&M) Division, Puri.
**6)Tender Call Notice No. 11/2024-25:** Procurement & installation of 07 Nos. Air condition machine at GSS Puri under EHT (O&M) Division, Puri.
**7)Tender Call Notice No. 04 of 24-25:** Tenders are invited from eligible bidders for sl no "01 & 02" under Civil Works Circle, Bhubaneswar.
**8)Tender Call Notice No. 24/BAM/2024-25:** Supply of 16 Nos. of 40W Solar LED Pole Mounted Street light (Make-HPL, Havels, Philips) with complete fittings for 132/33kV Grid Substation, Chatrapur, Ganjam & Balugaon under EHT (O&M) Division, Chatrapur under EHT (O&M) Circle, Berhampur.
**9)Tender Call Notice No. BLN-21/2024-25:** PCC with re-metalling work at 220/132/33kV Grid Sub-station, Kesinga under EHT (O&M) Division, Kesinga under EHT (O&M) Circle, Bolangir.
**10)Tender Call Notice No. 17/BBS/2024-25:** Repairing of 76 Nos. of damaged Tower stubs of 132kV Khurda- Balugaon, 132kV Khurda- Mendhasal & 132kV Khurda- Kaipadar Traction Line under EHT (O&M) Division, Khurda under EHT (O&M) Circle, Bhubaneswar.
**11)Tender Call Notice No. 18/BBS/2024-25:** Erection & installation of 250KVA, 33/0.4kV second station transformer at 132/33kV Grid Sub-station Puri under EHT (O&M) Circle, Bhubaneswar.
**12)Tender Call Notice No. 07/2024-25:** One time cleaning of bushes and removal of extra Soil from Tower Coping(Leg) and painting (with Black Enamel Point up to 01Mtr) of 220kV Balangir- Kesinga DC Line under EHT (O&M) Division, Kesinga.
**13)Tender Call Notice No. 04/2024-25:** Supply of flexible copper earthbonds at 220/33kV Grid S/S Gobindapalli under EHT (O&M) Division, Malkangiri.
**14)Tender Call Notice No. ED-SZ-BAM-07/2024-25: Package 1:** Construction of wire mesh fencing at 132kV & 33kV switchyard of 132/33kV Grid Sub-station, Chatrapur under EHT (O&M) Division, Chatrapur, **Package 2:** Construction of GI chain link mesh fencing for switchyard of 132/33kV Grid Sub-station, Rayagada under EHT (O&M) Division, Rayagada under ED Southern Zone, Berhampur.
**15)Tender Call Notice No. 10/2024-25:** Supply & application of materials for arresting oil leakage in 132/33kV 20MVA Power Transformer-I at Grid S/S Polaspanga under EHT (O&M) Division, Joda.
**16)Tender Call Notice No. CHP-03/2024-25:** Supply of Blue Crystal Silica Gel, Copper Earth Bond and Breather for Power Transformer for different units under EHT (O&M) Circle, Chainpal.
**17)Tender Call Notice No. 05/2024-25:** One time uprooting, cleaning of grasses & shrubs of Metal area of 132kV and 33kV S/Y area & Non-metal area of different Grid S/S under EHT (O&M) Division, Baripada.
**18)Tender Call Notice No. ND-04/2024-25:** Painting of DG room, Fire-fighting room & water storage tank at 400kV TL S/S S/D New Duburi under EHT (O&M) Division, New Duburi.
**19)Tender Call Notice No. ND-05/2024-25:** Grass cleaning around the periphery of 400/220/33kV switch-yard area at 400kV TL S/S S/D New Duburi under EHT (O&M) Division, New Duburi.
**20)Tender Call Notice No. 11/2024-25:** Supply of different types of flexible copper earth bond required for Grid Sub-stations under EHT (O&M) Division, Cuttack.
**21)E-Tender Call Notice No. 03/2024-25:** Supply of 120 Watt LED flood light, 90Watt LED street light, 36 Watt down LED lights/ceiling panel lights(2ft*2ft), 18Watt(170mm*170mm) square LED light, 18Watt circular LED light with (Complete Set) for different Grid S/S under EHT (O&M) Circle, Jeypore.
**22)Tender Call Notice No. 03/2024-25:** Oil filtration followed by painting of 1 No. 12.5MVA Bharat Bijlee Make & 1 No. 20MVA BHEL make power Transformer at 132/33kV GSS, Sunabeda under EHT (O&M) Division, Jayanagar.
**23)Tender Call Notice No. 12/2024-25:** Refilling of different capacity of fire extinguishers (Ceasefire make) available at various Grid Sub-stations under EHT(O&M) Division, Cuttack.
For more details please visit OPTCL's website: **www.optcl.co.in.**
OIPR-04011/11/0090/2425 FIPR-45/2024-25
/optcl.odisha /optcl_odisha

## ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ମାଲକାନଗିରି
Dist: Malkangiri: 764048, Phone No.: 06861-230409, Fax No.:06861-230279, Email:ori_dmalkangiri.nic.in
ପତ୍ର ସଂଖ୍ୟା ୪୪୩ ତାରିଖ ୨୮.୦୧.୨୫
**ବିଜ୍ଞାପନ**

No.i-456:ଏତଦ୍ଦ୍ୱାରା ମାଲକାନଗିରି ଜିଲ୍ଲାର ୭ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏବଂ ଜବକାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଏବଂ ସମଗ୍ର ଶିକ୍ଷା ଯୋଜନା ୨୦୨୪-୨୦୨୫ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ପଞ୍ଚାୟତସମିତିସ୍ତରୀୟ ଜନଶୁଣାଣି ଶିବିର ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି । ଅତଏବ ଏହି ଯୋଜନା ସମ୍ବନ୍ଧୀୟ କୌଣସି ଆପତ୍ତି, ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଇଲେ ସେଗୁଡିକ ଉପରେ ବିଚାର ବିମର୍ଶ କରାଯିବ ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ ୧୧ ଟିକାଠାରୁ | ନୋଡାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | କୋରୁକୋଣ୍ଡା | ୧୮.୦୨.୨୦୨୫ | ମୁଖ୍ୟ ନିର୍ବାହୀ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |
| ୨ | ଖଇରପୁଟ | ୧୯.୦୨.୨୦୨୫ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Rev) | ପଞ୍ଚାୟତ ସମିତି, ଖଇରପୁଟ |
| ୩ | ପଡିଆ | ୨୦.୦୨.୨୦୨୫ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Gen) | ପଞ୍ଚାୟତ ସମିତି, ପଡିଆ |
| ୪ | ମାଥିଲି | ୨୧.୦୨.୨୦୨୫ | ଉପଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଥିଲି |
| ୫ | କାଲିମେଳା | ୨୫.୦୨.୨୦୨୫ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Gen) | ପଞ୍ଚାୟତ ସମିତି, କାଲିମେଳା |
| ୬ | ଚିତ୍ରକୋଣ୍ଡା | ୨୭.୦୨.୨୦୨୫ | ମୁଖ୍ୟ ନିର୍ବାହୀ ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ମାଲକାନଗିରି | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୭ | ମାଲକାନଗିରି | ୨୮.୦୨.୨୦୨୫ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି (Rev) | ପଞ୍ଚାୟତ ସମିତି, ମାଲକାନଗିରି |

OIPR-19401/11/0010/2425 ସ୍ୱା./– ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ମନରେଗା ମାଲକାନଗିରି

## ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
ପତ୍ର ସଂଖ୍ୟା 249 ତାରିଖ 29.01.2025
**ସାର୍ବଜନୀନ ନିଲାମ ଇସ୍ତାହାର**


**No.C-1557:**ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର ଅଧୀନସ୍ଥ ନିମ୍ନଲିଖିତ ଦୈନିକ ବଜାର, ସାପ୍ତାହିକ ବଜାର ଏବଂ ସାଇକେଲ ଷ୍ଟାଣ୍ଡ/ପାର୍କିଂର ମାହାସୁଲ ଆଦାୟ ଏକ ବର୍ଷ ପାଇଁ ତାରିଖ ୦୧.୦୪.୨୦୨୫ ଠାରୁ ୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ ଠିକା ଦିଆଯିବ । ଏଣୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟ କିମ୍ବା ବିଜ୍ଞାପିତ ଅଞ୍ଚଳ ପରିଷଦ ପଦ୍ମପୁରର ୱେବସାଇଟ www.padampurnac.in ରୁ ୦୧.୦୨.୨୦୨୫ ଠାରୁ ୧୨.୦୨.୨୦୨୫ ରିଖ ମଧ୍ୟରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଦିଷ୍ଟ ଫର୍ମ ପାଇପାରିବେ । ପରିଷଦ କାର୍ଯ୍ୟାଳୟରେ କୋରିଅର/ପୋଷ୍ଟାଲ ଡାକ ମାଧ୍ୟମରେ ତା.୧୫.୦୨.୨୦୨୫ ରିଖ ଅପରାହ୍ନ ୪.୦୦ ଘ ସୁଦ୍ଧା ପହଞ୍ଚିବା ଆବଶ୍ୟକ ।

| କ୍ରମିକ ନଂ. | ସଇରାତର ନାମ | ବର୍ଷ | ଅଫସେଟର ମୂଲ୍ୟ | ଅମାନତ ମୂଲ୍ୟ ଅଫସେଟ ଦର (ସ୍ଥିରୀକୃତ)ର ୧୦ ଶତାଂଶ | ଟେଣ୍ଡର ପେପର ମୂଲ୍ୟ |
|---|---|---|---|---|---|
| ୧ | ଦୈନିକ ବଜାର | ୧ | ୨,୪୭,୦୦୦/- | ୨୪,୭୦୦/- | ୨୦୦୦/- |
| ୨ | ସାପ୍ତାହିକ ବଜାର | ୧ | ୨,୦୬,୦୦୦/- | ୨୦,୬୦୦/- | ୨୦୦୦/- |
| ୩ | ସାଇକେଲ ଷ୍ଟାଣ୍ଡ ପାର୍କିଂ | ୧ | ୮୪,୦୦୦/- | ୮୪୦୦/- | ୪୦୦/- |

କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବଂ ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । ଏହାଛଡା କର୍ତ୍ତୃପକ୍ଷ ଚାହିଁଲେ, କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ/ନାକଚ କରିପାରିବେ । ନିଲାମରେ ଭାଗ ନେବାକୁ ଅନ୍ୟାନ୍ୟ ସର୍ତ୍ତାବଳୀ ଟେଣ୍ଡର ପେପର ସହ ପାଇବେ ।
OIPR-13118/11/0020/2425 ସ୍ୱା./–କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ
### (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
ପତ୍ର ସଂଖ୍ୟା: ୫୨/ଡି.ସି.ପି.ୟୁ/୨୫ ତାରିଖ: ୩୦।୧।୨୫

No. g-169: ଏତଦ୍ଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନରେ ଦିଆଯାଇଥିବା ଶିଶୁଟିକୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଗଞ୍ଜାମ, ବ୍ରହ୍ମପୁରଙ୍କଠାରେ ହାଜର କରାଯାଇ କମିଟିଙ୍କ ନିର୍ଦ୍ଦେଶ କ୍ରମେ ବର୍ତ୍ତମାନ ଶିଶୁଟିକୁ ପୋଷ୍ୟ ସନ୍ତାନ କେନ୍ଦ୍ର ଉତ୍କଳ ବାଳାଶ୍ରମ, ବ୍ରହ୍ମପୁରଠାରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି। ପ୍ରକାଶ ଥାଉକି ଉକ୍ତ ଶିଶୁଟିର କେହି ଯଦି ଜନ୍ମିତ ପିତା, ମାତା, ଅଭିଭାବକ ଓ ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ କାର୍ଯ୍ୟାଳୟ ରିକାପଲ୍ଲୀ ଛତ୍ରପୁରଙ୍କ ଫୋନ୍: ୦୬୮୧୧୨୯୧୧୮୮, ୯୪୩୯୪୫୮୭୭୩ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ, ଗଞ୍ଜାମ, ବ୍ରହ୍ମପୁରଙ୍କ ଫୋନ୍: ୦୬୮୦୩୫୯୫୦୭୭, ୯୪୩୭୩୨୩୧୨୮ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ନେଇଯିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନା ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | CWC Case ନମ୍ବର | ଉଦ୍ଧାର କରାଯାଇଥିବା ସ୍ଥାନ/ତାରିଖ | ବର୍ତ୍ତମାନ ରହୁଥିବା ସ୍ଥାନ | ଫଟୋ |
|---|---|---|---|---|---|---|---|
| ୧ | ଜଣା ନାହିଁ | ପୁଅ | ୨୩।୦୬।୨୦୨୨ | ୩୬୩/୨୦୨୨ | ରମ୍ଭା ଥାନା ଅନ୍ତର୍ଗତ ସୁବୁଲିଆ ପଞ୍ଚାୟତର ବେଲପଡ଼ା ଗ୍ରାମର ବନ୍ଧହିଡ଼ଠାରୁ, ତାରିଖ: ୨୩।୦୬।୨୦୨୨ | ପୋଷ୍ୟ ସନ୍ତାନ କେନ୍ଦ୍ର, ଉତ୍କଳ ବାଳାଶ୍ରମ, ବ୍ରହ୍ମପୁର |  |

OIPR-33041/11/0003/2425 ସ୍ୱା./– ଜିଲ୍ଲାପାଳ

## DISTRICT PROJECT OFFICE
## SAMAGRA SHIKSHA, MALKANGIRI
No. 676 /Pedagogy Dated. 28.01.2025
**NOTICE INVITING TENDER (NIT)**

**No.n-199** : Sealed tenders are invited from the reputed & credible printers/ firms / agencies for printing & supply of "Question cum Answer Sheets, Answer Key & Oral questions" for SA-II 2024-25 for Class-I to VIII Students in two bid systems (Technical & Financial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2024-25 for Class-I to VIII Students | Rs.2000/- (Rupees two thousand only) | Rs.40,000/- (Rupees forty thousand only) | 12.02.2025 by 5.00 P.M. | 13.02.2025 at 11.00 A.M. |

The detailed BID document is available in the website http://malkangiri.odisha.gov.in & www.osepa.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence, potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept / reject any full or part/all BID/ cancel the entire selection process at any stage without assigning any reason thereof.
By orders of Collector-cum-Chairman
Sd./- DEO-cum-DPC,
Samagra Shiksha, Malkangiri
OIPR-27064/11/0006/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER,
BHUBANESWAR (R&B) DIVISION NO.I, BHUBANESWAR
INVITATIONS FOR BIDS THROUGH e-Procurement
No. 63 Date : 27.01.2025
Mail i.d. : eebbsr1@yahoo.co.in

**Bid Identification No. C.C. (R&B) 01** e-Procurement Notice No. ( ) of 2024-25
**No. B-882** : The Superintending Engineer, (R&B) Division No.I, Bhubaneswar on behalf of the Governor of Odisha invites percentage rate bids for Double cover system (online) for works as detailed in table below.

| Sl. No. | Name of the work | Approximate Estimated cost put to Tender (Rs. In Lakh) | EMD / Bid Security | Cost of Bid Document | Class of Contractor | period of Completion |
|---|---|---|---|---|---|---|
| 1 | S/R to Kalpana to Jagannath Ashram for the year 2024-25 such as laying of SDBC from RD 0/000 Km to RD 0/900 Km (Both side in Periodical Renewal Coat.) | Rs.69.89 | Rs.70,000/- | Rs.10,000/- Online | "B" Class Only | 03 (Three) Calendar months |
| 2 | repair and Restoration work to Road from jharapada-Koradakanta for the year 2024-25 from RD 0/000 Km to 0/560 Km. | Rs.48.73 | Rs.49,000/- | Rs.10,000/- Online | "B" Class Only | 03 (Three) Calendar months |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersorissa.gov.in.
Bid documents will be available in the above website from 11:00 A.M. of 31.01.2025 to 5.30 P.M. of 14.02.2025.
Bids of the above work shall be opened at -12.30 P.M. of 15.02.2025.
The bidder must possess matching class compatible Digital Signature Certificate (DSC).
Further details and other terms and conditions can be seen from DTCN in the e-Procurement web site www.tendersorissa.gov.in
N.B.: Subsequent corrigendum / addendum if required shall be available in the website as indicated above.
Sd./- Er. Prabhudatta Pradhan
Superintending Engineer, BBSR (R&B) Division No.I, Bhubaneswar
OIPR-34076/11/0016/2425

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL
No.O-1355
E-Mail:sencrwangul@yahoo.co.in, Ph:06764-236404
No.419 Dt.28.1.25
**NOTICE INVITING TENDER FOR ROAD WORKS IN ODISHA**
**Bid Identification No. Road Online AGL-22/2024-25**

1.Name of the Work : Road Work, 2. Total No. of Work: 01 No. 3. Estimated Cost: Rs.579.37 Lakhs 4. Class of Contractor: As per Annexure, 5. Period of Completion: As per Annexure, 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online- AGL-22/2024-25 | 31.01.25 at 10.00 A.M. | 14.02.25 upto 5.00 P.M. | 13.02.25 upto 1.00 P.M. | 15.02.25 at 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in
OIPR-25180/11/0033/2425 Sd./- Chief Engineer, Rural Works Circle, Angul

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୃଷି ଆୟ ବାର୍ଷିକ ୫.୨୩% ହାରରେ ବୃଦ୍ଧି

**ଅର୍ଥନୈତିକ ସର୍ଭେ ରିପୋର୍ଟ**

**ନୂଆଦିଲ୍ଲୀ,୩୧।୧**

କ୍ରମାଗତ ଭାବେ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିପାଇ ଚାଲିଛି। ଏପରିକି ବିଗତ କିଛି ବର୍ଷ ମଧ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଖାଦ୍ୟଶସ୍ୟ ଉତ୍ପାଦନ ୩୧୦.୭ ମିଲିୟନ ଟନ ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହାର ପରିମାଣ ୩୩୨.୩୦ମିଲିୟନ ଟନରେ ପହଞ୍ଚିଛି। ସେହିଭଳି ବିଗତ ବର୍ଷଗୁଡ଼ିକରେ (୨୦୧୬-୧୭ ଆର୍ଥିକ ବର୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷ) କୃଷି କ୍ଷେତ୍ରରେ ବାର୍ଷିକ ହାରାହାରି ୫% ଅଭିବୃଦ୍ଧି ରେକର୍ଡ କରାଯାଇଛି। ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସ କୃଷି କ୍ଷେତ୍ରରେ ୩.୫% ଅଭିବୃଦ୍ଧି ରେକର୍ଡ କରାଯାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଗ୍ରସ୍ ଭାଲ୍ୟୁ ଆଡେଡ୍ (ଜିଭିଏ) ୨୦୧୫ ଆର୍ଥିକ ବର୍ଷରେ ୨୪.୩୮% ଥିବାବେଳେ ୨୦୨୩ ଆର୍ଥିକ ବର୍ଷରେ ଏହା ୩୦.୨୩%କୁ ବୃଦ୍ଧି ପାଇଛି। ଏପରିକି ଅର୍ଥନୀତିରେ ସାମଗ୍ରିକ ଜିଭିଏର ୨୦% ଅଂଶ ସହିତ କୃଷିର କ୍ରମାଗତ ଏବଂ ସ୍ଥିର ଅଭିବୃଦ୍ଧି ପାଖାପାଖି ୫%, ଜିଭିଏରେ ୧% ଅଭିବୃଦ୍ଧି ଯୋଗଦାନ କରିବ। ସେହିପରି ଅର୍ଥନୈତିକ ସର୍ଭେରେ ଅଟକଳ କରାଯାଇଛି, ୨୦୨୪ରେ ଖରିଫ ଶସ୍ୟ




ଉତ୍ପାଦନ ୧୬୪୭.୦୫ ଲକ୍ଷ ମେଟ୍ରିକ୍ ଟନ୍ (ଏଲଏମଟି) ରେ ପହଞ୍ଚିବ, ଯାହା ପୂର୍ବ ବର୍ଷ ତୁଳନାରେ ୮୯.୩୭ ଲକ୍ଷ ମେଟ୍ରିକ ଟନ୍ ଅଧିକ ରହିଛି। ସମୀକ୍ଷା ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ବାର୍ଷିକ କୃଷି ଆୟ ୫.୨୩% ବୃଦ୍ଧି ପାଇଛି। ସେହିପରି କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରାମଣ ସଂସଦରେ ଶୁକ୍ରବାର ଅର୍ଥନୈତିକ ସର୍ବେକ୍ଷଣ ୨୦୨୪-୨୫ର ରିପୋର୍ଟ ଉପସ୍ଥାପନ କରି କହିଥିଲେ, ଉତ୍ପାଦକତା ଏବଂ ଫସଲ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ କୃଷି ଆୟ ବୃଦ୍ଧି ଭଳି ସରକାରୀ ପଦକ୍ଷେପ ଦ୍ୱାରା ଭାରତର କୃଷି କ୍ଷେତ୍ର ସାମ୍ପ୍ରତିକ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ସ୍ଥିରତା ଦେଖାଦେଇଛି। ଏପରିକି ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ପାଲଟିଛି, ଯାହା ଜାତୀୟ ଆୟ ଏବଂ ନିଯୁକ୍ତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ଅର୍ଥନୈତିକ ସର୍ଭେରେ କୁହାଯାଇଛି, ସରକାର କୃଷକ ଆୟ ଦ୍ୱିଗୁଣିତ (ଡିଏଫଆଇ) ରିପୋର୍ଟ ୨୦୧୬ର ସୁପାରିସ ଆଧାରରେ କୃଷି ଉତ୍ପାଦକତା ଏବଂ କୃଷକ ଆୟ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରୁଛନ୍ତି। ଫସଲ ଓ ପଶୁସମ୍ପଦ ଉତ୍ପାଦକତା ବୃଦ୍ଧି, ଫସଲର ତୀବ୍ରତା ବୃଦ୍ଧି ଏବଂ ଉଚ୍ଚ ମୂଲ୍ୟର ଫସଲ ଗ୍ରହଣ କରିବା ପାଇଁ ବିଭିନ୍ନ ରଣନୀତି ବିଷୟରେ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜାତୀୟ ନିରନ୍ତର କୃଷି ମିଶନ (ଏନ୍‌ଏମ୍‌ଏସ୍‌ଏ) ଅଧୀନରେ ସରକାର ପର ଡ୍ରପ ମୋର କ୍ରପ୍ (ପିଡିଏମ୍‌ସି) ଭଳି ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୩୧।୧**

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୪୧(୭୪୦.୭୬)ପଏଣ୍ଟ ବଢି ୭୭,୫୦୧ (୭୭,୫୦୦.୫୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫୯ (୨୫୮.୯୦) ପଏଣ୍ଟ ବୃଦ୍ଧି ଘଟି ୨୩,୫୦୮(୨୩,୫୦୮.୪୦) ଅଙ୍କରେ କାରବାର ଶେଷ କରିଥିଲା।

# ବିପିଏଫଟିର ଆଇକନିକ୍ ସଂସ୍କରଣ

**ନୂଆଦିଲ୍ଲୀ,୩୧।୧**

ବ୍ଲେଣ୍ଡର୍ସ ପ୍ରାଇଡ ଫ୍ୟାସନ ଟୁର ବା ବିପିଏଫ୍‌ଟିର ଆଇକନିକ୍ ସଂସ୍କରଣ 'ଦ ୱାନ ଆଣ୍ଡ ଓନଲି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଟୁର ବା ୨୦୨୫ ସଂସ୍କରଣ ଏକ ଅତ୍ୟାଧୁନିକ ଅଭିଯାନ ଆରମ୍ଭ କରିବ। ଯାହା ବିଶ୍ୱସ୍ତରୀୟ ଫ୍ୟାସନ, ସଙ୍ଗୀତ ଏବଂ ମନୋରଞ୍ଜନର ଚମତ୍କାର କାର୍ଯ୍ୟକ୍ରମକୁ ଏକା ସାଙ୍ଗରେ ଆଣିବ। ଅପରପକ୍ଷରେ ଫ୍ୟାସନ ଡିଜାଇନ କାଉନସିଲ ଅଫ୍ ଇଣ୍ଡିଆ (ଏଫଡିସିଆଇ) ସହ ପୁଣି ଥରେ ଯୋଡ଼ି ହୋଇ ଏହି ଫ୍ୟାଶନ ଟୁର ଭାରତର ସବୁଠାରୁ ଆକର୍ଷଣୀୟ ଷ୍ଟାଇଲ ଆଇକନ ସହିତ ଫ୍ୟାସନରେ ଭାରତର ସବୁଠାରୁ ଆକର୍ଷଣୀୟ ସ୍ୱରଗୁଡ଼ିକୁ ଏକତ୍ର ନେଇ ଆସୁଛି, ଯାହା ନିଶ୍ଚିତ ଭାବେ ଦେଶର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ପ୍ରତ୍ୟେକ ସହରରେ ଏହି ଟୁର ଭିନ୍ନ ଭିନ୍ନ କାହାଣୀ ସୃଷ୍ଟି କରିବ।

ଏ ସମ୍ପର୍କରେ ପର୍ନୋଡ ରିକାର୍ଡ




ଇଣ୍ଡିଆର ଚିଫ ମାର୍କେଟିଂ ଅଫିସର କାର୍ତ୍ତିକ ମହିନ୍ଦ୍ରା କହିଛନ୍ତି, ଏଫଡିସିଆଇ ସହ ମିଶି ଆମେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ସୃଷ୍ଟି କରୁଛୁ, ଯେଉଁଠାରେ ପ୍ରତ୍ୟେକ ଡିଜାଇନର, ସେଲିବ୍ରିଟି ଏବଂ ଅନୁଭୂତି ଏକାଠି ହୋଇ ସୃଜନଶୀଳତାର ଏକ ଚମତ୍କାର ମିଶ୍ରଣ ସୃଷ୍ଟି କରିବେ। ଏହି ଟୁର୍ ନୂଆ ସହରକୁ ଯାଉଛି, ଯେଉଁଠାରେ ଆମର ଯୁବ ଉପଭୋକ୍ତାମାନେ ବିଶ୍ୱସ୍ତରୀୟ ଫ୍ୟାଶନ ଆଇକନ ଏବଂ ଅଭିଜ୍ଞତା ଦ୍ୱାରା ଅନୁପ୍ରାଣିତ ହେବେ।

ସେହିଭଳି ଏଫଡିସିଆଇର ଅଧ୍ୟକ୍ଷ ସୁନୀଲ ସେଠୀ କହିଛନ୍ତି, ଆମେ ବିପିଏଫଟି ସହ ମିଶି ଫ୍ୟାଶନର ଦୁଇଟି ପାୱାରହାଉସକୁ ଏକାଠି କରିଛୁ, ଯାହା ଦେଶବ୍ୟାପୀ ଦର୍ଶକଙ୍କୁ ଆକର୍ଷିତ କରିବ।

# ଆର୍ଥିକ ପରିବର୍ତ୍ତନ ଦିଗରେ ବେଦାନ୍ତର ପ୍ରୟାସ

**ଭୁବନେଶ୍ୱର,୩୧।୧ (ଅଭୟ ଦାଶ)**

ଓଡ଼ିଶାର ବିକାଶ ଏବଂ ଆର୍ଥିକ ପରିବର୍ତ୍ତନ ଦିଗରେ ବେଦାନ୍ତ ଆଲୁମିନିୟମର ପ୍ରୟାସ ଜାରି ରହିଛି। ଏପରିକି ନିକଟରେ ଅନୁଷ୍ଠିତ ହୋଇଯାଇଥିବା ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ ରେ ସାମିଲହୋଇ ବେଦାନ୍ତ ଆଲୁମିନିୟମ ଏକ ବ୍ୟାପକ ପ୍ରଦର୍ଶନୀର ପ୍ରସ୍ତୁତ କରିଥିଲା, ଯେଉଁଥିରେ କମ୍ପାନୀର ଇଏସ୍‌ଜି ଅଭ୍ୟାସ ସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ପ୍ରଭାବ ପଦକ୍ଷେପଗୁଡ଼ିକୁ ଅନ୍ତର୍ଭୁକ୍ତକରି ବିବିଧ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ସେହିଭଳି କନ୍‌କ୍ଲେଭର ପ୍ରଥମ ଦିନରେ କମ୍ପାନୀ ୧ ଲକ୍ଷ କୋଟି ଟଙ୍କାର ନୂତନ ନିବେଶ ସମ୍ପର୍କରେ ଘୋଷଣା କରିଥିଲାବେଳେ ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

ବେଦାନ୍ତ ଗ୍ରୁପ୍‌ର ପ୍ରତିଷ୍ଠାତା ଏବଂ




ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଏହି ନିବେଶ ସମ୍ମିଳନୀର ନେତୃତ୍ୱ ନେଇଥିଲେ। ତାଙ୍କର ନେତୃତ୍ୱ ରାଜ୍ୟର ସମୃଦ୍ଧି ପାଇଁ କମ୍ପାନୀର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବାରେ ସହାୟକ ହୋଇଛି। ଏହି କାର୍ଯ୍ୟକ୍ରମରେ ବେଦାନ୍ତ ଆଲୁମିନିୟମ ନିଯୁକ୍ତି, ଶିକ୍ଷା ଏବଂ ଭିତ୍ତିଭୂମି ପାଇଁ ଏକ ଉତ୍ପ୍ରେରକ ହେବାରେ ଏହାର ପ୍ରୟାସ ପ୍ରଦର୍ଶନ କରିଥିଲା, ଯାହା ଓଡ଼ିଶାକୁ ଏକ ଶିଳ୍ପ ଶକ୍ତିଶାଳୀରେ ପରିଣତ କରିଥିଲା। ବେଦାନ୍ତ ଷ୍ଟଲ୍‌ରେ ପରିଦର୍ଶକମାନେ କମ୍ପାନୀର ବିଶ୍ୱସ୍ତରୀୟ ଉତ୍ପାଦଗୁଡ଼ିକର ପ୍ରଦର୍ଶନ ଏବଂ ରାଜ୍ୟର ପ୍ରଗତିରେ କମ୍ପାନୀର ବ୍ୟାପକ ଅବଦାନ ବିଷୟରେ ଅନ୍ତର୍ଦୃଷ୍ଟି ପାଇଥିଲେ। ବେଦାନ୍ତ ଆଲୁମିନିୟମ ଏହାର ଆଗାମୀ ଆଲୁମିନିୟମ ପାର୍କକୁ ମଧ୍ୟ ପରିଚିତ କରାଇଥିଲା, ଯାହା ଭାରତର ସର୍ବବୃହତ୍ ଧାତୁ ପାର୍କ ହେବାକୁ ଯାଉଛି। ୨୫୩ ଏକର ପରିବ୍ୟାପ୍ତ ଏହି ପାର୍କକୁ ଡାଉନଷ୍ଟ୍ରିମ୍ ଶିଳ୍ପ ପାଇଁ ଏକ ୱାନ୍-ଷ୍ଟପ୍ ହବ୍ ଭାବେ କଳ୍ପନା କରାଯାଇଛ। ଏହାଦ୍ୱାରା ଓଡ଼ିଶାର ଝାରସୁଗୁଡ଼ାଠାରେ କମ୍ପାନୀର ମେଗା ଆଲୁମିନିୟମ ପ୍ଲାଣ୍ଟରୁ ଉଚ୍ଚମାନର ଗରମ ଧାତୁ ବ୍ୟବହାର କରାଯାଇପାରିବ।

ସେହିଭଳି ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଓଡ଼ିଶା ସହ ଆମର ସହଭାଗିତା ପ୍ରଦର୍ଶନ କରିବା ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ହୋଇଛି। ଏହା ସାରା ବିଶ୍ୱର ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରକରି ରାଜ୍ୟର ଅପାର ମୂଲ୍ୟ ଏବଂ ସମ୍ଭାବନାକୁ ପ୍ରଦର୍ଶନ କରିଛି।

# ମହାକୁମ୍ଭକୁ ବିମାନସେବାର କ୍ଷମତା ବୃଦ୍ଧି

**ନୂଆଦିଲ୍ଲୀ,୩୧।୧**

ଦେଶର ପ୍ରମୁଖ ଘରୋଇ ଏୟାରଲାଇନ ଇଣ୍ଡିଗୋ ପକ୍ଷରୁ ଫ୍ଲାଇଟ ଓ ବିମାନର ସିଟ୍ କ୍ଷମତାକୁ ବହୁମାତ୍ରାରେ ବୃଦ୍ଧି କରାଯାଇଛି। ଏପରିକି ମହାକୁମ୍ଭ (କୁମ୍ଭମେଳା) ୨୦୨୫ ଅବଧି ସମୟ ମଧ୍ୟରେ ପ୍ରୟାଗରାଜ ଏୟାରପୋର୍ଟକୁ ବହୁ ସଂଖ୍ୟାର ଯାତ୍ରୀ ଆସୁଛନ୍ତି। ଏହି ଏୟାରପୋର୍ଟରୁ ଫ୍ଲାଇଟ୍ ଓ ବିମାନର ସିଟ୍ କ୍ଷମତାକୁ କମ୍ପାନୀ ବହୁମାତ୍ରାରେ ବଢ଼ାଇଛି। ସେହିଭଳି ପ୍ରୟାଗରାଜ ରୁଟ୍ (ଆକାଶ ମାର୍ଗ)ରେ ଯାତ୍ରା ପାଇଁ ଅପ୍ରତ୍ୟାଶିତ ଭାବେ ବିମାନ ଓ ଯାତ୍ରୀ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ନିକଟରେ ଇଣ୍ଡିଗୋ ପକ୍ଷରୁ ଅଧିକ ଫ୍ଲାଇଟ୍‌କୁ ମଧ୍ୟ ସାମିଲ କରାଯାଇଛି। ଏହି ସ୍ୱତନ୍ତ୍ର ଅବଧି ପାଇଁ ଏୟାରଲାଇନ ବର୍ତ୍ତମାନ ପ୍ରୟାଗରାଜଠାରୁ ଓ ପ୍ରୟାଗରାଜକୁ ୧,୬୫,୦୦୦ ରୁ ଅଧିକ ସିଟ୍ ସହ ବିମାନ ପରିଚାଳନା କରିବ। ଏହା ଏୟାରପୋର୍ଟର ସାଧାରଣ କ୍ଷମତାଠାରୁ ୨ ଗୁଣ ଅଧିକ ହେବ ବୋଲି କୁହାଯାଉଛି। ସେହିପରି ଏହି ଅବଧି ସମୟରେ ଇଣ୍ଡିଗୋ ଏୟାରଲାଇନ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଲକ୍ଷ୍ନୌ, ରାୟପୁର ଏବଂ ଭୁବନେଶ୍ୱର ଭଳି ବର୍ତ୍ତମାନର କନେକ୍ଟିଭିଟି ରୁଟ୍ ସମେତ ଅହମ୍ମଦାବାଦ, କୋଲକାତା ଏବଂ ଜୟପୁର କନେକ୍ଟିଭିଟିକୁ ମଧ୍ୟ ସାମିଲକରି ପ୍ରୟାଗରାଜକୁ ଭାରତର ୧୦ଟି ସ୍ଥାନ ସହ ସଂଯୋଗ କରିବ। ଏହାବ୍ୟତୀତ ଏୟାରଲାଇନ ତା'ର ସବୁଠାରୁ ବଡ଼ ଏୟାରକ୍ରାଫ୍ଟ ଏ୩୨୧ର ଫ୍ରିକ୍ୱେନ୍ସି ଓ ପରିଚାଳନାକୁ ଅନ୍ତର୍ଭୁକ୍ତକରି ପ୍ରୟାଗରାଜଠାରୁ ଓ ପ୍ରୟାଗରାଜକୁ ବିଦ୍ୟମାନ ରୁଟ୍‌ଗୁଡ଼ିକରେ ନିୟୋଜିତ କ୍ଷମତା ବୃଦ୍ଧି କରିଛି। କମ୍ପାନୀର ୪୯୦ଟି ନିୟମିତ ସେବାକୁ ବୃଦ୍ଧି ସହ ଏହି ସହରକୁ ଓ ସହରରୁ ପ୍ରାୟ ୯୦୦ ଫ୍ଲାଇଟ୍‌ର ପରିଚାଳନା କରିବ।

# ଫିଲିପ୍ସ ସ୍ମାର୍ଟ ଲାଇଟ ହବ୍ ଉଦ୍‌ଘାଟିତ



ଶହୀଦନଗରଠାରେ 'ଫିଲିପ୍ସ ସ୍ମାର୍ଟ ଲାଇଟ ହବ'କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର,୩୧।୧**

ସିଗ୍ନିଫାଏର ବହୁ ପ୍ରତୀକ୍ଷିତ ତଥା ସର୍ବବୃହତ ଆଉଟଲେଟ 'ଫିଲିପ୍ସ ସ୍ମାର୍ଟ ଲାଇଟ ହବ' ଭୁବନେଶ୍ୱରର ସହିଦନଗରଠାରେ ଉଦଘାଟିତ ହୋଇଯାଇଛି। ଏପରିକି ଏହି ଷ୍ଟୋର ୧୬୦୦ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲାବେଳେ ଉକ୍ତ ଷ୍ଟୋରରେ ୪୫୦ ଏସ୍‌କେୟୁରୁ ଅଧିକର ଏକ ବିସ୍ତୃତ ସିଲେକ୍ସନ ରହିଛି। ଏ ସମ୍ପର୍କରେ ସିଗ୍ନିଫାଏ ଗ୍ରେଟର ଇଣ୍ଡିଆର ସିଇଓ ତଥା ଏମ୍‌ଡି ସୁମିତ ଯୋଶୀ କହିଛନ୍ତି, ଓଡିଶାରେ ଆମେ ଆମର ସବୁଠାରୁ ବଡ ଏସ୍‌ଏଲ୍‌ଏଚ୍ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ଏହା ଆମ ପାଇଁ ଏକ ବଡ ସଫଳତାକୁ ଚିହ୍ନିତ କରୁଛି, କାରଣ ହୋମ୍ ଡେକୋର କ୍ଷେତ୍ରରେ ବିକଶିତ ପସନ୍ଦ ଥିବା ଏକ ବର୍ଦ୍ଧିତ ଗ୍ରାହକ ଆଧାର ସହ ଭୁବନେଶ୍ୱର ଆମ ପାଇଁ ଏକ ପ୍ରମୁଖ ବଜାର ମଧ୍ୟରୁ ଅନ୍ୟତମ ଅଟେ। ଏହି ଶୁଭାରମ୍ଭ ଉଦ୍ଭାବନ ଓ ଗ୍ରାହକ ସନ୍ତୁଷ୍ଟିକରଣ ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି ଏବଂ ଆମେ ଆମର ଗ୍ରାହକଙ୍କୁ ଦେଶର ସବୁଠାରୁ ବିସ୍ତୃତ ଶୃଙ୍ଖଳାର ଲାଇଟିଂ ଉତ୍ପାଦ ପାଇଁ ପହଞ୍ଚ ପ୍ରଦାନ କରି ଖୁସି ଅନୁଭବ କରୁଛୁ। ଆମେ ଭୁବନେଶ୍ୱରକୁ ଏହି ଅତୁଳନୀୟ ସପିଂ ଅନୁଭୂତି ଆଣି ଉତ୍ସାହିତ ଅଛୁ,ଯାହା ଏହି ଅଞ୍ଚଳରେ ଆମର ଗ୍ରାହକଙ୍କୁ ଏକ ବିସ୍ତୃତ ଶୃଙ୍ଖଳାର ଫିଲିପ୍ସ ଡେକୋରେଟିଭ ହୋମ ଲାଇଟିଂ ପ୍ରଡକ୍ଟସ ପାଇଁ ପହଞ୍ଚ ପ୍ରଦାନ କରୁଛି।


# Classified Everyday

**0674-2580101, 9692975378**



**REAL ESTATE**

**SALE**

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact- 9438362399.** D-2772

ମାତ୍ର 50 ହଜାରରେ ଇନ୍‌ଭେଷ୍ଟମେଣ୍ଟ Plot, ଭୁବନେଶ୍ୱର (ଖୋର୍ଦ୍ଧା), ଢେଙ୍କାନାଳ ( ଗୁଡ଼ିଆକାଟେଣୀ) । Contact- 8917622925 D-2762

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-2766

Wallpaper clearance sale upto 50% off starting from Rs.200, At-Vintage Interior Lewis road, Bhubaneswar near Shree Hospital. Ph.- 7008283108, 8249871505 D-2717

**Plot for sale. Ward No.-2, Kabisuryanagar. Contact: 9916023875, 9338283431.** D-2741




Newly open health benefits spa by experience lady therapist. 8658088274. D-76191

Positively Health benefited spa by expert female therapist, Nayapalli. 7846814019 D-76190



**BUSINESS**

School Notebooks for bulk sale, 35% discount for students. 8260232337. D-2758

**AFFIDAVIT**

By virtue of an affidavit sworn before Executive Magistrate, Darpan, Jajpur by AF.No.-204, dated 16.01.2025, I, Sri PRABHAKAR ROUT, At-Kaintipokhari, P.O.- Bantala, P.S.- Byree, Dist.-Jajpur, PIN-754024 declare that I have changed my name from Paramananda Rout to Prabhakar Rout. Henceforth, I shall be known as Prabhakar Rout. D-2774

By virtue of an affidavit sworn before Executive Magistrate, Bhubaneswar, Affidavit No.- 83, dated 30.01.2025, I, Rashmirekha Jena, W/o- Niladri Sahoo, Plot No.- 113/2500/5326, Lane No.- 03, Khandagiri Vihar, Bhubaneswar declare that I have changed my name from "Rasmirekha Jena" to "Rashmirekha Jena". Henceforth, I shall be known as "Rashmirekha Jena" for all purposes. D-2773

Madhusmita Dash, D/o- Girish Chandra Dash, At- Rangabazar, P.O.- Garhshrirampur, Dist.- Khurda- 752100, Odisha declare by this affidavit No.-97, dtd. 29 Jan 2025 that now onwards I shall be known as MADHUSMITA DASH for all purposes. D-2767

By virtue of an affidavit sworn before the Executive Magistrate, Rajnagar, AF No.- 3849, dtd. 22.11.2024, I, Prasanta Kumar Mohanty, At/P.O.- Sansarphal, P.S.- Pattamundai, Dist.- Kendrapara-754217 declare that I have changed my son name from Suprava Mohanty to new name Supravata Mohanty. That now he shall be known as Supravata Mohanty for all purposes. D-2769

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit by Notary, dtd. 28 Jan 2025, Sumi Purty, D/o- Dilip Purty, At- Garamian, Jajpur, Odisha- 755018 to changed my name Sumi Purty to Mini Gagarai for all purposes. D-2768

By virtue of an affidavit sworn before Executive Magistrate, Jagatsinghpur on dated 03.01.2025, I, Parwati Kumari Sahoo, W/o- Late Dhruba Charan Sahoo, Address- Vill- Nachhipur, P.O.- Kantilo, Dist.- Jagatsinghpur, State- Odisha have changed my name from "Parbati Sahoo" to "Parwati Kumari Sahoo". Henceforth, she shall be known as "Parwati Kumari Sahoo" for all purposes. D-2765

I, Banyarani Sahoo, D/o- Dhruba Charan Sahoo, Born on 29.10.1999 residing at Batipada, Mahadeipatana, Kendrapada, 754218 have changed my name to Saveri Swaraa Rout vide affidavit dated 21-01-2025 at Bhubaneswar. D-2776

ମୁଁ ଜସ୍ମିନ ମିଶ୍ର, ୩୬ବର୍ଷ, ସ୍ୱାମୀ- ପଞ୍ଚା ମିଶ୍ର, ନି- ଖୁଣ୍ଟପାଲି, ପୋ- ଚିନାକୁରି, ଥା- ଡୁଙ୍ଗୁରୀପାଲି, ଜି- ସୋନପୁର। ପୋଷ୍ଟାଲ ପଲିସି ନଂ.- R- OR-EA-198710ରେ ମୋର ନାମ ପାର୍ବତୀ ଦାଶ ଅଟେ। ମୋର ବିବାହ ପରେ ଆଧାର କାର୍ଡରେ ମୋର ନାମ ଜସ୍ମିନ ମିଶ୍ର ହୋଇଛି। (ଆଧାର ନଂ.- XXXX XXXX ୦୧୮୫)। ଜସ୍ମିନ ମିଶ୍ର ଓ ପାର୍ବତୀ ଦାଶ ଜଣେ ବ୍ୟକ୍ତି ଅଟେ। ମୁଁ ବରପାଲି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ପାଖରେ (CF No.- 45/2024ରେ ସତ୍ୟପାଠ ଦାଖଲ କରିଅଛି। ଧ-୨୭୭୦

Notice by virtue of an affidavit sworn before G.C. Behera, Notary, Balangir Dated 29.01.2025, I Pandit Padhan son of Mangalu Padhan Born on Date 18.09.1955 Address AT/ P.O.- Gajabahal P.S.- M.Rampur DISTRICT.- Kalahandi (Odisha), PIN- 766031 declare that I have changed my name from Pandit Pradhan to Pandit Padhan. Henceforth, I shall be known as Pandit Padhan for all purposes.
Pandit Padhan D-2778

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଧରିତ୍ରୀ DHARITRI**

**Scan & Pay**


ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶ୍ରୀଯୁକ୍ତ ହରିଶଙ୍କର ତ୍ରିପାଠୀ**

ବିରକୃଷ୍ଣଶରଣପୁର (ବାଟଗାଁ), ବ୍ରାହ୍ମଣ ଶାସନ, ଖଲିକୋଟ, ଗଞ୍ଜାମ


ଆବିର୍ଭାବ: ୦୧।୦୬।୧୯୪୦
ତିରୋଧାନ: ୨୧।୦୧।୨୦୨୫

ଆପଣଙ୍କ ତିରୋଧାନ ଆମ ପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶୋକସନ୍ତପ୍ତ: ଭ୍ରାଇଁ: ପ୍ରକାଶ, ପୁଅ-ବୋହୂ, ନାତି, ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।**

ଧ-୨୭୭୭

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜୟକୃଷ୍ଣ ଶତପଥୀ**

Retd. GPEO
ଅମଲାପଡ଼ା, ଢେଙ୍କାନାଳ ଟାଉନ
ଆବିର୍ଭାବ- ୨୦।୦୧।୧୯୩୩
ତିରୋଧାନ- ୨୧।୦୧।୨୦୨୫

ବାପା, ଆମକୁ ଛାଡ଼ି କେଉଁ ଅଫେରା ରାଇଜକୁ ଚାଲିଗଲ। ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା ଆମମାନଙ୍କ ପାଇଁ ଚିରସ୍ମରଣୀୟ ହୋଇରହୁ। ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକ ସନ୍ତପ୍ତ- ହତଭାଗ୍ୟ ପୁତ୍ର- ନିର୍ମଳ, ରଞ୍ଜନ, ବାପୁ (ଦୀପ୍ତିଶ), ଝିଅ- ନିର୍ମଳା, ନର୍ମଦା, ନୟନା, ନାତି- ଲିପୁ, ଜିତୁ, ସାଇ, ନାତୁଣୀ- ଜେଜି, ଦିଶା, ସିଦ୍ଧି, ଲୁଇ, ଲୋରି ଏବଂ ପରିବାରବର୍ଗ।**

ଧ-୭୫୪୮୭

# ରକ୍ତ

## ଗଳ୍ପ

**ଦୀପ୍ତି ଖଣ୍ଡୁଆଳ**



ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଗଲା ଆମ ଗାଁ ଦାଣ୍ଡରେ...।

ମୁଁ ଛୋଟ ଥିଲି। ବୟସ ଏଗାର। ଗାଁଠାରୁ ଏକ କିଲୋମିଟର ଦୂର ବନମାଳୀ ମଧ୍ୟ ଇଂରାଜୀ ବିଦ୍ୟାପୀଠରେ ଷଷ୍ଠ ଶ୍ରେଣୀରେ ପଢୁଥିଲି। କଚାରାସ୍ତା ଓ କ୍ଲବ ବାଡ଼ିର ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିକୁ ଦେଖି ମୁଁ ଭାବୁଥିଲି, ଆମ ଗାଁ ଥିଲା ଅଧା ସହର, ଅଧା ମଫସଲ। ଗାଁ ଧାରେ ଧାରେ ବୁଦୁବୁଦିଆ କିଆବଣ ଦେଇ ନାରଦିଆ ପଞ୍ଚାୟତକୁ ସଂଯୋଗ କରୁଥିବା ମୋରମ ରାସ୍ତାଟି ଆମ ଘର ପାଖରେ ବଙ୍କେଇ ଏପରି ସର୍ପିଳ ଗତିରେ ଆଗକୁ ବୁଲିଯାଇଥିଲା ଯେ, ଇଂଲିଶ୍ ଏସ୍ ଅକ୍ଷର ପରି ଦେଖାଯାଉଥିଲା। ସେଦିନ ସେଇ ବାଙ୍କ ପାଖରେ ଏକ ଗତିଶୀଳ ସ୍କୁଟର ଆମ ଗାଁର ସୋବନୀ ଅଜାଙ୍କୁ ଧକ୍କା ଦେଇ ଚାଲିଗଲା। ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ମୁଣ୍ଡ ଫାଟି ଅଳତା ପରି ରକ୍ତ ଧାର ଧାର ହୋଇ ବହିଯାଉଥିଲା। ପଲ୍ଲୀ ଗାଁର ଶାନ୍ତ ବାତାବରଣ ଚହଲିଗଲା। କେହି କାହାକୁ ଡାକି ନ ଥିଲେ, ମାତ୍ର ଚାହୁଁ ଚାହୁଁ ଘଟଣାସ୍ଥଳରେ ଜନ ସମାଗମ ହୋଇଗଲା। କିଏ ଦୁଃଖ ଓ ବିସ୍ମୟସୂଚକ କରୁଣ ଗଳାରେ କହିଲା– 'ଆହା... !'

ଆମର ମାଟିଘର। ମୁଁ ସେତେବେଳେ ବାଡ଼ିପଟ ପିଣ୍ଡାରେ ବସି ଛିଣ୍ଡିଯାଇଥିବା ଏକ ନିତ୍ୟ ବ୍ୟବହାର୍ଯ୍ୟ ସ୍ଲିପର ଟେପ୍‌କୁ ଛୁଞ୍ଚି ଓ ନାଇଲନ୍ ସୂତାରେ ସିଲେଇ କରିବାରେ ଲାଗିଥିଲି। ଦୁର୍ଘଟଣା କଥା ଶୁଣି ଅଧୀର ହୋଇପଡ଼ିଲି...।

ରକ୍ତ ଥିଲା ମୋ' ପାଇଁ ଏକ ଭୟାଚ୍ଛନ୍ନ କାରୁଣିକ ଶବ୍ଦ। ରକ୍ତପାତ ଦୃଶ୍ୟ ଦେଖିଲେ ମୋ' ମନରେ ଖେଳିଯାଏ ମର୍ମଭେଦୀ ଶିହରଣ।

ବୋଉ ସେତେବେଳେ ପନିକିରେ ଶୁଖିଲା ନଡ଼ିଆ ପତ୍ରକୁ ଉଞ୍ଚି ସେଥିରୁ ଝୁଣ୍ଟୁକା ବାହାର କରୁଥିଲା ଝାଡୁ ତିଆରି କରିବା ପାଇଁ। ଦୁର୍ଘଟଣା କଥା ଶୁଣି ମୁଁ ଚପଲ ସିଲେଇ ଛାଡ଼ି ଦାଣ୍ଡକୁ ଦଉଡ଼ିବାକୁ ଉଦ୍ୟତ ହେବାବେଳକୁ ବୋଉ ଉଚ୍ଚ ଗଳାରେ ବାରଣ କଲା– 'ଆରେ ଯାଆନା, ଯାଆନା, ରକ୍ତ ଦେଖିଲେ ତୁ ଛାନିଆ ହେଇଯିବୁ...।' ବାସ୍ତବିକ, ବୋଉର ମମତ୍ୱଭରା ବାରଣ ମାନି ମୁଁ ଅଟକି ଯାଇଥିଲି ସେଦିନ।

ଦୀର୍ଘ ବର୍ଷ ପରର ଘଟଣା। ଶୀତଋତୁର ଏକ ରତରତ ଅଳସୀ ସନ୍ଧ୍ୟା। ଆମ ଗ୍ରାମଦେବତୀ ମା' ଉତ୍ତରେଶ୍ୱରୀ ମନ୍ଦିରର ପୂଜାରୀ, ଯିଏ ଆବାଳବୃଦ୍ଧବନିତାଙ୍କ ପାଖରେ 'ପମା ନନା' ଭାବରେ ଜଣାଶୁଣାଥିଲେ, ସ୍ୱାଭାବିକ ସମୟଠାରୁ କିଞ୍ଚିତ୍ ଅନ୍ଧାରରେ ସନ୍ଧ୍ୟା ଆଳତି କରିବା ଥିଲା ତାଙ୍କର ନିୟମିତ ନୀତି।

ସେଦିନ ସନ୍ଧ୍ୟାର ଅବଶେଷ ଥିଲା କୁଜ୍‌ଝଟିକାପୂର୍ଣ୍ଣ। ସେତେବେଳକୁ କେଉଁଠି କାହା ଘର ଆଗରେ କାଁ ଭାଁ ଜଳି ଉଠିଥିଲା ଆଲୋକ। କିନ୍ତୁ ମୃଦୁ ଅନ୍ଧାରଘେରା ଧୂଳି ଧୂସରିତ ମୋରମ ରାସ୍ତାରେ ମୋ' ଚାରି ବର୍ଷର ପୁଅ ମୁମୁନ ଜହ୍ନ ଆଣ୍ଟି ସହ ଚାଲି ଚାଲି ମନ୍ଦିରକୁ ଯାଉଥିଲା। ମୁମୁନ ଗୋଡ଼ ଉପରେ କ'ଣ ଗୋଟେ ସର୍ କିନା ଚାଲିଗଲା, ସାପ ପରି। ସେ ଛିନ୍‌ଛିନ୍ ବାଜିଲା। ଜହ୍ନ ସନ୍ତାପି ହେଲା ମୁମୁନକୁ ସାଙ୍ଗରେ ମନ୍ଦିରକୁ ନେଇଥିବାରୁ। ଏ କଥା ଶୁଣି ପତ୍ନୀ କାନ୍ଦି ଉଠିଲେ। ମୋ' ମନ ପାପ ଛୁଇଁଲା। ମୁଁ ତାକୁ ହସ୍ପିଟାଲ ନେଇଗଲି। ଡାକ୍ତର କହିଲେ, ବ୍ଲଡ ପରୀକ୍ଷା କରାଯିବ। ମୁଁ ମୁମୁନକୁ କାନ୍ଧରେ ପକାଇଥିଲି। ତା' ହାତ ମୋ' ଗଳା ବେଷ୍ଟନ କରିଥିଲା। ଆତଙ୍କିତ ଗଳାରେ ସେ ବିକଳ ହୋଇ ପଚାରିଲା– 'ବାପା! ବ୍ଲଡ୍ କ'ଣ ?'

ମୁମୁନ୍ ତ ନିଶ୍ଚିତ ଜାଣିବ, ତଥାପି ସିରିଞ୍ଜ୍‌ରେ ରକ୍ତ ଟଣା ହେବା ପର୍ଯ୍ୟନ୍ତ ଅନ୍ତତଃ ବ୍ଲଡ୍ ଅର୍ଥ ତା' ପାଇଁ ଅଜଣା ଥାଉ, ଏହା ମୁଁ ଚାହୁଁଥିଲି। ମୁମୁନର ଅବସ୍ଥା କଥା ଘରକୁ ଜଣାଇବା ପାଇଁ ମୁଁ ଫୋନ୍ କରିବାରୁ ପତ୍ନୀ, ମୁମୁନର ଭୟାତୁର ସ୍ୱର ଶୁଣି ପାରିଲେ, 'ବାପା, ବ୍ଲଡ୍ କ'ଣ ? ପତ୍ନୀ ବ୍ୟଥିତ ହୋଇ ହଠାତ୍ ନାଟକୀୟ ଢଙ୍ଗରେ ଆସି ହସ୍ପିଟାଲରେ ହାଜର ହୋଇଗଲେ। ପରୀକ୍ଷାରୁ ଜଣାପଡ଼ିଲା ସାପ କାମୁଡ଼ି ନ ଥିଲା। ମୁମୁନ ଓ ମୋ' ପରିବାର ଚାପମୁକ୍ତ ହୋଇଥିଲୁ।

ଏବେ ମୁଁ ପଚାଶ ବର୍ଷରେ ପଦାର୍ପଣ କରିଥିବା ଜଣେ ପ୍ରୌଢ଼। ସମାଜରେ ପ୍ରତିଷ୍ଠା ଆସିଲାଣି। ମୁମୁନ ଇଞ୍ଜିନିୟରିଂ କରୁଛି। ମୋ' ବୋଉକୁ ଏକସ୍ତରି ବର୍ଷ ବୟସ। ଏଇ ନିକଟରେ ତାକୁ ଜ୍ୱର ହୋଇଥିଲା। ମୁଁ ଯଥାସାଧ୍ୟ ତା' ଚିକିତ୍ସା କରିବାରେ ଲାଗିପଡ଼ିଥିଲି। ଶୀତ ପଡ଼ିଥିଲା। ସେଦିନ ପୂର୍ବାହ୍ଣରେ ବିଛେଇ ହୋଇପଡ଼ିଥିବା ଉଷୁମ ଖରାରେ ଟିକେ ଶୋଇବା ପାଇଁ କାହାକୁ କିଛି ନ କହି ସଉପ ନେଇ ଛାତ ଉପରକୁ ଚାଲି ଯାଇଥିଲା। ସେଠାରେ ଆରାମ କଲା। ମାତ୍ର ଖରା ଟାଣ ହେବାରୁ ସଉପ ଧରି ପୁନଶ୍ଚ ଶିଡ଼ିରେ ଓହ୍ଲାଇଲାବେଳେ ଆଉ ଦୁଇ ଚାରିଟା ପାହାଚ ଅଛି, ତା' ଆଖିରୁ ଜୁଲୁଜୁଲିଆ ପୋକ ବାହାରିଗଲା। ଗୋଡ଼ ଗୋଟିଏ ପାହାଚ ଛାଡ଼ି ଅନ୍ୟ ପାହାଚରେ ପଡ଼ିଯିବାରୁ ସେ ଭାରସାମ୍ୟ ହରାଇ ପଡ଼ିଗଲା। ତା' ଆର୍ତ୍ତଚିତ୍କାର ଶୁଣି ଆମେ ଧାଇଁଆସିଲୁ। ସେଥିରେ ତା' ଆଣ୍ଠୁ କହୁଣି ଛିଡ଼ିଯିବା ସହିତ ମୁଣ୍ଡ ଫାଟି ରକ୍ତ ବହିଲା। ସେ ଆମମାନଙ୍କୁ ଦେଖି 'ପଡ଼ିଗଲି' ବୋଲି କହୁ କହୁ ଅଚେତ ହୋଇଗଲା। ତାକୁ ଅଟୋରିକ୍ସାରେ ହସ୍ପିଟାଲ ନେଇଗଲି। ସେଠାରେ ଡାକ୍ତରଙ୍କ ପାଖରେ ପ୍ରେସ୍‌କ୍ରିପ୍‌ସନ ଲେଖାଇ ଷ୍ଟ୍ରେଚରରେ ଡ୍ରେସିଂ ରୁମ୍‌କୁ ନେଇଗଲି। ରାଜା ବାବୁ ଓ ମୁଁ ବୋଉକୁ ଡ୍ରେସିଂ ବେଡ୍‌ରେ ଶୁଆଇବା ପରେ ତା'ର ଚେତା ଫେରିଆସିଲା। ଡାକ୍ତରଖାନା ପରିବେଶ ଦେଖି ମୋତେ ଅନାଇଲା। ଆଉ କ୍ଷୀଣକଣ୍ଠରେ କହିଲା– 'ମୋର କିଛି ହେଇନି, ମୋତେ ଡାକ୍ତରଖାନାକୁ କାହିଁ ଆଣିଲୁ ?'

ଡ୍ରେସିଂ କରିବାକୁ ପ୍ରସ୍ତୁତ ହେଉଥିବା ରାଜା ବାବୁ କୌତୂହଳୀ ହୋଇ କିଞ୍ଚିତ୍ ଉଚ୍ଚ ଗଳାରେ କହିଲା– 'ମାଉସୀ ସିଭିଅର ରକ୍ତସ୍ରାବ ହେଉଛି ଆପଣଙ୍କର, କିଛି ହେଇନି କ'ଣ ?'

ବଳ ପାଉ ନ ଥିଲେ ବି ବୋଉ ତତ୍‌କ୍ଷଣାତ୍ ଦୁର୍ବଳ ଗଳାରେ ହାତ ଠାରି ମୋତେ କିଛି ନିର୍ଦ୍ଦେଶ ଦେବା ଭଳି କହିଲା– 'ତୁ ବାହାରକୁ ପଳେଇଯା', ରକ୍ତ ଦେଖି ଛାନିଆ ହେଇଯିବୁ...ବାହାରକୁ ପଳା...।'

ମୋତେ ଲାଗିଲା ମୁଁ ସତେଅବା ଛିଡ଼ି ଯାଇଥିବା ଚପଲ ଟେପ୍ ସିଲେଇ କରୁଥିବା ସେହି ଷଷ୍ଠ ଶ୍ରେଣୀର ବାଳକ।

ମୋ: ୯୯୩୮୧୪୫୫୩୪

## ପୁସ୍ତକ ପରିଚୟ

### ପଛକୁ ଫେରି ଚାହିଁଲେ



**ଲେଖକ:** ବିଜୟ କେତନ ପଟ୍ଟନାୟକ
**ପ୍ରକାଶକ:** ସୁଧନ୍ୟା ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/–

ପଛରେ ରହିଯାଇଥିବା ଜୀବନ, ବାଲ୍ୟ–କୈଶୋର ଓ ଯୌବନର ସ୍ମୃତି ଏବଂ ଅନୁଭୂତିକୁ ନେଇ ଆଲୋଚ୍ୟ ପୁସ୍ତକ 'ପଛକୁ ଫେରି ଚାହିଁଲେ'। ମୋଟ ୨୧ଟି ପରିଚ୍ଛେଦ। ମୋ ଗାଁ ମୋ ପିଲାଦିନ, ଗାଁ ଘର ଓ ସ୍କୁଲ୍, ଗାଁମୁଣ୍ଡ ବରୁଣେଇ ପାହାଡ଼ (ଲେଖକଙ୍କ ଜନ୍ମିତ ଗାଁ ମୁକୁନ୍ଦପ୍ରସାଦ ଠିକ୍ ବରୁଣେଇ ପାହାଡ଼ ତଳେ, ଖୋର୍ଦ୍ଧା ଉପକଣ୍ଠରେ), ବଣଭୋଜି, ବିଜେବି ହାଇସ୍କୁଲରେ ମାଧ୍ୟମିକ ଶିକ୍ଷା, ସ୍କୁଲ ସାଙ୍ଗ ସାହେବର ଗାଁ ବାଲକାଟୀ, ଦାଦାଙ୍କ ବାହାଘର, ଗାଁ ଦଶଦୋଳ, ପର ଗାଁ ପାଣି– ମାମୁଘର ଗାଁ, ସାନମା', ଗାଁର ନାଟ୍ୟାଭିନୟ, ଖୋର୍ଦ୍ଧା କଲେଜରେ ପାଠପଢ଼ା, ବାଣୀବିହାର ଜୀବନ ଇତ୍ୟାଦି ହେଉଛି ଏହି ପରିଚ୍ଛେଦଗୁଡ଼ିକର ପ୍ରସଙ୍ଗ; ଯାହାକୁ ଅତି ଅନ୍ତରଙ୍ଗ ଭାବରେ ଲେଖକ ପରିପ୍ରକାଶ କରିଛନ୍ତି। 'ଭୂମିକା'ରେ ଲେଖିଛନ୍ତି ଗ୍ରାମ୍ୟ ଜୀବନର କେତେ ସୁକୁମାର ଅବକାଶର କଥା ଓ କହିଛନ୍ତି– ''ସେ ସମୟର ଘଟଣା ମନେପଡ଼ିଗଲେ ପୁଣିଥରେ ଫେରିଯିବାକୁ ଇଚ୍ଛାହୁଏ ଗାଁ ମାଟିକୁ।'' 'ସୁଧନ୍ୟା'ରେ ଧାରାବାହିକ ଭାବେ ପ୍ରକାଶ ପାଇଥିବା ଲେଖାଗୁଡ଼ିକୁ ଏକତ୍ର କରି ବିଜୟ ନିଜର ଏ ଆତ୍ମଜୀବନୀଟିକୁ ଗ୍ରନ୍ଥରୂପ ଦେଇଛନ୍ତି। ଚଣାହାଟକୁ ଅଷ୍ଟମଙ୍ଗଳା ଭାର ନେଇ ଯିବାବେଳେ ଅମାନିଆ ବଳଦ ଶଗଡ଼କୁ ପାଣିଦଣ୍ଡା ଭିତରକୁ ନେଇଯିବା ଓ ଭାରହାଣ୍ଡି ଭାଙ୍ଗିଯିବାର ବର୍ଣ୍ଣନା ହେଉ ବା ସାନମା'ଙ୍କ କଥା ହେଉ– କେଉଁ କଥାକୁ ମନଖୋଲି କହିବାରେ ଲେଖକଙ୍କର କାର୍ପଣ୍ୟ ନାହିଁ। କଥା ମଝିରେ ନିଜ ରଚିତ କବିତାର ଛୁଙ୍କ ବହିଟିକୁ ରସାସ୍ୱାଦ୍ୟ କରିଛି।

### ଚନ୍ଦ୍ରାବଳୀ



**କବି:** ଅଜୟ କୁମାର ବେହେରା
**ପ୍ରକାଶକ:** ଅଳକା, ଗୋପାଳସାଗର, ଜଗତ୍‌ସିଂହପୁର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୭୫/–

ବହିର ପ୍ରଚ୍ଛଦଲେଖରେ କୁହାଯାଇଛି– ''ପୁରାଣକଳ୍ପ ଆଧାରରେ ସାଧାରଣ ଜୀବନଚର୍ଯ୍ୟାକୁ ନେଇ ରଚିତ କାବ୍ୟଗ୍ରନ୍ଥ 'ଚନ୍ଦ୍ରାବଳୀ'। x x ଏହି କାବ୍ୟଗ୍ରନ୍ଥରେ ନାରୀ ମନସ୍ତତ୍ତ୍ୱର ଗଭୀର ଭାବାବେଗର ଉଚ୍ଛ୍ୱାସ ଓ ଉତ୍ତରଣ ଦେଖିବାକୁ ମିଳେ। x x ଗ୍ରନ୍ଥରେ ସନ୍ନିବେଶିତ କବିତାଗୁଡ଼ିକ ପ୍ରେମାପ୍ଲୁତ କବିଙ୍କ ନିଜସ୍ୱ ଧାରାରେ।'' ଏଇ ଗୌରଚନ୍ଦ୍ରିକା ନେଇ ବହି ଭିତରକୁ ପଶିଲେ କବିଙ୍କ କବିତା ଯେ ପୌରାଣିକ ଚରିତ୍ର 'ଚନ୍ଦ୍ରାବଳୀ'କୁ ନୂଆ ସମୟର ପ୍ରେକ୍ଷାପଟରେ ତୋଳି ଧରିବାର ଏକ ଉପକ୍ରମ ତାହା ବୁଝାଯାଏ। କିନ୍ତୁ ଅଲକ୍ଷ୍ୟ ରହେନାହିଁ ଯେ ଏ 'ଚନ୍ଦ୍ରାବଳୀ' ପୁରାଣର ହୋଇ ବି ଏକ ନୂଆ ଚନ୍ଦ୍ରାବଳୀ। ''ଅନେକ ଦିନରୁ ଚାହିଁ ରହିଛି ମୁଁ/ ପୁଣି ଥରେ ତୁମ ପାଖେ ବିବସନା ହୋଇ/ ମାଗୁଥାଆନ୍ତି ଦିଅ ମୋର ଲୁଗାପଟା ମିଛିମିଛିକାରେ'', ପୁଣି ''ମୋ' କାନ୍ଧରେ ତୁମ କାନ୍ଧ ଛୁଇଁଗଲା ପରେ/ ମୋର ଖାଲି ମନେପଡ଼େ/ ତୁମେ ମୋତେ ଦେଇଥିବା କଥା''– ଏ ଦୁଇଟି ପୃଥକ୍ ପଙ୍‌କ୍ତିରେ ସମୟର ଅତୀତ ଓ ବର୍ତ୍ତମାନ ଏକାଠି ହୋଇଯାଇଥିବାର ଏକ ଅନନ୍ୟ ପ୍ରେମାନୁଭବକୁ ଚିହ୍ନରା ପାଠକେ ଅବଶ୍ୟ ଚିହ୍ନିବେ। କବିତାଗୁଡ଼ିକ ଜଣେ ଜଣକୁ କହୁଥିବାର ଶୈଳୀରେ ବେଶ୍ ମନୋଜ୍ଞ ଶବ୍ଦାବଳୀରେ ରୂପାୟିତ। 'ଚନ୍ଦ୍ରାବଳୀ ବହୁ କ୍ଷେତ୍ରରେ ସାଧାରଣ ମାନବୀ ପରି' ଓ 'ମାନବୀୟ ଚେତନାସିକ୍ତ'– 'ପୃଷ୍ଠବନ୍ଧ'ରେ କବିଙ୍କର ଏହି ଉଲ୍ଲେଖରୁ ମନେହୁଏ, କବି 'ଚନ୍ଦ୍ରାବଳୀ' ଭିତର ଦେଇ ନିଜର ପ୍ରେମାନୁଭବକୁ ହିଁ ରସୋତ୍ତୀର୍ଣ୍ଣ କରିବାକୁ ଚାହିଁଛନ୍ତି। ବହିଟିର ୬୦ଟିଯାକ ପରିଚ୍ଛେଦ ପାଠିକାପାଠକଙ୍କୁ ଯେ ବାନ୍ଧିରଖିବ, ଏ ଆଶା କରାଯାଇପାରେ।

## କବିତା

### ଫୁଲ ଫୁଟିବାର କଥା

**ଚିନ୍ମୟୀ ପଣ୍ଡା**

ମୋ' ବଗିଚାରେ ଚୁପ୍‌ଚାପ୍ ଫୁଲ ଫୁଟୁଥାଏ।

ରଙ୍ଗର ଇନ୍ଦ୍ରଧନୁ ତୋଳି
ପାଖୁଡ଼ା ମେଲି
ପବନର ସୁରେ ନାଚୁଥାଏ ଢଳିଢଳି।

ମୋ' ବଗିଚାରେ ପ୍ରଜାପତି ଉଡ଼େ ଚୁପ୍‌ଚାପ୍।

ସୁନ୍ଦର ଡେଣା ମେଲେଇ
ଫୁଲରୁ ରଙ୍ଗ ଚୋରେଇ
ହସି ହସାଇ
ଖୁସିରେ ମତୁଆଲା ହେଇ।

ମୋ' ବଗିଚାକୁ ଭଅଁର ଆସେ
ବସିଯାଏ ଫୁଲ ଉପରେ
ମଧୁ ପାନ କରେ
ରଙ୍ଗକୁ ନଷ୍ଟ କରେ–

ଯାହା କରେ କ'ଣ ଫୁଲକୁ ପଚାରି କରେ ?

ମୋ' ବଗିଚାକୁ କେତେ କୀଟପତଙ୍ଗ ଆସନ୍ତି
କିଏ ଫୁଲର ପାଖୁଡ଼ା ଖାଏ,
ମଝି କେଶରକୁ ବିଦାରି ଦିଏ,
କିଏ ତା' ସବୁଜ ରସ ପିଏ,

ଯେ ଯାହା କରେ କ'ଣ ଫୁଲକୁ ପଚାରି କରେ ?

ତଥାପି କେମିତି କାହିଁକି
ଭଅଁର ବସୁ
ପ୍ରଜାପତି ହସୁ
କୀଟ ଖୁମ୍ପି ନଷ୍ଟଭ୍ରଷ୍ଟ କରୁ।

ଫୁଲ ତଥାପି ହସୁଥାଏ
ମୋ' ବଗିଚାରେ ଚୁପ୍‌ଚାପ୍ ଫୁଲ ଫୁଟୁଥାଏ।

ମୋ: ୯୮୬୧୧୯୧୯୬୯

### ଜାଲ

**ଡ. ଦୀପକ କୁମାର ମିଶ୍ର**

ଜାଲ ସୂତାରେ ବୁଣାହେଉ କି ସୁନାପାତରେ
କେହି ଜଣେ ତ
ଜିଅନ୍ତା ଛଟପଟ ହେବାଟା ଧାର୍ଯ୍ୟ,
ତମ ପ୍ରେମରେ ଧରାପଡ଼ି
ବହୁଦିନୁ ମୁଁ ଆବଦ୍ଧ, ଅନ୍ଧ
ଅୟସ ମନର ଆକ୍ୱାରିୟମ୍‌ରେ
ଯମ ସହିତ ନିତି ମୋର ଯୁଦ୍ଧ।

ଫୁଲର ଜାଲରେ ଭଅଁର
ଧୀବର ଜାଲରେ ମାଛ
ଅସୂୟାର ଜାଲରେ ମଣିଷ
ଦ୍ୱେଷର ଜାଲରେ ଦେଶ
ଯୁଦ୍ଧର ଜାଲରେ ବିଶ୍ୱ
ସମସ୍ତେ ଅଣନିଃଶ୍ୱାସୀ, ରୁଦ୍ଧ।

ହେଇଯା'ନ୍ତି କି ମୂଷାଟିଏ
ଟିକିଟିକି ମୁନିଆଁ ଦାନ୍ତରେ
କାଟିଦେଇ ମାୟାମୋହର
ଝୁମୁକା ବନ୍ଧା ଜାଲଟିକୁ
ମାରନ୍ତି ଡିଆଁଟିଏ,
କାଣିଚାଏ ଶାନ୍ତିରେ ନିଃଶ୍ୱାସ।

ମୋ: ୮୨୮୦୨୧୧୦୦୦

କ ବି ତା

### ଏମିତି ଜୀବନ

**ସାଗରିକା ପଟ୍ଟନାୟକ**

**ସମ୍ପର୍କ**
ରକ୍ତସମ୍ପର୍କ ଛଡ଼ା
ଅନ୍ୟ ସମ୍ପର୍କଗୁଡ଼ାକ
ଭାରି ପାଣିଚିଆ
ସ୍ୱାର୍ଥ ସରିଲେ
କାହାଣୀ ସରିଯାଏ
ଗଛ ମରେନା
ହେଲେ ଫୁଲ ଝଡ଼ିଯାଏ...

**ଲୁହ**
ଜହ୍ନ ରାତିରେ
ତାରା କାହିଁକି କାନ୍ଦେ
ନିଜକୁ ନିଜେ ପଚାରିଲି
ମନ କହିଲା
ଲୁହଗୁଡ଼ାକ ପୋଛି ଦେ
ସେ ଢେର୍ ଦିନୁ ତୋତେ ଭୁଲିଗଲାଣି...

**ଜୀବନ**
ଫିକ୍‌କିନା ହସୁ ହସୁ
ସ୍ୱପ୍ନଟା ସରିଗଲା
ଚିହ୍ନା ସକାଳରେ
ନିଦୁଆ ଆଖିକୁ ଦେଖି
ସୂର୍ଯ୍ୟମୁଖୀ କହିଲା
ଫେରିଯିବା ତ ପ୍ରକୃତିର ନିୟମ
ହୃଦୟ ଦୁଆର ଖୋଲାଥାଉ
ଏସନ ଫଗୁଣରେ କେହି କାଳେ ଆସିବ...
ଧେତ୍... ଏତେ କଥା...

ମୋ: ୯୮୬୧୭୫୦୨୯୨

### ଗୀତି–କବିତା

### କେମିତି କହିବି କୁହ

**ଜନ୍ମେଜୟ ପଣ୍ଡା**

କାଚ କାନ୍ଥଟିଏ ଗଢ଼ିଦେଲା ପରେ
କେମିତି କହିବି କୁହ,
କାଇଁଚମାଳିକୁ ମୁକୁତା ଭାବିକି
କେତେ ମୁଁ ଢାଳୁଛି ଲୁହ।

ପତଙ୍ଗଟିଏକୁ ଦେଖ ଯାଇ ଥରେ
କେତେ ଦୁଃଖ ତା'ର ଭବେ,
ସଞ୍ଜ ଅନ୍ଧାରରେ ନୀଳ ନିଆଁ ଦେଖି
ଜିଅନ୍ତା ମରଣ ଲଭେ।

କଳଙ୍କକୁ କିଆଁ କଜଳ କରିଣ
କୁରୁଳି ଉଠୁଛ ଏକା,
କଳା ଆଖି ତଳେ କୋହ ଉଛୁଳିଲେ
କଜଳ ବି ଲାଗେ ଫିକା।

କାଳନାଗ ପରି ପ୍ରେମର ଦଂଶନ
କେତେଯେ ବିବଶ କରେ,
କଳା ଅନ୍ଧାରକୁ ପଚାରିବ ଯାଇ
କେତେ ସେ ଆଲୁଅ ଝୁରେ।

କାହିଁକି କହିଲ ପ୍ରାପ୍ତି ଦେଖିବନି
କରିଲେ କାହାକୁ ପ୍ରେମ,
କିଏ ଏଠି କୁହ ପାଇବା ଆଶାରେ
କାନ୍ଦିନାହିଁ ଗୋଟେ ଦିନ!

ମୋ: ୭୦୦୮୭୫୨୬୩୧

## କାଳକାଳକୁ



**''ସେଇ ବହିଟି ମହତ୍ତ୍ୱପୂର୍ଣ୍ଣ, ଯାହା ଆପଣଙ୍କ ପାଇଁ କିଛି ଅର୍ଥ ରଖେ।''**
**– ୱିଲିୟମ୍ ସମରସେଟ୍ ମମ୍**

**ୱିଲିୟମ୍ ସମରସେଟ୍ ମମ୍‌ଙ୍କ** ଜନ୍ମ ୨୫ ଜାନୁଆରୀ ୧୮୭୪ରେ ଓ ପରଲୋକ ୧୬ ଡିସେମ୍ବର ୧୯୬୫ରେ, ଫ୍ରାନ୍ସରେ। ଡାକ୍ତରୀ ପାସ୍ ସତ୍ତ୍ୱେ ଚିକିତ୍ସା ସେବାକୁ ବୃତ୍ତି ନ କରି ସେ ତାଙ୍କର ସମଗ୍ର ଜୀବନ ସାହିତ୍ୟ ପାଇଁ ଉତ୍ସର୍ଗ କରିଛନ୍ତି। ୧୮୯୭ରେ ତାଙ୍କର ପ୍ରଥମ ଉପନ୍ୟାସ 'ଲିଜା ଅଫ୍ ଲାମ୍ବେଥ୍' ପ୍ରକାଶ ପାଇଥିଲେ ବି ଆଗ ନାଟକ ପାଇଁ ତାଙ୍କୁ ଖ୍ୟାତି ମିଳିଛି। ତାଙ୍କର ମୋଟ ନାଟକ ସଂଖ୍ୟା ୩୨ ଓ ୧୯୩୩ରେ ଶେଷ ନାଟକଟି ଲେଖିବା ପରେ ନାଟକ ରଚନା ଛାଡ଼ି ସେ ଉପନ୍ୟାସ ଓ ଗଳ୍ପଲେଖାରେ ମନୋନିବେଶ କରିଛନ୍ତି। ତାଙ୍କର ପ୍ରସିଦ୍ଧ ଉପନ୍ୟାସ ଓ ଗଳ୍ପ ମଧ୍ୟରେ ରହିଛି– ଉପନ୍ୟାସ: 'ଅଫ୍ ହ୍ୟୁମାନ୍ ବଣ୍ଡେଜ୍' (୧୯୧୫), 'ମୁନ୍ ଆଣ୍ଡ୍ ସିକ୍ସପେନ୍ସ' (୧୯୧୯), 'ଦ ପେଣ୍ଟେଡ୍ ଭେଲ୍' (୧୯୨୫) ଓ 'ଦ ରେଜର୍‌ସ ଏଜ୍ (୧୯୪୪); ଗଳ୍ପ: 'ଦ କାଜୁଆରିନା ଟ୍ରି' (୧୯୨୬) ଓ 'ଦ ମିକ୍ସଚର୍ ଏଜ୍ ବିଫୋର୍' (୧୯୪୦)।

## ପାପର ବାପ

**ସନ୍ତୋଷ ମିଶ୍ର**

### ଲଘୁ ଗଳ୍ପ

ଥରେ ଜଣେ ଗଣିକା ମନରେ ଭାବାନ୍ତର ସୃଷ୍ଟି ହେଲା– ନିଜର ରୂପଯୌବନ ଅଗଣିତ ପୁରୁଷମାନଙ୍କୁ ସମର୍ପି ସେମାନଙ୍କର ଦୈହିକକ୍ଷୁଧା ନିବାରଣ କଲା ସିନା, ପ୍ରତିବଦଳରେ ପାଇଲା କ'ଣ! ପାପର ସ୍ୱାକ୍ଷର ଥିବା ପୁଳାପୁଳା ଟଙ୍କା! ହେଲେ ଯୌବନ ଢଳିଗଲା ପରେ ସେ କରିବ କ'ଣ! ପାପପଙ୍କିଳ ସଂସାରରେ କେତେଦିନ ଆଉ ଘାଣ୍ଟି ହେବ! କିଏ ତାକୁ ଦେଖାଇବ ମୁକ୍ତିର ମାର୍ଗ!

ସାଧୁ, ସନ୍ନ୍ୟାସୀ, ବ୍ରାହ୍ମଣ ଓ ବୈରାଗୀ ସମସ୍ତଙ୍କୁ ନିବେଦନ କଲା ମୁକ୍ତିର ମାର୍ଗ ପାଇଁ। ପ୍ରତ୍ୟେକ ସମ୍ପ୍ରଦାୟ ପରାମର୍ଶ ଦେଲେ ସେମାନଙ୍କ ସେବା ହିଁ ମୁକ୍ତିର ମାର୍ଗ। ମାତ୍ର ସେମାନଙ୍କ ପରାମର୍ଶ ସେ ଗ୍ରହଣ କରିପାରିଲା ନାହିଁ।

ଶେଷରେ ସମସ୍ତ ଗଣିକାଙ୍କୁ ନେଇ ସେ ଏକ ସତ୍‌ସଂଗର ଆୟୋଜନ କଲା। ଖାଇବା ପିଇବାର ବ୍ୟବସ୍ଥା ମଧ୍ୟ କରାଗଲା।

ଅନତିଦୂରରେ ଜଣେ ସାଧୁଙ୍କର ଆଶ୍ରମ ଥିଲା। ଗଣିକାମାନେ ସତ୍‌ସଂଗ ଆୟୋଜନ କରୁଥିବାର ଦେଖି ସେ ଆଶ୍ଚର୍ଯ୍ୟ ହେଲେ। ସେ କାହାକୁ କିଛି ନ କହି ପେୟନଳାରେ ବହି ଯାଉଥିବା ପେୟ ପାଖରେ ବସି ହାତ ଧୋଇବାକୁ ଲାଗିଲେ। କୌତୂହଳବଶତଃ ଗଣିକା ସାଧୁଙ୍କ ପାଖକୁ ଆସି କହିଲା– ''ସାଧୁ ମହାରାଜ! ପେୟରେ କ'ଣ ହାତ ସଫାହୁଏ ?'' ସାଧୁ କହିଲେ– ''ତମେମାନେ ତା'ହେଲେ ସତ୍‌ସଂଗ କରୁଚ କିପରି। ମଇଳା ପାଣିରେ କ'ଣ ମଇଳା ସଫାହୁଏ।'' ସାଧୁଙ୍କ ଇଙ୍ଗିତ ଗଣିକା ବୁଝିପାରିଲା। ତାଙ୍କ ଗୋଡ଼ ତଳେ ପଡ଼ିଯାଇ କହିଲା– ''ହେ ସାଧୁ ମହାରାଜ! ଆପଣ ମୋତେ ଶିଷ୍ୟା ଭାବେ ଗ୍ରହଣ କରି ମୁକ୍ତିର ମାର୍ଗ ଦେଖାନ୍ତୁ।'' ସାଧୁ ଗଣିକା କଥାରେ ରାଜି ହେଲେ।

ନିକଟବର୍ତ୍ତୀ ଗାଁରେ ଜଣେ ପଣ୍ଡିତ ରହୁଥିଲେ। ଦିନେ ତାଙ୍କ ସ୍ତ୍ରୀ ପଚାରିଲେ– ତମେ ତ ଏତେ ପାଠ ପଢ଼ିଚ, କହିଲ ଦେଖି ପାପର ବାପ କିଏ ? ପଣ୍ଡିତେ ଯେମିତି ଆକାଶରୁ ଖସି ପଡ଼ିଲେ। ଆରେ ମୁଁ ତ ଏ ପ୍ରଶ୍ନର ଉତ୍ତର ଜାଣିନି। ଏତେ ପାଠ ପଢ଼ିବା ବୃଥା ହେଲା ଯାହା। ତା'ପରେ ସ୍ତ୍ରୀକୁ କହିଲେ– ହଉ, ଦୁଇଦିନ ସମୟ ଦିଅ।

ପଣ୍ଡିତେ ଦୁଇଦିନ କାଳ ସବୁ ବହି ଖେଳାଖେଳି କରି ଠିକ୍ ଉତ୍ତର ପାଇଲେ ନାହିଁ। ଭାବିଲେ, ଆହୁରି ବୋଧେ କିଛି ପାଠ ବାକି ରହିଗଲା। ତେଣୁ ପାଠ ସମ୍ପୂର୍ଣ୍ଣ କରିବା ପାଇଁ ଗୁରୁମାନଙ୍କୁ ସାକ୍ଷାତ୍ କରିବା ଉଦ୍ଦେଶ୍ୟରେ ବାହାରିଲେ କଶ୍ମୀର।

ବାଟରେ ଗଣିକା ସହିତ ଦେଖାହେଲା। ଗଣିକା କହିଲା– ପଣ୍ଡିତ ମହାଶୟ, ପ୍ରଣାମ। କୁଆଡ଼େ ବାହାରିଲେ। ପଣ୍ଡିତ କହିଲେ– କଶ୍ମୀର ଯାଉଚି। ଗଣିକା ପଚାରିଲା– କାହିଁକି ? ଆପଣ ପରା ଏଇ କିଛିଦିନ ହେଲା ଆସିଛନ୍ତି କଶ୍ମୀରରୁ। ଶୁଣିଥିଲି ଆପଣଙ୍କ ପାଠପଢ଼ା ସରିଯାଇଛି। ପଣ୍ଡିତ କହିଲେ– ହଁ ଯେ, ମୋ' ସ୍ତ୍ରୀ ଗୋଟେ ପ୍ରଶ୍ନ ପଚାରିଲା। ମୁଁ ଉତ୍ତର ଦେଇ ପାରିଲିନି ତ ସେଥିପାଇଁ ଯାଉଚି। ଗଣିକା ପଚାରିଲା– କି ପ୍ରଶ୍ନ ? ପଣ୍ଡିତ କହିଲେ– ପାପର ବାପ କିଏ ? ଗଣିକା କହିଲା– ଏ ପ୍ରଶ୍ନର ଉତ୍ତର ତ ମୋ' ପାଖରେ ଅଛି। ସେଥିପାଇଁ ଆପଣଙ୍କୁ ଆମ ଘରକୁ ଆସିବାକୁ ପଡ଼ିବ। ପଣ୍ଡିତ ଭାବିଲେ– କଶ୍ମୀର ଗଲେ ଧନ ହାନି, ପ୍ରାଣ ପୀଡ଼ା। ଯଦି ୟାଙ୍କଠୁଁ ଉତ୍ତର ମିଳିଯାଏ ତା'ହେଲେ ଭଲ କଥା।



ପଣ୍ଡିତେ ଗଣିକାଘରକୁ ଗଲେ। ଗୋଡ଼ ଧୋଇ ସାରି ଆସନରେ ବସିଲେ। ଗଣିକା କହିଲା– ଆଜ୍ଞା ପ୍ରଥମ ଥର ପାଇଁ ଆମ ଘରକୁ ଆସିଛନ୍ତି। କ'ଣ ଟିକେ ପାଟିରେ ଦେଲେ ଭଲହୁଅନ୍ତା। ପଣ୍ଡିତେ କହିଲେ– ରାମ ରାମ, ତମ ଘରେ ଖାଇବି କ'ଣ, ପାଣି ସୁଦ୍ଧା ପିଇବି ନାହିଁ। ଗଣିକା ଗୋଟେ ଥାଳିରେ ଶହେ ଟଙ୍କା ତାଙ୍କ ଆଗରେ ରଖିଲା। କହିଲା– ଆଜ୍ଞା ତା'ହେଲେ ବାହାରୁ ଜଳଖିଆ ମଗେଇ ଦଉଚି। ପୁଣି ଶହେ ଟଙ୍କା ଥାଳିରେ ରଖିଲା। ପଣ୍ଡିତେ କହିଲେ– ହଉ। ଜଳଖିଆ ପ୍ୟାକେଟ ଆସିବା ପରେ ଗଣିକା ଆଉ ଶହେ ଟଙ୍କା ଥାଳିରେ ରଖି କହିଲା– ଆଜ୍ଞା ପ୍ଲେଟରେ ବାଢ଼ିଦେବି କି ? ପଣ୍ଡିତେ ଟଙ୍କା ଆଡ଼େ ଚାହିଁ କହିଲେ– ହଉ। ପୁଣି ଶହେ ଟଙ୍କା ଥାଳିରେ ରଖି ଗଣିକା କହିଲା– ଆଜ୍ଞା ମୁଁ ଆପଣଙ୍କୁ ଖୁଆଇଦେବି କି ? ପଣ୍ଡିତେ ଦେଖିଲେ– ଚାରିଶହ ଟଙ୍କା ଥାଳିରେ ସେ ରଖି ସାରିଲାଣି। କହିଲେ– ହଉ। ଗଣିକା ପଣ୍ଡିତଙ୍କୁ ଜଳଖିଆ ଖୁଆଇ ଦେବା ପାଇଁ ତାଙ୍କ ପାଟି ପାଖକୁ ହାତ ନେଲା... ପଣ୍ଡିତେ ଖାଇବା ପାଇଁ ଆଁ କଲାବେଳକୁ ଗଣିକା ପଣ୍ଡିତଙ୍କ ଗାଲରେ ଗୋଟିଏ ଶକ୍ତଚାପୁଡ଼ା କଷିଦେଲା। ପଣ୍ଡିତେ ଗାଲ ଆଉଁଶି କହିଲେ– ମାରିଲୁ କାହିଁକି ? ଗଣିକା କହିଲା– ଏଥର ଜାଣିଲେ ତ ପାପର ବାପ କିଏ ? ପଣ୍ଡିତ କହିଲେ– ଟଙ୍କା!

ଗଣିକା କହିଲା– ନା। ମୋତେ ଛୁଇଁଲେ ପାପ ବୋଲି ଭାବୁଥିଲେ। ହେଲେ ଟଙ୍କା ପାଇବାର ଲୋଭ ଆପଣଙ୍କୁ ଏମିତି ଗ୍ରାସିଲା ଯେ ଆପଣ ମୋ' ହାତରୁ ଖାଇ ପାପ କରିବା ପାଇଁ ପ୍ରସ୍ତୁତ ହୋଇଗଲେ। ଅତଏବ ପାପର ବାପ ହେଉଛି ଲୋଭ।

ମୋ: ୭୦୦୮୨୩୭୬୫୦

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧/୨୦୨୫ Bhubaneswar, Saturday, February 1/ 2025

# ରିମା, ମହିଳା ରଗ୍‌ବୀ ଦଳକୁ ସ୍ୱର୍ଣ୍ଣ


ରିମା ଭୋଇ

**ଜାତୀୟ କ୍ରୀଡ଼ା**

## ସ୍ୱସ୍ତି, ପ୍ରତ୍ୟାଶା, ପୁରୁଷ ରଗ୍‌ବୀ ଦଳକୁ ବ୍ରୋଞ୍ଜ

ଭୁବନେଶ୍ୱର, ୩୧।୧ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଭାରୋତ୍ତୋଳନ ଓ ମହିଳା ରଗ୍‌ବୀରୁ ଓଡ଼ିଶାକୁ ସ୍ୱର୍ଣ୍ଣିମ ସଫଳତା ମିଳିଛି। ମହିଳା ୫୯ କେଜି ବର୍ଗରେ ରିମା ଭୋଇ ସ୍ନାଚ୍‌ରେ ୮୪, କ୍ଲିନ୍ ଆଣ୍ଡ ଜର୍କରେ ୧୦୫ ଏହିପରି ମୋଟ ୧୮୯ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ବର୍ଗରେ ହରିୟାଣାର ସ୍ନେହା ରୌପ୍ୟ ଓ ଅରୁଣାଚଳ ପ୍ରଦେଶର ବାଲେୟଲମ ବ୍ରୋଞ୍ଜ ପଦକ ଜିତିଛନ୍ତି। ୫୫ କେଜି ବର୍ଗରେ ଓଡ଼ିଶାର ମୀନା ସାନ୍ତା ୧୮୧ କେଜି ଉତ୍ତୋଳନ କରି ୪ର୍ଥ ଓ ସେହ୍ନା ସୋରେନ ୧୮୦ କେଜି ସହ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ସେହିପରି ଓଡ଼ିଶା ମହିଳା ରଗ୍‌ବୀ ଦଳ ଫାଇନାଲରେ ବିହାରକୁ ୨୯-୫ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି।

ଏହା ବ୍ୟତୀତ ତାରକା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ୬୦ କିଲୋମିଟର ମାସ୍‌ଷ୍ଟାର୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ପୁରୁଷ ରଗ୍‌ବୀ ଦଳ ମଧ୍ୟ ବ୍ରୋଞ୍ଜ ପଦକ ଜିତିଛି। ଓଡ଼ିଶା ବ୍ରୋଞ୍ଜ ମୁକାବିଲାରେ ପଶ୍ଚିମବଙ୍ଗକୁ ୨୬-୧୦ରେ ପରାସ୍ତ କରିଛି। ସୁଇମର ପ୍ରତ୍ୟାଶା ରାୟ ମଧ୍ୟ ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ଏହି ସଫଳତା ପାଇଛନ୍ତି।

ମହିଳା ଖୋ ଖୋ ଦଳ କର୍ନାଟକକୁ ୩୬-୨୩ରେ ହରାଇ ଫାଇନାଲରେ ପ୍ରବେଶ କରିଛି। ସେହିପରି ରାଜ୍ୟର ଉଷୁ ଖେଳାଳି ମଞ୍ଜୁ ମୁଣ୍ଡା ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ ମହିଳା ସାଣ୍ଡାର ୪୫ କେଜି ବର୍ଗରେ ଦିଲ୍ଲୀ ପ୍ରତିଯୋଗୀଙ୍କୁ ପରାସ୍ତ କରିଛନ୍ତି। ସେହିପରି ଓଡ଼ିଶା ମହିଳା ଫୁଟବଲ ଦଳର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ଏହି ଦଳ ତାମିଲନାଡୁକୁ ୨-୦ ଗୋଲରେ ହରାଇ ଦେଇଛି।



ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ବିଜୟିନୀ ପ୍ରତ୍ୟାଶା ରାୟ ଓ ସ୍ୱସ୍ତି ସିଂ।


ଉଷୁ ଫାଇନାଲରେ ପ୍ରବେଶ କରିଥିବା ମଞ୍ଜୁ ମୁଣ୍ଡା।


ମହିଳା ରଗ୍‌ବୀରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ଦଳ।


ବ୍ରୋଞ୍ଜ ବିଜେତା ପୁରୁଷ ରଗ୍‌ବୀ ଦଳ।

# ବାରବାଟୀ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

କଟକ,୩୧।୧ (କାର୍ତ୍ତିକ ସାହୁ)

ପାଖେଇ ଆସୁଛି ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍। ବାରବାଟୀ ଷ୍ଟାଡିୟମରେ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ାମନ୍ତ୍ରୀ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରାଙ୍କ ସହ ୯ ଫେବୃଆରୀରେ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଏକଦିବସୀୟ ମ୍ୟାଚ୍‌କୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି।

ସୂଚନାନୁସାରେ, ଏଥର ବାରବାଟୀ ଷ୍ଟାଡିୟମରେ ପ୍ରଥମ ଥର ଲିଜେଣ୍ଡାରୀ ବକ୍ସର ବ୍ୟବସ୍ଥା କରାଯାଇଛି। ଏଥିରେ ରାଜ୍ୟ ତଥା ଦେଶ ପାଇଁ ସୁନାମ ଅର୍ଜନ କରିଥିବା ବରିଷ୍ଠ ବ୍ୟକ୍ତିତ୍ୱ, କିମ୍ବଦନ୍ତୀ ଖେଳାଳି ଓ ଜାତୀୟ ତଥା ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିତ୍ୱଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିବ। ମୁଖ୍ୟମନ୍ତ୍ରୀ ମାଝୀ ଏହାର ନିର୍ମାଣ ଓ ସ୍ୱତନ୍ତ୍ର ସ୍ଥାନ ବିଷୟରେ ଆଲୋଚନା କରି ଓସିଏ ସମ୍ପାଦକ ଏବଂ ଅନ୍ୟ ସଦସ୍ୟଙ୍କୁ ପ୍ରଶଂସା କରିଛନ୍ତି। ସେ ଗ୍ରାଉଣ୍ଡ ପରିଦର୍ଶନ କରିବା ସହ ମ୍ୟାଚ୍‌କୁ ନେଇ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟର ଅଗ୍ରଗତି ସହ ଦର୍ଶକ ଓ ଖେଳାଳିଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଛନ୍ତି।

ଏହି ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଦ୍ୱାରା ଭାରତ ଓ ଇଂଲଣ୍ଡ ଦଳ ପାଇଁ ଏକ ଥିମ୍ ସଙ୍ଗୀତ 'ସ୍ୱାଗତ ସୁସ୍ୱାଗତ'କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ସ୍ୱାଗତ ସଙ୍ଗୀତରେ ଭରି ରହିଛି ଓଡ଼ିଆ ସ୍ୱାଭିମାନ, ଐତିହ୍ୟ, ସଭ୍ୟତା, ସଂସ୍କୃତି ଓ ପରମ୍ପରାର ଅନନ୍ୟ ଝଲକ। ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ଗୀତିକାର ବିଜୟ ମଲ୍ଲ, ପ୍ରତିଭାଶାଳୀ ପ୍ରଚ୍ଛଦପଟ ଗାୟକ ଋତୁରାଜ ମହାନ୍ତି ଏବଂ ରାପର ସମୀର ମହାନ୍ତି ଗୀତକୁ ସରସ ସୁନ୍ଦର କରିବା ପାଇଁ ଉଦ୍ୟମ କରିଛନ୍ତି।

 କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଆଡ୍‌ଭୋକେଟ ଜେନେରାଲ ଅଫ୍ ଓଡ଼ିଶା ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ପୂର୍ବତନ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓସିଏର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍‌ସିଲ ସଦସ୍ୟ ଓ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପଲ୍‌ଙ୍କ ସମେତ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡିସିପି ଜଗମୋହନ ମୀନା, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ଏବଂ ଓସିଏର ଅନ୍ୟ ବିଶିଷ୍ଟ ସଦସ୍ୟ ଡ. ଅଞ୍ଜନ ଖୁଣ୍ଟିଆ, ବିଜୟ କୁମାର ଦାସ, ଅମିତ ବେହେରା, ଶିବୁ ମଲ୍ଲିକ, ସନ୍ତୋଷ ଦାସ, ତଡ଼ିତ କୁମାର ରାଉତ, ନୃସିଂହ ଚରଣ ଚୌଧୁରୀ, ସୁଶାନ୍ତ କୁମାର ମହାନ୍ତି, ଅନିଲ ବିଶ୍ୱାଳ, ସ୍ୱାଗତ ସାମନ୍ତରାୟ ଓ ନିର୍ବାଣ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଥିମ ସଙ୍ଗୀତ 'ସ୍ୱାଗତ ସୁସ୍ୱାଗତ' ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

■ ଥିମ୍ ସଙ୍ଗୀତ ଉନ୍ମୋଚିତ
■ ପ୍ରଥମ ଥର ଲିଜେଣ୍ଡାରୀ ବକ୍ସ

# ଶିବମ, ହାର୍ଦ୍ଦିକଙ୍କ ଅର୍ଦ୍ଧଶତକ

ପୁଣେ, ୩୧।୧

ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଭାରତ-ଇଂଲଣ୍ଡ ଚତୁର୍ଥ ଟି୨୦ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଶିବମ୍ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଇଂଲଣ୍ଡ ୬ ଓଭରରେ ୧ ଉଇକେଟ ହରାଇ ୬୨ ରନ ସଂଗ୍ରହ କରିଛି।

ଟସ୍ ଜିତି ଇଂଲଣ୍ଡ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ମାତ୍ର ୧୨ ରନ ମଧ୍ୟରେ ଟପ୍ ଅର୍ଡରର ୩ ଉଇକେଟ ସଞ୍ଜୁ ସାମସନ (୧), ତିଳକ ବର୍ମା (୦) ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୦)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଅଭିଷେକ ଶର୍ମା ଓ ରିଙ୍କୁ ସିଂ ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର ଅଭିଷେକ ୧୯ ବଲ୍‌ରୁ ୨୯ ଓ ରିଙ୍କୁ ୨୬ ବଲ୍‌ରୁ ୩୦ ରନ ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ଲୋୟର ଅର୍ଡରରେ ଶିବମ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ଅର୍ଦ୍ଧଶତକ ହାସଲ କରିବାରୁ ଭାରତ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ଦୁହେଁ ୬ଷ୍ଠ ଉଇକେଟରେ ୪୫ ବଲ୍‌ରୁ ୮୭ ରନର ଭାଗୀଦାରି ଗଢ଼ିଥିଲେ। ହାର୍ଦ୍ଦିକ ୩୦ ବଲ୍‌ରୁ ୪ଟି ଲେଖାଏ ଚୌକା ଓ ଛକା ସହାୟତାରେ ୫୩ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ବଡ଼ ଶଟ୍ ମାରିବା ଚକ୍କରରେ ଅକ୍ଷର ପଟେଲ ମାତ୍ର ୫ ରନ କରି ଆଉଟ ହୋଇଥିବାବେଳେ ଅର୍ଶଦୀପ ସିଂ ଖାତା ଖୋଲିବା ପୂର୍ବରୁ ରନଆଉଟ ହୋଇ ଯାଇଥିଲେ। ଦୁବେ ୩୪ଟି ବଲ୍ ଖେଳି ୭ ଚୌକା ଓ ୨ ଛକା ସହାୟତାରେ ୫୩ ରନକରି ଶେଷ ବଲ୍‌ରେ ରନ୍‌ଆଉଟ ହୋଇଥିଲେ। ଅନ୍ତିମ ଓଭରରେ ଚମତ୍କାର ବୋଲିଂ କରିଥିଲେ ଜେମି ଓଭର୍ଟନ। ଭାରତ ୧୯ତମ ଓଭର ଶେଷ ବେଳକୁ ୬ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରି ନେଇଥିଲା। ଦୁବେ ଓ ଅକ୍ଷର କ୍ରିଜରେ ଥିବାରୁ ସ୍କୋର ୨୦୦ ସ୍ପର୍ଶ କରିବ ବୋଲି ଆଶା କରାଯାଉଥିଲା। ମାତ୍ର ଓଭର୍ଟନ ତାହା କରିବାକୁ ଦେଇ ନ ଥିଲେ। ଏହି ଓଭରରେ ସେ ମାତ୍ର ୨ ରନ ବ୍ୟୟ କରିଥିବାବେଳେ ଭାରତ ୩ ଉଇକେଟ ହରାଇଥିଲା। ଫଳରେ ଭାରତ ସ୍କୋର ୧୮୧/୯ରେ ସୀମିତ ରହି ଯାଇଥିଲା। ଇଂଲଣ୍ଡ ବୋଲରଙ୍କ ପକ୍ଷରୁ ସାକିବ ମହମ୍ମଦ ୩ଟି, ଜେମି ଓଭର୍ଟନ ୨ଟି ଏବଂ ବ୍ରେଡନ କାର୍ସ ଓ ଆଡିଲ ରଶିଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଶିବମ୍ ଦୁବେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୧/୯ (ଶିବମ୍ ଦୁବେ-୫୩, ହାର୍ଦ୍ଦିକ ପାଣ୍ଡ୍ୟା-୫୩, ରିଙ୍କୁ ସିଂ-୩୦, ଅଭିଷେକ ଶର୍ମା-୨୯, ସାକିବ ମହମ୍ମଦ-୩/୩୫, ଜେମି ଓଭର୍ଟନ-୨/୩୨, ବ୍ରେଡନ କାର୍ସ-୧/୩୯, ଆଡିଲ ରଶିଦ-୧/୩୫)।

# ଫାଇନାଲରେ ବେଙ୍ଗଲ ଟାଇଗର୍ସ

**ଶୁଟ୍‌ଆଉଟ୍ ୬-୫ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଲା**

ରାଉରକେଲା,୩୧।୧ (ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଶୁଟ୍ ଆଉଟ ୬-୫ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ସ୍ଥିତିରେ ରହିବାରୁ ଫଳାଫଳ ପାଇଁ ଶୁଟ୍ ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚର ୧୮ତମ ମିନିଟ୍‌ରେ ତାମିଲନାଡୁ ଡ୍ରାଗନ୍ସର ଫରୱାର୍ଡ ଖେଳାଳି ନାଥନ୍ ଇଫ୍ରାଉମ୍ସ ଗୋଲଦେଇ ଦଳକୁ ୧-୦ ଗୋଲରେ ଆଗୁଆ କରିଥିଲେ। ଏହି ଗୋଲର ପ୍ରତିଶୋଧ ନେବାକୁ ଯାଇ ବେଙ୍ଗଲ ଟାଇଗର୍ସ ଦଳ ୩୦ ମିନିଟ୍‌ରେ ପ୍ରଦୀପ ସିଂ ସାନ୍ଧୁଙ୍କ ଗୋଲ ବଳରେ ମ୍ୟାଚକୁ ୧-୧ ସ୍ତରକୁ ଆଣିଥିଲା। କିନ୍ତୁ ତାମିଲନାଡୁ ଡ୍ରାଗନ୍ସ ଦଳ ଖେଳରେ ପୁନଃ ପ୍ରତ୍ୟାବର୍ତ୍ତନ କରିଥିଲା। ମ୍ୟାଚର ୩୨ ମିନିଟ୍‌ରେ କାର୍ଥି ସେଲଭାମ୍ ଦ୍ୱିତୀୟ ଗୋଲ ମାରି ଦଳକୁ ୨-୧ ଗୋଲରେ ଆଗୁଆ ରଖିଥିଲେ। ପରେ ବେଙ୍ଗଲ ଟାଇଗର୍ସ ଦଳର ଫରୱାର୍ଡ ଖେଳାଳି ସାମ୍ ଲେନ୍ ମ୍ୟାଚର ୫୩ ମିନିଟ୍‌ରେ ତାମିଲନାଡୁ ଡ୍ରାଗନ୍ସ ବିପକ୍ଷରେ ଗୋଟିଏ ଗୋଲ ମାରିବାରୁ ମ୍ୟାଚ ୨-୨ କୁ ଚାଲି ଆସିଥିଲା। ଶେଷରେ ଶୁଟଆଉଟ୍‌ରେ ବେଙ୍ଗଲ ଟାଇଗର୍ସ ଦଳ ୬-୫ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଏହି ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ ଗୋଲକିପର ଜେମି କାର୍‌ଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।


ହକି ଇଣ୍ଡିଆ ଲିଗ୍‌ରେ ଶୁକ୍ରବାର ରର୍ ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍**

# ଇଂଲଣ୍ଡକୁ ହରାଇ ଭାରତ ଫାଇନାଲରେ

କୁଆଲାଲମ୍ପୁର, ୩୧।୧ (ପି.ଟି.): ଜି. କମଳିନୀଙ୍କ ଚମତ୍କାର ଅର୍ଦ୍ଧଶତକ ଏବଂ ସ୍ପିନରମାନଙ୍କ ପ୍ରଭାବୀ ବୋଲିଂ ଯୋଗୁ ଭାରତ ୯ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରି ଏଠାରେ ଚାଲିଥିବା ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଭାରତ ରବିବାର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଦକ୍ଷିଣ ଆଫ୍ରିକା ପ୍ରଥମ ଥର ଆଇସିସି ୧୯ ବର୍ଷରୁ କମ୍ ଟି୨୦ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଏହି ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୫ ଉଇକେଟରେ ବିଜୟ ହାସଲ କରିଛି। ଦ୍ୱିତୀୟ ସେମିଫାଇନାଲରେ ଭାରତର ଦୁଇ ବାମହାତୀ ସ୍ପିନର ପାରୁନିକା ସିସୋଡିଆ (୩/୨୧) ଓ ବୈଷ୍ଣବୀ ଶର୍ମା (୩/୨୩) ପ୍ରତ୍ୟେକ ତିନୋଟି ଲେଖାଏ ଉଇକେଟ ଅକ୍ତିଆର କରିବା ଦ୍ୱାରା ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୧୩ ରନ କରିପାରିଥିଲା। ଜବାବରେ ଭାରତ ୧୫ ଓଭରରେ ୧ ଉଇକେଟ ବିନିମୟରେ ୧୧୭ ରନ କରି ମ୍ୟାଚ ଜିତି ନେଇଥିଲା। ଓପନର ଜି. ତ୍ରିଶା ୩୫ ରନ କରିଥିବା ବେଳେ କମଳିନୀ ୫୬ ରନ (୫୦ ବଲ୍, ୮ ଚୌକା) କରି ଅପରାଜିତ ରହିଥିଲେ।

# ବ୍ୟାଟିଂ ପରେ ବୋଲିଂରେ ରାଜେଶଙ୍କ ଚମତ୍କାରିତା

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୩୧।୧ (ତପନ ସ୍ୱାଇଁ)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ସର୍ଭିସେସ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ବ୍ୟାଟିଂ ପରେ ବୋଲିଂରେ ଚମତ୍କାରିତା ଦେଖାଇଛନ୍ତି ଓଡ଼ିଶା ଦ୍ରୁତବୋଲର ରାଜେଶ ମହାନ୍ତି। ଓଡ଼ିଶା ପ୍ରଥମ ଇନିଂସରେ ସମସ୍ତ ସ୍ପେଶାଲିଷ୍ଟ ବ୍ୟାଟର ଫେଲ୍ ମାରିଥିବାବେଳେ ଲୋୟର ଅର୍ଡରରେ ଆସି ୬୦ ରନର ମୂଲ୍ୟବାନ ଇନିଂସ ଖେଳିଥିବା ରାଜେଶ ଶୁକ୍ରବାର ବୋଲିଂରେ ମଧ୍ୟ ଚମକ ଦେଖାଇ ୫ ଉଇକେଟ ସଫଳତା ଲାଭ କରିଛନ୍ତି। ଫଳରେ ରବି ଚୌଧାରୀଙ୍କ ଶତକୀୟ ଇନିଂସ ସତ୍ତ୍ୱେ ସର୍ଭିସେସ ପ୍ରଥମ ଇନିଂସରେ ୧୯୯ରେ ଶେଷ ହୋଇଯାଇଛି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୧୬୭ ରନ କରିଛି। ଫଳରେ ୭ ଉଇକେଟ ବାକିଥାଇ ଓଡ଼ିଶା ମୋଟ ୧୪୮ ରନରେ ଅଗ୍ରଣୀଲାଭ କରିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୮୫/୨ରୁ ଖେଳ ଆରମ୍ଭ କରିଥିବା ସର୍ଭିସେସ ପକ୍ଷରୁ ଶତକ ହାସଲ କରିଥିଲେ ରବି ଚୌହାନ। ସେ ୧୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୪ ଚୌକା ଓ ୨ ଛକା ସହାୟତାରେ ୧୨୦ ରନ କରିଥିଲେ। ମାତ୍ର ଓଡ଼ିଶା ବୋଲରଙ୍କୁ ଅନ୍ୟ ବ୍ୟାଟରମାନେ ମୁକାବିଲା କରିବାରେ ବିଫଳ ହୋଇଥିଲେ। ସୂରଜ ବଶିଷ୍ଠ ଦ୍ୱିତୀୟ ସର୍ବାଧିକ ୨୪ ରନ କରିପାରିଥିଲେ। ଓଡ଼ିଶା ବୋଲିଂ ଆକ୍ରମଣର ନେତୃତ୍ୱ ନେଇଥିବା ରାଜେଶ ୧୩.୪ ଓଭର ବୋଲିଂ କରି ୨ଟି ମେଡେନ ନେବାସହ ୬୮ ରନ ବିନିମୟରେ ୫ ଉଇକେଟ ହାସଲ କରିଥିଲେ। ତାପସ ଦାସଙ୍କୁ ୩ ଉଇକେଟ ମିଳିଥିବାବେଳେ ସୁନୀଲ ରାଉଳ ପାଇଥିଲେ ୨ ଉଇକେଟ।

ଦ୍ୱିତୀୟ ଇନିଂସରେ ଓଡ଼ିଶା ପକ୍ଷରୁ ଓପନିଂ ଯୋଡ଼ିରେ ୬୧ ରନ ଯୋଗ କରିଥିଲେ ସ୍ୱସ୍ତିକ ସାମଲ ଓ ଆଶୀର୍ବାଦ ସ୍ୱାଇଁ। ସ୍ୱସ୍ତିକ ୩୭ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ପରେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୨୦ ଓ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ୨୯ ରନକରି ପ୍ୟାଭିଲିୟନ ଫେରିଥିବାବେଳେ ଅର୍ଦ୍ଧଶତକ ପୂରଣ କରି ୬୪ ରନରେ ଅପରାଜିତ ରହିଛନ୍ତି ଆଶୀର୍ବାଦ। ଷ୍ଟମ୍ପ ବେଳକୁ ତାଙ୍କ ସହ ରାଜେଶ ଧୂପର ୧୦ ରନକରି ଅପରାଜିତ ରହିଥିଲେ। ସର୍ଭିସେସ ବୋଲରଙ୍କ ମଧ୍ୟରେ ବରୁଣ ଚୌଧାରୀ, ଅମିତ ଶୁକ୍ଳା ଓ ପୁଲକିତ ନାରଙ୍ଗ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ରାଜେଶ ମହାନ୍ତି

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୮୦। ସର୍ଭିସେସ ପ୍ରଥମ ଇନିଂସ: ୧୯୯/ଅଲଆଉଟ (ରବି ଚୌହାନ-୧୨୦, ରାଜେଶ ମହାନ୍ତି-୫/୬୮, ତାପସ ଦାସ-୩/୫୭, ସୁନୀଲ ରାଉଳ-୨/୫୭)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୬୭/୩ (ଆଶୀର୍ବାଦ ସ୍ୱାଇଁ-୬୪*, ସ୍ୱସ୍ତିକ ସାମଲ-୩୭, ଗୋବିନ୍ଦ ପୋଦ୍ଦାର-୨୯, ବରୁଣ ଚୌଧାରୀ-୧/୩୨, ଅମିତ ଶୁକ୍ଳା-୧/୯, ପୁଲକିତ ନାରଙ୍ଗ-୧/୨୨)।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ